ଟିପ୍ପଣୀ

୯

ବିକାଶର ପ୍ରକୃତି ଏବଂ ନିର୍ଦ୍ଧାରକ

ସମସ୍ତ ସଜୀବମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱରୂପ ହେଉଛି ପରିବର୍ତ୍ତନ। ଗର୍ଭ ସଞ୍ଚାରଣ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ଜୀବନକାଳର ଗତିପଥକୁ ଆମେ ଯଦି ଲକ୍ଷ୍ୟ କରିବା ତେବେ ଏହି ପରିବର୍ତ୍ତନମାନ ଅତ୍ୟନ୍ତ ଚିତ୍ତାକର୍ଷକ ମନେହେବ। ଗର୍ଭସ୍ଥ ଶିଶୁଟିଏ ଜଣେ ବୟସ୍କ ବ୍ୟକ୍ତି ଏବଂ ତତ୍ପରେ ବୃଦ୍ଧରେ ପରିବର୍ତ୍ତନ ହେବାର ଯାତ୍ରାପଥ ଅତ୍ୟନ୍ତ ମନମୁଗ୍ଧକର। ମନୁଷ୍ୟ ଜୀବନକୁ ସାଧାରଣ ଭାବେ ଲକ୍ଷ୍ୟକଲେ ଆମେ ସ୍ପଷ୍ଟରୂପେ ଜାଣିପାରିବା ଯେ, ଆମ ଶରୀର ଓ ମାନସିକ କ୍ରିୟାରେ ପ୍ରତ୍ୟେକ ଦିନ ଅନେକ ପରିବର୍ତ୍ତନ ଘଟିଥାଏ। ଅବଶ୍ୟ କେତେକ ପରିବର୍ତ୍ତନ ଆନୁବଂଶିକ ଉତ୍ପାଦକମାନଙ୍କ ଦ୍ୱାରା ଅଧିକ ମାତ୍ରାରେ ନିର୍ଦ୍ଧାରିତ ହେଉଥିବାବେଳେ ଅନ୍ୟକେତେକ ପାରିବେଶିକ ଓ ସାଂସ୍କୃତିକ ଉତ୍ପାଦକ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ବିଭିନ୍ନ ସଂସ୍କୃତିରେ ବିକାଶ ନିମନ୍ତେ ଭିନ୍ନ ଭିନ୍ନ ଲକ୍ଷ୍ୟ ସ୍ଥିରିକୃତ ହୋଇଥାଏ ଏବଂ ଶିଶୁମାନଙ୍କୁ ପାଳନ କରିବା ପାଇଁ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରାଯାଏ। ବ୍ୟକ୍ତିର ସର୍ବୋତ୍ତମ ବିକାଶର ସମ୍ଭାବନାକୁ ବୃଦ୍ଧିକରିବା କ୍ଷେତ୍ରରେ ଆମକୁ ଜୀବନକାଳ ମଧ୍ୟରେ ଘଟୁଥିବା ବିକାଶର ସ୍ୱରୂପ ଓ ପ୍ରକ୍ରିୟାକୁ ବୁଝିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢ଼ିବାପରେ ତୁମେ ସକ୍ଷମ ହୋଇପାରିବ:

- ବିକାଶ ପ୍ରକ୍ରିୟାର ସ୍ୱରୂପକୁ ବର୍ଣ୍ଣନା କରିବା ଏବଂ ଏହାକୁ ଅନ୍ୟାନ୍ୟ ପ୍ରତ୍ୟୟମାନଙ୍କଠାରୁ ପୃଥକ କରିବା।
- ମାନବ ବିକାଶର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ପର୍ଯ୍ୟାୟ ଗୁଡ଼ିକୁ ବର୍ଣ୍ଣନା କରିବା।
- ମାନବ ବିକାଶକୁ ପ୍ରଭାବିତ କରୁଥିବା ମୁଖ୍ୟ ଆନୁବଂଶିକ ଓ ପାରିବେଶିକ ଉତ୍ପାଦକମାନଙ୍କର ଚିହ୍ନଟ କରିବା।
- ପ୍ରାକ୍-ଜନ୍ମକାଳୀନ ଓ ଜନ୍ମ ପରବର୍ତ୍ତି ବିକାଶ ଉପରେ ପାରିବେଶିକ ଉତ୍ପାଦକମାନଙ୍କର ପ୍ରଭାବକୁ ଜାଣିବା।

୯.୧ ବିକାଶ ପ୍ରକ୍ରିୟାର ପ୍ରକୃତି

ଏହି ପାଠ୍ୟାଂଶରେ ବିକାଶ ଶବ୍ଦର ଅର୍ଥ, ଏହା ସହିତ ସଂପର୍କ ଥିବା ପ୍ରତ୍ୟୟମାନଙ୍କଠାରୁ ଏହାର ଭିନ୍ନତା ଏବଂ ଏହାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ବୁଝିବା ପାଇଁ ପ୍ରୟାସ କରିବା।

କ. 'ବିକାଶ' ସମ୍ବନ୍ଧରେ ଧାରଣା

ସାଧାରଣତଃ ବିକାଶ କହିଲେ ଏକ ଗତିଶୀଳ ପ୍ରକ୍ରିୟାକୁ ବୁଝାଇଥାଏ ଯଦ୍ଵାରା ବ୍ୟକ୍ତି ତାହାର ଜୀବନକାଳ ମଧ୍ୟରେ ବୃଦ୍ଧିପ୍ରାପ୍ତ ଓ ପରିବର୍ତ୍ତନ ହୋଇଥାଏ। ପ୍ରାୟତଃ ଗର୍ଭସଞ୍ଚାରଣ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘଟିତ ହେଉଥିବା ଗୁଣାତ୍ମକ ପରିବର୍ତ୍ତନର ପ୍ରକ୍ରିୟା ଭାବେ ଏହାକୁ ବିବେଚନା କରାଯାଏ। ଏହି ଅର୍ଥରେ ବିକାଶ ଏକ ବ୍ୟାପକ ଶବ୍ଦ। ଶାରୀରିକ, ଗତ୍ୟାତ୍ମକ, ଜ୍ଞାନାତ୍ମକ, ଜୈବିକ, ସାମାଜିକ, ଆବେଗିକ ଓ ବ୍ୟକ୍ତିତ୍ଵ ସମେତ ସମସ୍ତ କ୍ଷେତ୍ର ସହିତ ଏହାର ସଂପର୍କ ରହିଛି। ଏହା ଜାଣିବା ଉଚିତ୍ ଯେ, ଏହି ସମସ୍ତ କ୍ଷେତ୍ରଗୁଡ଼ିକର ପରସ୍ପର ସହିତ ସଂପର୍କ ରହିଛି। ଉଦାହରଣ ସ୍ଵରୂପ, ଜଣେ ୧୩ବର୍ଷ ବୟସର ବାଳିକାର ଶରୀର ଶାରୀରିକ ଓ ଜୈବିକ ପରିବର୍ତ୍ତନ ମଧ୍ୟଦେଇ ଗତିକରିଥାଏ। ଏତାଦୃଶ ପରିବର୍ତ୍ତନ ଗୁଡ଼ିକର ପୁନଶ୍ଚ ତା'ର ମାନସିକ, ସାମାଜିକ ଏବଂ ଆବେଗି ବିକାଶ ସହିତ ସଂପର୍କ ଥାଏ।

ଗର୍ଭସଞ୍ଚାରରୁ ଏକ ଜୀବନର ଆରମ୍ଭ ହୁଏ। ଯେତେବେଳେ ପିତାଙ୍କର ଶୁକ୍ରାଣୁଦ୍ଵାରା ମାଆତାଙ୍କର ଡିମ୍ବାଣୁ ନିଷେଚିତ ହୁଏ, ଏକ ନୂତନ ଜୀବନର ସୃଷ୍ଟି ହୋଇଥାଏ। ସେହି ସମୟଠାରୁ ମୃତ୍ୟୁପର୍ଯ୍ୟନ୍ତ ଜଣେ ବ୍ରକ୍ତି ପରିବର୍ତ୍ତନ ହେବାକୁ ଲାଗିଥାଏ। ଏପରି ପରିବର୍ତ୍ତନ ଅନିୟମିତ ନ ହୋଇ ବରଂ ଶୃଙ୍ଖଳିତ ଭାବେ ଓ ସାଧାରଣତଃ ଏକ ଢ଼ାଞ୍ଚା ଅନୁଯାୟୀ ହୁଏ। ବିକାଶାତ୍ମକ ପରିବର୍ତ୍ତନ ମାନେ ସର୍ବଦା ବର୍ଦ୍ଧମାନ ବା ବିବର୍ତ୍ତନାତ୍ମକ ହୋଇ ନପାରନ୍ତି। ଏଗୁଡ଼ିକରେ ମଧ୍ୟ କ୍ରିୟାଶୀଳତାରେ ହ୍ରାସ ଯାହାକୁ ଅନ୍ତରାବର୍ତ୍ତନ କୁହାଯାଏ, ତାହା ସଂପୃକ୍ତ ହୋଇପାରନ୍ତି। ବିକାଶ ପ୍ରକ୍ରିୟାରେ ଗୋଟିଏ ଶିଶୁର 'ଦୁଧ ଦାନ୍ତ' ପଡ଼ିଯାଏ, ଯେତେବେଳେ କି ଜଣେ ବୃଦ୍ଧ ବ୍ୟକ୍ତିର ସ୍ମରଣ ଓ ଶାରୀରିକ କ୍ରିୟାଶୀଳତାରେ କ୍ଷୟ ପରିଲକ୍ଷିତ ହୁଏ। ଏଣୁ ବିକାଶକୁ ଲାଭ-କ୍ଷତିର ସଂପର୍କରୂପେ ଦେଖାଯାଏ। ଏଥିରେ କେତେ ନୂଆ ଓ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଘଟିଥାଏ। ପୁରାତନ ବ୍ୟବହାର ଢାଞ୍ଚାଗୁଡ଼ିକ ସେମାନଙ୍କର ପ୍ରାଧାନ୍ୟତା ହରାଇବସିବା ସମୟରେ ନୂଆ ବ୍ୟବହାର ଢାଞ୍ଚାର ସୃଷ୍ଟି ହୋଇଥାଏ।

ଏକ ସାଂସ୍କୃତିକ ପରିପ୍ରେକ୍ଷୀରେ ଉଭୟ ପ୍ରକୃତି ଓ ପୋଷଣର ମିଳିତ ପ୍ରଭାବଦ୍ଵାରା ବିକାଶ ଆକାର ନିଏ। ଗର୍ଭସଞ୍ଚାରଣ ସମୟରେ ଶିଶୁଟିଏ ତାର ପିତାମାତାଙ୍କଠାରୁ ଯେଉଁ ଆନୁବଂଶିକ ଅବଦାନ ହାସଲ କରେ ତାହାକୁ ପ୍ରକୃତି କୁହାଯାଏ। ବ୍ୟକ୍ତିର ଶାରୀରିକ ଗଠନ ଓ କ୍ରିୟାଶୀଳତାର ଅନେକ ବିଭାବ ଏବଂ କେତେକାଂଶରେ ମନୋବୈଜ୍ଞାନିକ ଗୁଣାବଳୀକୁ ଆନୁବଂଶିକତା ନିର୍ଦ୍ଧାଣ କରେ। ଆମେ ଯେଉଁ ଜଟିଳ ଭୌତିକ ଓ ସାମାଜିକ ପରିବେଶ ଭିତରେ ବିକଶିତ ଓ ବୃଦ୍ଧିପ୍ରାପ୍ତ ହୋଇଥାଏ ତାହାର ପ୍ରଭାବକୁ ପୋଷଣ କୁହାଯାଏ। ଭୌତିକ ସାଧନ, ସାମାଜିକ ଅନୁଷ୍ଠାନ ଓ ରୀତିନୀତି, ବିଦ୍ୟାଳୟ ପରି ଶିଶୁ ପରିବେଶର ବିଭିନ୍ନ ବିବମାନେ ତାତ୍ପର୍ଯ୍ୟପୂର୍ଣ୍ଣଭାବେ ବିକାଶର ଫଳାଫଳକୁ ପ୍ରଭାବିତ କରିଥାନ୍ତି।

ଖ. ମୁଖ୍ୟ ବିକାଶାତ୍ମକ ପ୍ରତ୍ୟୟମାନ

ଯଦିଓ ବିକାଶ, ଅଭିବୃଦ୍ଧି ଓ ପରିପକ୍ଵନ ପ୍ରାୟତଃ ଏକ ଅର୍ଥରେ ବ୍ୟବହାର କରାଯାଏ ତଥାପି ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବା ଆବଶ୍ୟକ।

ସାଧାରଣତଃ, କାୟିକ ଢାଞ୍ଚାରେ ପରିମାଣାତ୍ମକ ଆଧିକ୍ୟ ବା ପରିବର୍ତ୍ତନକୁ ଅଭିବୃଦ୍ଧି କୁହାଯାଏ। ଦୃଷ୍ଟାନ୍ତ ସ୍ଵରୂପ, ବୟସ ବୃଦ୍ଧିସହିତ ଶରୀର ଆକାର, ଉଚ୍ଚତା, ଓଜନ, ଶରୀରର ଅଂଶଗୁଡ଼ିକ ଅନୁପାତରେ ପରିମାପକ୍ଷମ ପରିବର୍ତ୍ତନ ଘଟିଥାଏ। ଶବ୍ଦବୋଧ ମଧ୍ୟ ବୃଦ୍ଧିପାଏ। ଅନ୍ୟପକ୍ଷରେ ବିକାଶ ଶବ୍ଦର ଅର୍ଥ ଅଧିକ ବ୍ୟାପକ । ଏଥିରେ ଅଭିବୃଦ୍ଧି ମଧ୍ୟ ଅନ୍ତର୍ଭୁକ୍ତ। ଜ୍ଞାନାତ୍ମକ ଦକ୍ଷତା, ପ୍ରତ୍ୟେକ୍ଷଣାତ୍ମକ ଦକ୍ଷତା, ବ୍ୟକ୍ତିର ଅବେଗାତ୍ମକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କ୍ରିୟାତ୍ମକ ଓ ଗୁଣାତ୍ମକ ପରିବର୍ତ୍ତନକୁ ବିକାଶ ବୋଲି କୁହାଯାଏ।

ବୟସ ବୃଦ୍ଧି ସହିତ ପରିବର୍ତ୍ତନର ପ୍ରାକୃତିକ ପରିପ୍ରକାଶକୁ ପରିପକ୍ଵନ କୁହାଯାଏ, ଯେପରି ଯୌବନକାଳରେ

ଟିପ୍ପଣୀ

ବ୍ୟକ୍ତି ଉପନୀତ ହେଲେ ହରମୋନ୍ ଜନିତ ପରିବର୍ତ୍ତନ ଘଟିଥାଏ । ଏହାର ଏକ ଦୃଷ୍ଟାନ୍ତ ହେଉଛି, କିଶୋରାବସ୍ଥାରେ ଜଣେ ବାଳିକା ପଦାର୍ପଣକରିବା ମାତ୍ରେ ଏଷ୍ଟ୍ରୋଜେନ କ୍ଷରଣର ପ୍ରଭାବ ଯୋଗୁଁ ବକ୍ଷୋଜର ବୃଦ୍ଧିହୁଏ । ଯେଉଁ ପରିବର୍ତ୍ତନ ଗୁଡ଼ିକ ମୁଖ୍ୟତଃ ପ୍ରକୃତିଗତ ଭାବରେ ଜୈବିକ ଏବଂ ଆମର ଆନୁବଂଶିକ ସୂଚୀ ଯୋଗୁଁ ଘଟିଥାଏ, ତାହାକୁ ପରିପକ୍ୱନ କୁହାଯାଏ । ସମୟ ଅନୁଯାୟୀ ଏକ ପୂର୍ବ ନିର୍ଦ୍ଧାରିତ ପରିବର୍ତ୍ତନ ଧାରାକୁ ଆମର ଜୈବିକ ସଂରଚନା ଅନୁସରଣ କରିଥାଏ । ବାଲ୍ୟାବସ୍ଥାରେ ଦାନ୍ତ ଉଠିବା କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ । ବୟସାନୁସାରେ ଶରୀରର ଅନୁପାତିକ ପରିବର୍ତ୍ତନ ହେଉଛି ଏତାଦୃଶ ପୂର୍ବନିର୍ଦ୍ଧାରିତ ସାର୍ବଜନୀନ ଧାରାର ଦୃଷ୍ଟାନ୍ତ ଅଟେ । ଜନ୍ମ ସମୟରେ ମୁଣ୍ଡର ଆମ ସମ୍ପୂର୍ଣ୍ଣ ଶରୀରର ଆପାତତଃ ଅର୍ଦ୍ଧେକ ହୋଇଥାଏ । କିନ୍ତୁ ଏହି ଅନୁପାତ ପ୍ରାପ୍ତ ବୟସ୍କ ଅବସ୍ଥା ପର୍ଯ୍ୟନ୍ତ ହ୍ରାସ ପାଇ ସମ୍ପୂର୍ଣ୍ଣ ଶରୀରର ଏକ ଚତୁର୍ଥାଂଶ ଠାରୁ କମ୍ ଆକାରର ହୋଇଥାଏ । ଏଣୁ, ଆମ ଶରୀରରେ ପରିପକ୍ୱନଜନିତ ପରିବର୍ତ୍ତନମାନ ଶିକ୍ଷଣ କିମ୍ବା ଅସୁସ୍ଥତା ବା କ୍ଷତ ପରି ଅନ୍ୟାନ୍ୟ କାରଣ ମାନଙ୍କ ଯୋଗୁଁ ନହୋଇ ବରଂ ମୁଖ୍ୟତଃ ବୟୋଃବୃଦ୍ଧି ପ୍ରକ୍ରିୟା କାରଣରୁ ଘଟିଥାଏ ।

ଏହା ଲକ୍ଷ୍ୟ କରିବା ଆବଶ୍ୟକ ଯେ ଆଚରଣରେ ପରିବର୍ତ୍ତନ ଶିକ୍ଷଣ ପ୍ରକ୍ରିୟା ଯୋଗୁଁ ମଧ୍ୟ ଘଟିଥାଏ । ପରିବେଷ୍ଟନୀ ସହିତ ବ୍ୟକ୍ତିର ପାରସ୍ପରିକ କ୍ରିୟା ଯୋଗୁଁ ଶିକ୍ଷଣ ହୋଇଥାଏ । ତେବେ ଶିକ୍ଷଣ ନିମନ୍ତେ ପରିପକ୍ୱନ ମୂଳ ଉପାଦାନ ଯୋଗାଇବା ସହିତ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ । ଦୃଷ୍ଟାନ୍ତ ଦିଆଯାଇପାରେ ଯେ ଶିଶୁ ପଢ଼ି ଶିଖିବାକୁ ହେଲେ ଜୈବିକ ସ୍ତରରେ ପ୍ରସ୍ତୁତ ହେବା ଆବଶ୍ୟକ । ଶିଶୁଟି ପଢ଼ି ଶିଖିବା ପୂର୍ବରୁ ତାର ଚକ୍ଷୁ ସଠିକ୍ ଭାବରେ କେନ୍ଦ୍ରୀଭୂତ ହୋଇପାରୁଥିବା ଜରୁରୀ । ଏଣୁ, ପରିପକ୍ୱନ ଓ ଶିକ୍ଷଣ ମିଳିତଭାବରେ ବ୍ୟକ୍ତିର ବ୍ୟବହାରରେ ପରିବର୍ତ୍ତନ ଆଣିଥାନ୍ତି ।

ପ୍ରାଣୀ ଜାତି -ବିଶିଷ୍ଟ ପରିବର୍ତ୍ତନମାନଙ୍କୁ ବିବର୍ତ୍ତନ କୁହାଯାଏ । ବିବର୍ତ୍ତନ ଜନିତ ପରିବର୍ତ୍ତନ ଗୁଡ଼ିକ ଅତ୍ୟନ୍ତ କ୍ରମିକ ଧାରାରେ ଘଟେ ଏବଂ ଗୋଟିଏ ପିଢ଼ିରୁ ଅନ୍ୟପିଢ଼ିକୁ ଗତିକରିଥାଏ, ଯାହା ଫଳରେ ପ୍ରାଣୀଜାତିଟି ତିଷ୍ଠି ରହିବା ନିମନ୍ତେ ଭଲ ଭାବେ ପ୍ରସ୍ତୁତ ରହିଥାଏ । ବାନରରୁ ମନୁଷ୍ୟ ଜାତିର ବିବର୍ତ୍ତନ ନିମନ୍ତେ ୧୪ ନିୟୁତ ବର୍ଷ ଲାଗିଥିଲା । ପ୍ରାଣୀଜାତି ସ୍ତରୀୟ ପରିବର୍ତ୍ତନ ମାନଙ୍କୁ ଜାତି-ବୃତ୍ତୀୟ ଏବଂ ବ୍ୟକ୍ତି ବିଶେଷ ସ୍ତରୀୟ ପରିବର୍ତ୍ତନ ମାନଙ୍କୁ ବ୍ୟକ୍ତିବୃତ୍ତୀୟ ବୋଲି କୁହାଯାଏ । ବିକାଶଧାରାରେ ଘଟୁଥିବା ବର୍ଦ୍ଧମାନ ପରିବର୍ତ୍ତନକୁ ବର୍ଣ୍ଣନା କରିବା ନିମନ୍ତେ ବିବର୍ତ୍ତନ ଶବ୍ଦକୁ ମଧବ୍ୟବହାର କରାଯାଏ ।

ଗ. ବିକାଶର ଗୁଣାବଳୀ

ଅନ୍ୟପ୍ରକାରର ପରିବର୍ତ୍ତନ ଏବଂ ବିକାଶଜନିତ ପରିବର୍ତ୍ତନ ମଧ୍ୟରେ ଥିବା ପ୍ରଭେଦକୁ ଜାଣିବା ନିମନ୍ତେ ବିକାଶ ପ୍ରକ୍ରିୟାର ବିଶିଷ୍ଟ ଗୁଣାବଳୀ ସମ୍ବନ୍ଧରେ ଏକ ମୋଟା ମୋଟି ଧାରଣା ଆଣିବା ଆବଶ୍ୟକ:

- ବିକାଶ ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ଯାହା ଗର୍ଭ ସଞ୍ଚାର ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ରହିଥାଏ ।
- ବିକାଶ ଜନିତ ପରିବର୍ତ୍ତନମାନ ପ୍ରାୟତଃ ସୁବ୍ୟବସ୍ଥିତ, ପ୍ରଗତିଶୀଳ ଏବଂ କ୍ରମାନ୍ୱୟ ସମ୍ପନ୍ନ । ସେଗୁଡ଼ିକ ଏକ ଢାଞ୍ଚାକୁ ଅନୁସରଣ କରିଥାନ୍ତି, ଯେପରି ସାଧାରଣରୁ ନିର୍ଦ୍ଦିଷ୍ଟତା ଏବଂ ସରଳରୁ ଜଟିଳ ଓ ସମନ୍ୱିତ କ୍ରିୟାର ସ୍ତର ଦିଗରେ ଅଗ୍ରସର ହେବା ।
- ବିକାଶ ଏକ ବହୁମୁଖୀ ପ୍ରକ୍ରିୟା ଅଟେ । ଅର୍ଥାତ୍ କେତେକ କ୍ଷେତ୍ରରେ ତୀକ୍ଷଣ୍ ବୃଦ୍ଧି ପରିଲକ୍ଷିତ ହେବାବେଳେ ଅନ୍ୟକ୍ଷେତ୍ରରେ ହ୍ରାସ ଦୃଷ୍ଟିଗୋଚର ହୋଇଥାଏ । ଉଚ୍ଚସ୍ତରର କ୍ରିୟାଶୀଳତାରେ ପରିପକ୍ୱତା ବୃଦ୍ଧି ପ୍ରାୟତଃ ବିକାଶ ଜନିତ ପରିବର୍ତ୍ତନରେ ସଂପୃକ୍ତ ଥାଏ, ଯେପରି ଶବ୍ଦବୋଧ ଏବଂ ଜଟିଳତାରେ ବୃଦ୍ଧି । କିନ୍ତୁ ଏଥିରେ ମଧ ହ୍ରାସ ବା କ୍ଷୟ ସଂପୃକ୍ତ, ଯେପରି ବୃଦ୍ଧକକାଳରେ ଅସ୍ଥିର ଘନତ୍ୱ ଅଥବା ସ୍ମରଣ ଦକ୍ଷତା ।

- ଅଭିବୃଦ୍ଧି ଓ ବିକାଶର ହାର ସର୍ବଦା ସମାନ ହୋଇନଥାଏ। ବିକାଶ ଢ଼ାଞ୍ଚାରେ ଅନଭିବୃଦ୍ଧି ଅବସ୍ଥା ପ୍ରାୟତଃ ଦେଖାଯାଏ ଯାହାକି କୌଣସି ଉନ୍ନତି ନଘଟିବାର ଅବଧିକୁ ସୂଚିତ କରିଥାଏ।
- ବିକାଶ ଜନିତ ପରିବର୍ତ୍ତନମାନ ପରିମାଣାତ୍ମକ (ଯେପରି ବୟସ ସହିତ ଉଚ୍ଚତାର ବୃଦ୍ଧି) କିମ୍ବା ଗୁଣାତ୍ମକ (ଯେପରି ନୈତିକ ମୂଲ୍ୟବୋଧର ବିକାଶ) ହୋଇପାରନ୍ତି।
- ବିକାଶ ଉଭୟ ନିରବଚ୍ଛିନ୍ନ ପ୍ରକ୍ରିୟା ଅଟେ। କେତେକ ପରିବର୍ତ୍ତନ ଖୁବ୍ ଦ୍ରୁତ ଓ ବାହାରକୁ ଦୃଷ୍ଟିଗୋଚର ହୋଇଥାଏ। ଯେପରି ପ୍ରଥମ ଦାନ୍ତର ଆବିର୍ଭାବ। ପୁନଶ୍ଚ ଦୈନନ୍ଦିନ କ୍ରିୟାକଳାପରେ ଅନ୍ୟ କେତେକ ପରିବର୍ତ୍ତନ ସହଜରେ ପରିଲକ୍ଷିତ ହୋଇନଥାଏ, ଯେପରି ବ୍ୟାକରଣଜ୍ଞାନକୁ ହାସଲ କରିବା।
- ବିକାଶ ଜନିତ ପରିବର୍ତ୍ତନମାନ ଅପେକ୍ଷାକୃତ ଭାବରେ ସ୍ଥାୟୀ। ପାଣିପାଗ, କ୍ଳାନ୍ତି ବା ଅନ୍ୟାନ୍ୟ ଆକସ୍ମିକ କାରଣ ଜନିତ ସାମୟିକ ପରିବର୍ତ୍ତନମାନଙ୍କୁ ବିକାଶ ରୂପେ ବିବେଚନା କରାଯାଏ ନାହିଁ।
- ବିକାଶାତ୍ମକ ପରିବର୍ତ୍ତନଗୁଡ଼ିକ ଅତ୍ୟଧିକ ନମନୀୟ ଅଟନ୍ତି। ଅର୍ଥାତ୍ ଅତୀତର ବିକାଶ ହାରକୁ ନେଇ ଯେତିକି ପ୍ରତ୍ୟାଶା ନିର୍ଦ୍ଦିଷ୍ଟ କ୍ଷେତ୍ରେ ଜଣେ ବ୍ୟକ୍ତି ନିମନ୍ତେ କରାଯାଇଥାଏ, ଆକସ୍ମିକ ଭାବେ ସେହି ବ୍ୟକ୍ତିଙ୍କଠାରେ ସେହି କ୍ଷେତ୍ରରେ ଅଧିକ ଉନ୍ନତି ପରିଲକ୍ଷିତ ହୋଇପାରେ। ଏକ ସମୃଦ୍ଧ ପରିବେଷ୍ଟନୀ ଶାରୀରିକ ସାମର୍ଥ୍ୟ କିମ୍ବା ସ୍ମରଣ ଓ ବୌଦ୍ଧିକ ସ୍ତରରେ ଅପ୍ରତ୍ୟାଶିତ ପରିବର୍ତ୍ତନ ସୃଷ୍ଟିକରିପାରେ।
- ବିକାଶ ଏକ ପୂର୍ବାପର ପ୍ରସଙ୍ଗ ଭିତ୍ତିକ ପ୍ରକ୍ରିୟା। ଐତିହାସିକ, ପାରିବେଶିକ ଏବଂ ସାମାଜିକ-ସାଂସ୍କୃତିକ କାରଣମାନଙ୍କ ଦ୍ୱାରା ଏହା ପ୍ରଭାବିତ ହୋଇଥାଏ। ପିତା ବା ମାତାଙ୍କୁ ହରାଇବା, ଦୁର୍ଘଟଣା, ଯୁଦ୍ଧ, ଭୂମିକମ୍ପ ଏବଂ ଶିଶୁପାଳନ ପ୍ରଥା ଆଦି ପରି କେତେକ କାରଣ ବିକାଶ ପ୍ରକ୍ରିୟାକୁ ପ୍ରଭାବିତ କରିପାରନ୍ତି।
- ବିକାଶଜନିତ ପରିବର୍ତ୍ତନର ହାର ବା ବେଗରେ ଯଥେଷ୍ଟ ବ୍ୟକ୍ତିଗତ ଭିନ୍ନତା ରହିଥାଏ। ଆନୁବଂଶିକ କାରଣ ବା ପାରିବେଶିକ ପ୍ରଭାବ ଏହି ଭିନ୍ନତା ପାଇଁ ଦାୟୀ। କେତେକ ଶିଶୁ ସେମାନଙ୍କ ବୟସ ତୁଳନାରେ ଆଶୁବିକାଶଲାଭ କରିଥାନ୍ତି, ଯେତେବେଳେକି କେତେକ ଶିଶୁ ବିକାଶାତ୍ମକ ବିଳମ୍ବର ଶିକାର ହୁଅନ୍ତି। ଉଦାହରଣ ସ୍ୱରୂପ ଯଦିଓ ଜଣେ ସାଧାରଣ ଶିଶୁ ପ୍ରାୟ ୩ବର୍ଷ ବୟସରେ ୩ଶବ୍ଦ ସମ୍ବଳିତ ବାକ୍ୟ କହିବାକୁ ଆରମ୍ଭ କରିଥାଏ, ଏହା କିନ୍ତୁ କେତେକ ଶିଶୁ ୨ବର୍ଷ ବେଳକୁ ହାସଲ କରିଥାନ୍ତି। ଏପରିକି ଅନ୍ୟକେତେକ ୪ବର୍ଷବୟସ ବେଳକୁ ପୂର୍ଣ୍ଣ ବାକ୍ୟଟିଏ କହିବାକୁ ସକ୍ଷମ ହୋଇ ନଥାନ୍ତି। ଆହୁରି ମଧ୍ୟ ଶିଶୁ ଅଛନ୍ତି କଥାକହିବା ବୟସ ଟପିଗଲେ ମଧ୍ୟ କଥା କହିବାକୁ ସକ୍ଷମ ହୋଇପାରିନଥାନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୯.୧

୧. ପ୍ରତ୍ୟେକ ଉକ୍ତି 'ସତ୍ୟ' ବା 'ମିଥ୍ୟା' ଲେଖ।

କ) ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ପରିବର୍ତ୍ତନକୁ ବିକାଶ କୁହାଯାଏ। (ସତ୍ୟ/ମିଥ୍ୟା)

ଖ) ବିକାଶ ଏକ ସମ ହାର ଅନୁଯାୟୀ ହୋଇଥାଏ।(ସତ୍ୟ/ମିଥ୍ୟା)

ଗ) ବିକାଶର ଅଧ୍ୟୟନ ବୃଦ୍ଧାବସ୍ଥାକୁ ପରିସରଭୁକ୍ତ କରେନାହିଁ।(ସତ୍ୟ/ମିଥ୍ୟା)

ଘ) ଜଣେ ବ୍ୟକ୍ତି ଏକ ସମୟରେ କେତେକ ଦିଗରେ ଅଗ୍ରଗତି କରୁଥିବାବେଳେ ଅନ୍ୟଦିଗରେ ହ୍ରାସ ପ୍ରଦର୍ଶନ କରେ। (ସତ୍ୟ/ମିଥ୍ୟା)

ଙ) ପରିବେଷ୍ଟନୀର ସମୃଦ୍ଧି ନାଟକୀୟ ପରିବର୍ତ୍ତନ ସୃଷ୍ଟିକରିପାରେ।(ସତ୍ୟ/ମିଥ୍ୟା)

୨. ନିମ୍ନୋକ୍ତ ପ୍ରଶ୍ନମାନଙ୍କର ସଂକ୍ଷିପ୍ତ ଉତ୍ତର ଲେଖ:

କ) ବିକାଶ ପ୍ରକ୍ରିୟା ସମ୍ବନ୍ଧୀୟ ପ୍ରତ୍ୟୟର ବ୍ୟାଖ୍ୟାକର।

____

ଖ) ମନୁଷ୍ୟ ବିକାଶର ଯେକୌଣସି ତିନିଗୋଟି ମୁଖ୍ୟ ଗୁଣାବଳୀ ଉଲ୍ଲେଖ କର।

____

୯.୨ ବିକାଶପ୍ରକ୍ରିୟାର ପରିସର

ଆମେ ଦେଖିଲେ ଯେ ବିକାଶ ପ୍ରକ୍ରିୟା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନମାନ ଅନ୍ତର୍ଭୁକ୍ତ ଅଟନ୍ତି। ଏହି କ୍ଷେତ୍ର ବା ପରିସରକୁ ତିନିଗୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରାଯାଏ:

୧. **ଶାରୀରିକ ଓ ଗତ୍ୟାତ୍ମକ ବିକାଶ:** ଏହା ଶରୀରିକ ଆକାର ଓ ଗଠନରେ ପରିବର୍ତ୍ତନ, ବିଭିନ୍ନ ଶାରୀରିକ ଅଂଗ ମାନଙ୍କର କାର୍ଯ୍ୟକ୍ଷମତା, ମସ୍ତିଷ୍କର ବିକାଶ, ପ୍ରାତ୍ୟକ୍ଷୀୟ ଓ ଗତ୍ୟାତ୍ମକ ବିକାଶକୁ ବୁଝାଏ।

୨. **ଜ୍ଞାନାତ୍ମକ ବିକାଶ:** ଏଥିରେ ସ୍ମରଣ, ମନୋନିବେଶ, ବୁଦ୍ଧିମତ୍ତା, ଶୈକ୍ଷିକ ଜ୍ଞାନ, ସମସ୍ୟା ସମାଧାନ, କଳ୍ପନା ଏବଂ ସୃଜନଶୀଳତା ସମେତ ବିଭିନ୍ନ ଜ୍ଞାନାତ୍ମକ ଓ ବୌଦ୍ଧିକ ପ୍ରକ୍ରିୟାର ବିକାଶ ଅନ୍ତର୍ଭୁକ୍ତ। ଭାଷାଜ୍ଞାନର ବିକାଶ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

୩. **ସାମାଜିକ-ଆବେଗିକ ବିକାଶ:** କିପରି ଆମେ ଅନ୍ୟଲୋକମାନଙ୍କ ସହିତ ସଂପର୍କ ସ୍ଥାପନକରେ, ଆମର ପ୍ରକ୍ଷୋଭ ଗୁଡ଼ିକ ଆବିର୍ଭୁତ ହୁଅନ୍ତି ଏବଂ ବୟସ ବଢ଼ିବା ସହିତ ଆମଠାରେ ପରିବର୍ତ୍ତନ ଆସେ, ଏସବୁକୁ ସାମାଜିକ-ଆବେଗିକ ବିକାଶ କୁହାଯାଏ। ଏଥିରେ ଆବେଗାତ୍ମକ ଭାବବିନିମୟ ଓ ଆତ୍ମ ନିୟନ୍ତ୍ରଣ, ସ୍ୱୟଂ ଓ ଅନ୍ୟମାନଙ୍କୁ ବୁଝିବା, ଅନ୍ତଃବୈକ୍ତିକ କୌଶଳ, ବ୍ୟକ୍ତିତ୍ୱ, ବନ୍ଧୁତ୍ୱର ସୃଷ୍ଟି ଏବଂ ନୈତିକ ବିଚାର ପ୍ରକ୍ରିୟା ସମ୍ପୃକ୍ତ।



ଚିତ୍ର ୯.୧: ବିକାଶର ବିଭିନ୍ନ ପରିସର ମଧ୍ୟରେ ସମ୍ପର୍କ

ଏହି ପରିସର ବା କ୍ଷେତ୍ରମାନେ ପରସ୍ପର ସହିତ ସମ୍ବନ୍ଧିତ ଏବଂ ପୂର୍ଣ୍ଣମାତ୍ରାରେ ଏକାଠି ହୋଇ ଜଣେ ବ୍ୟକ୍ତିର ବିକାଶ ତାଙ୍କୁ ଅନନ୍ୟ କରନ୍ତି। ପ୍ରତ୍ୟେକ କ୍ଷେତ୍ର ଅନ୍ୟ କ୍ଷେତ୍ରକୁ ପ୍ରଭାବିତ କରିବା ସହିତ ତାଙ୍କଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ଜନ୍ମିତ ଶିଶୁର ଶରୀରିକ ଅଭିବୃଦ୍ଧି ସହିତ ଅନେକ ଗତ୍ୟାତ୍ମକ କୌଶଳ ସେ ହାସଲ

କରେ। ମୁଠାଇ ଧରିବା, ଗୋଟିଏ ସ୍ଥାନରୁ ଯାଇ ଅନ୍ୟ ସ୍ଥାନନରେ ପହଞ୍ଚିବା, ବସିବା, ଗୁରୁଣ୍ଡିବା, ଠିଆ ହେବା ଏବଂ ଚାଲିବା ପରି କ୍ରିୟା ନିମନ୍ତେ ଶିଶୁ ଦକ୍ଷତା ହାସଲ କରିପାରିଲେ ସେ ତାର ପରିବେଶକୁ ଭଲଭାବରେ ଅନ୍ୱେଷଣ କରିପାରେ ଯଦ୍ୱାରା ତାର ଜ୍ଞାନାତ୍ମକ ବିକାଶରେ ଅଗଗତି ଘଟେ। ଉନ୍ନତ ଚିନ୍ତାଧାରା ଓ ଉପଲବ୍ଧ ଉତ୍ତମ ସମାଜିକ ସଂପର୍କ ତଥା ଆବେଗିକ ଅଭିବ୍ୟକ୍ତି ଓ ବୋଧଗମ୍ୟତା ସୃଷ୍ଟିକରିବାରେ ସହାୟତା କରେ। ମୋଟାମୋଟିଭାବେ କହିବାକୁ ଗଲେ, ପ୍ରତ୍ୟେକ କ୍ଷେତ୍ର ଶିଶୁକୁ ସମୃଦ୍ଧ ଅଭିଜ୍ଞତା, ଶିକ୍ଷଣ ଏବଂ ସାମଗ୍ରିକ ବିକାଶ କ୍ଷେତ୍ରରେ ସାହାଯ୍ୟ କରେ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୯.୨

୧. ନିମ୍ନୋକ୍ତ ବାକ୍ୟମାନଙ୍କର ଶୂନ୍ୟସ୍ଥାନ ପୂରଣକର:

କ) ସ୍ମରଣ ଓ ଭାଷାଜ୍ଞାନରେ ଉନ୍ନତି____________ କ୍ଷେତ୍ରର ବିକାଶକୁ ସୂଚିତ କରେ।

ଖ) ଅନ୍ତଃବୈକ୍ତିକ ସଂପର୍କ ସ୍ଥାପନ ____________ ପରିସରଭୁକ୍ତ।

ଗ) ଶରୀର ଆକାର ଓ ଗଠନରେ ପରିବର୍ତ୍ତନ ____________ କ୍ଷେତ୍ରର ବିକାଶକୁ ସୂଚିତ କରେ।

ଘ) ସୁବିଧା ଦୃଷ୍ଟିରୁ ବିକାଶର ପରିସରକୁ ମୁଖ୍ୟତଃ ____________ ଗୋଟି ଶ୍ରେଣୀରେ ବିଭକ୍ତ କରାଯାଏ।

୯.୩ ବିକାଶର ପର୍ଯ୍ୟାୟ

ଯଦିଓ ବିକାଶ ଏକ ନିରନ୍ତର ପ୍ରକ୍ରିୟା କେତେକ ତତ୍ତ୍ୱବିତ୍ ବିଶ୍ୱାସ କରନ୍ତି ଯେ ମୁଖ୍ୟ ପରିବର୍ତ୍ତନ ଗୁଡ଼ିକୁ ଚିହ୍ନଟ କରିବା ଏବଂ ବିକାଶାତ୍ମକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରଣ କରିବା ନିମନ୍ତେ କ୍ରମବିକାଶକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ଏହା ଜାଣିବା ଉଚିତ୍ ଯେ ପର୍ଯ୍ୟାୟମାନଙ୍କ ମଧ୍ୟରେ କୌଣସି ସ୍ପଷ୍ଟ ବିଭାଜକ ନାହିଁ। ବରଂ ପ୍ରତ୍ୟେକ ପର୍ଯ୍ୟାୟର କିଛି ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟତା ରହିଛି ଏବଂ ଏହା ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଭିତ୍ତି ସ୍ଥାପନ କରିଥାଏ। କେତେକ ତତ୍ତ୍ୱବିତ୍ ମତ ଦିଅନ୍ତି ଯେ କିଛି ନିର୍ଦ୍ଧିଷ୍ଟ କ୍ଷେତ୍ରର ବିକାଶ ମଧ୍ୟ ପର୍ଯ୍ୟାୟଭିତ୍ତିକ ହୋଇଥାଏ। ଦୃଷ୍ଟାନ୍ତ ସ୍ୱରୂପ ପିଆଜେ ଜ୍ଞାନାତ୍ମକ ବିକାଶର ବିଭିନ୍ନ ପର୍ଯ୍ୟାୟକୁ ଚିହ୍ନଟ କରିଛନ୍ତି ଏବଂ ଫ୍ରଏଡ୍ ମାନସ-ଯୌନ ବିକାଶର ପର୍ଯ୍ୟାୟ ସମ୍ବନ୍ଧରେ ମତପୋଷଣ କରିଛନ୍ତି। ଅନ୍ୟ ଅଧ୍ୟାୟମାନଙ୍କରେ ଏହି ତତ୍ତ୍ୱଗୁଡ଼ିକ ବ୍ୟାଖ୍ୟା କରାଯିବ।

କ. ବିକାଶାତ୍ମକ ପର୍ଯ୍ୟାୟ: ଜୀବନକାଳ ପରିପ୍ରେକ୍ଷୀ

ଅଧିକାଂଶ ମନୋବୈଜ୍ଞାନିକ ବିକାଶର ନିମ୍ନୋକ୍ତ ପର୍ଯ୍ୟାୟଗୁଡ଼ିକୁ ଚିହ୍ନଟ କରିଛନ୍ତି:

- **ପ୍ରାକ୍ ଜନ୍ମକାଳୀନ ଅବଧି (ଗର୍ଭସଞ୍ଚାର ଠାରୁ ଜନ୍ମଭାଲ ପର୍ଯ୍ୟନ୍ତ):** ଏହି ସମୟରେ ଗର୍ଭାଶୟ ଭିତରେ ଏକକୋଷୀ ଜୀବଟି ଏକ ମାନବ ଶିଶୁରେ ପରିବର୍ତ୍ତିତ ହୁଏ।
- **ଶୈଶବାବସ୍ଥା ଏବଂ ଚଳନଶୀଳ ଅବସ୍ଥା(ଜନ୍ମ ଠାରୁ ୨ବର୍ଷ ବୟସ):** ଶରୀର ଓ ମସ୍ତିଷ୍କରେ ଦ୍ରୁତ ପରିବର୍ତ୍ତନ ବିଭିନ୍ନ ସଂବେଦନାତ୍ମକ, ଗତ୍ୟାତ୍ମକ, ସାମାଜିକ ଓ ଜ୍ଞାନାତ୍ମକ ଦକ୍ଷତା ସୃଷ୍ଟିରେ ସହାୟତା କରେ।
- **ଆଦ୍ୟବାଲ୍ୟାବସ୍ଥା (୨ରୁ ୬ବର୍ଷ):** ଗତ୍ୟାତ୍ମକ କୌଶଳଗୁଡ଼ିକ ସଂଶୋଧିତ ହୁଏ, ଭାଷାର ବିକାଶ ଘଟେ, ସାଙ୍ଗମେଳ ସହିତ ସମ୍ପର୍କ ସ୍ଥାପନ ହୁଏ, ଏବଂ କ୍ରୀଡ଼ା ଦ୍ୱାରା ଶିଶୁ ଶିକ୍ଷା ଲାଭ କରେ।

- **ମଧ୍ୟ ବାଲ୍ୟାବସ୍ଥା (୬-୧୧ ବର୍ଷ):** ଏହା ବିଦ୍ୟାଳୟକୁ ଯିବାର ସମୟ। ଏହି ଅବଧିରେ ଶିଶୁ ସାହିତ୍ୟ ଜ୍ଞାନ ହାସଲ କରେ, ଭାବନା ସଂଶୋଧିତ ହୁଏ, ବନ୍ଧୁ ସଂପର୍କ ସୃଷ୍ଟିହୁଏ ଏବଂ ଆତ୍ମ ପ୍ରତ୍ୟୟ ବିକଶିତ ହୁଏ।
- **କିଶୋରାବସ୍ଥା (୧୧-୨୦ ବର୍ଷ):** ପ୍ରାକ୍ ଯୌବନକାଳର ଏହି ପର୍ଯ୍ୟାୟରେ ଦ୍ରୁତ ଶାରୀରିକ ଓ ହରମୋନ୍ ଜନିତ ପରିବର୍ତ୍ତନ ଅମୂର୍ତ୍ତ ଚିନ୍ତନର ଆବିର୍ଭାବ, ଯୌନ ପରିପକ୍ୱତା, ଘନିଷ୍ଠ ବନ୍ଧୁ ସମ୍ପର୍କ, ସ୍ୱୟଂ ଉପଲବ୍ଧି ଏବଂ ପିତାମାତାଙ୍କ ନିୟନ୍ତ୍ରଣରୁ ସ୍ୱାଧୀନତା ମନୋଭାବର ସଙ୍କେତ ମିଳିଥାଏ।
- **ଆଦ୍ୟ ପ୍ରୌଢ଼ାବସ୍ଥା (୨୦-୪୦ବର୍ଷ):** ଜୀବନର ଏହି ପର୍ଯ୍ୟାୟରେ ଯୁବକ ବା ଯୁବତୀ ଉଚ୍ଚ ଶିକ୍ଷା କିମ୍ବା ଏକ ବୃତ୍ତି ଅନୁସନ୍ଧାନ ନିମନ୍ତେ ଗୃହ ତ୍ୟାଗ କରନ୍ତି ଏବଂ ଜୀବନ ସାଥୀ ଚୟନ କରି ବିବାହ କରିବା ଓ ସନ୍ତାନ ଲାଭ କରିବା ରେ ସଂପୃକ୍ତ ହୁଅନ୍ତି।
- **ମଧ୍ୟ ପ୍ରୌଢ଼ାବସ୍ଥା (୪୦-୬୦ବର୍ଷ):** ଏହି ପର୍ଯ୍ୟାୟରେ ବ୍ୟକ୍ତି ତାର ବୃତ୍ତିର ସର୍ବୋଚ୍ଚ ସ୍ତରରେ ଥାଏ। ସେ ନିଜର ସନ୍ତାନ ମାନଙ୍କୁ ସ୍ୱାଧୀନ ଜୀବନଯାପନ ଆରମ୍ଭ କରିବାରେ ସାହାଯ୍ୟ କରେ ଏବଂ ତା' ସହିତ ନିଜର ବୃଦ୍ଧ ପିତାମାତାଙ୍କର ମଧ୍ୟ ଯତ୍ନ ନିଏ।
- **ଉତ୍ତର ପ୍ରୌଢ଼ାବସ୍ଥା (୬୦ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ):** ଏହି ଅବଧିରେ ବ୍ୟକ୍ତି କାର୍ଯ୍ୟରୁ ଅବସର ଗ୍ରହଣ କରେ। ତାର ଶକ୍ତି ସାମର୍ଥ୍ୟ ଓ ଶାରୀରିକ ସ୍ୱାସ୍ଥ୍ୟ ହ୍ରାସପାଏ। ନାତି ନାତୁଣୀ ମାନଙ୍କ ଗହଣରେ ସମୟ ଅତିବାହିତ କରେ। ନିଜର ଆସନ୍ନ ବୃଦ୍ଧାବସ୍ଥା ଏବଂ ନିଜର ଓ ଜୀବନସାଥୀର ମୃତ୍ୟୁକୁ ନେଇ ଚିନ୍ତିତ ହୋଇଥାଏ।

ଚିତ୍ର ୯.୨: ମନୁଷ୍ୟ ବିକାଶର ବିଭିନ୍ନ ପର୍ଯ୍ୟାୟ

ଯଦିଓ ବିକାଶର ଏହି ପର୍ଯ୍ୟାୟମାନଙ୍କୁ ସାର୍ବଜନୀନ ଭାବେ ସ୍ୱୀକାର କରାଯାଏ କିନ୍ତୁ ନିର୍ଦ୍ଦିଷ୍ଟ ବୟସ ସୀମା ଯାଦୃଚ୍ଛିକ ଏବଂ ସାଂସ୍କୃତିକ କାରଣମାନଙ୍କ ଉପରେ ନିର୍ଭରଶୀଳ। ଦୃଷ୍ଟାନ୍ତ ସ୍ୱରୂପ, କେତେକ ସଂସ୍କୃତିରେ ଉପଯୁକ୍ତ କିଶୋରାବସ୍ଥା ଏକ ପୃଥକ ପର୍ଯ୍ୟାୟ ବୋଲି ବିବେଚିତ ହୋଇନଥାଏ। ଏଥିରେ ଜଣେ ବ୍ୟକ୍ତି ବାଲ୍ୟାବସ୍ଥାରୁ ସରଳତା ସହକାରେ ପ୍ରୌଢ଼ାବସ୍ଥାକୁ ଗତିକରେ। ବର୍ତ୍ତମାନର ଉନ୍ନତ ଚିକିତ୍ସା, ସ୍ୱାସ୍ଥ୍ୟ ଓ ପ୍ରସାଧନ ସୁବିଧା ଯୋଗୁଁ ବୃଦ୍ଧାବସ୍ଥାର ଧାରଣାରେ ଏକ ପରିବର୍ତ୍ତନ ଘଟିଛି। ମନୁଷ୍ୟ ଆୟୁଷରେ ବୃଦ୍ଧି ଘଟିଛି ଏବଂ ଏହା ଭାରତରେ ଆପାତତଃ ୬୫ବର୍ଷରେ ପହଞ୍ଚିଲାଣି।

ଖ. ଜୀବନର ବିଭିନ୍ନ ପର୍ଯ୍ୟାୟ: ଏକ ଭାରତୀୟ ଦୃଷ୍ଟିଭଙ୍ଗୀ

ପ୍ରାଚୀନଶାସ୍ତ୍ର ମାନଙ୍କରେ ମଧ୍ୟ ମନୁଷ୍ୟ ଜୀବନ କାଳକୁ ପର୍ଯ୍ୟାୟଭିତ୍ତିରେ ବିଚାରକରାଯାଇଛି। ଜୀବନକୁ ଚାରିଗୋଟି ପର୍ଯ୍ୟାୟ ମଧ୍ୟରେ ବିବର୍ତ୍ତନର ଏକ ପ୍ରକ୍ରିୟାଭାବେ ଦେଖାଯାଏ। ଏହି ପର୍ଯ୍ୟାୟମାନଙ୍କୁ ଆଶ୍ରମ ବୋଲି କୁହାଯାଏ, ଯାହାର ଅର୍ଥ ହେଉଛି ଅବସ୍ଥାନ। ମୁଖ୍ୟତଃ ଚାରିଗୋଟି ଆଶ୍ରମ ରହିଛି:

ଟିପ୍ପଣୀ

- **ବ୍ରହ୍ମଚର୍ଯ୍ୟ:** ଏହି ଅବଧିରେ ଜଣେ ଗୁରୁଙ୍କ ମାର୍ଗଦର୍ଶନକରି ଜଣେ ଛାତ୍ରଭାବେ ଶିକ୍ଷାଲାଭ କରିବା ମୁଖ୍ୟକାର୍ଯ୍ୟ ଅଟେ । ସରଳଜୀବନଯାପନ ଓ ଶୃଙ୍ଖଳାଉପରେ ଏଠାରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଏ ।
- **ଗାର୍ହସ୍ଥ୍ୟ:** ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରିବା ଏବଂ ପରିବାର ଗଠନ ଓ ଭରଣ ପୋଷଣ କରିବାର ଦାୟିତ୍ୱ ବହନ କରିବା ଏହି ପର୍ଯ୍ୟାୟରେ ବ୍ୟକ୍ତି ନିମନ୍ତେ ମୁଖ୍ୟ ଉଦ୍ଦେଶ୍ୟ ।
- **ବାନପ୍ରସ୍ଥ:** ଗାର୍ହସ୍ଥ୍ୟ ଜୀବନକୁ ପରିଚାଳିତ କରିବା ଓ ଏଥି ନିମନ୍ତେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାପରେ ସନ୍ନ୍ୟାସର ସମୟ ଆସିଥାଏ । ଏଥିରେ କଠୋର ଶୃଙ୍ଖଳା ଓ ସଂଯମ ଆବଶ୍ୟକ ହୋଇଥାଏ । କିନ୍ତୁ ଯୁବପିଢ଼ି ନିମନ୍ତେ ନିଜର ଦାୟିତ୍ୱକୁ ସମ୍ପନ୍ନ କରିବା ମଧ୍ୟ ଏହି ଅବଧିର ବିଶେଷତ୍ୱ ।
- **ସନ୍ନ୍ୟାସ:** ଜୀବନର ଏହା ଅନ୍ତିମ ପର୍ଯ୍ୟାୟ । ଜାଗତିକ ବିଷୟବସ୍ତୁ ପ୍ରତି ସଂପୂର୍ଣ୍ଣ ଅନାସକ୍ତି, ସମସ୍ତ କାମନାରୁ ମୁକ୍ତି, ଅନ୍ତିମ ଆତ୍ମଜ୍ଞାନ ପ୍ରାପ୍ତି ଏବଂ ସଂସାର ତ୍ୟାଗ ଏହି ପର୍ଯ୍ୟାୟର ମୁଖ୍ୟ ଆବଶ୍ୟକତା ଅଟେ ।

ଏହି ପର୍ଯ୍ୟାୟଗୁଡ଼ିକ ଏକ ନୀତିଉପରେ ପର୍ଯ୍ୟବେସିତ । ନୀତିଟି ହେଉଛି ମନୁଷ୍ୟର ଅଭିବୃଦ୍ଧି ସହିତ ଜାଗତିକ କର୍ତ୍ତବ୍ୟଗୁଡ଼ିକରେ ଅଂଶଗ୍ରହଣ କରିବା ଓ ସେଗୁଡ଼ିକୁ ସମ୍ପାଦନ କରିବା ଉଚିତ୍ । ପୁନଶ୍ଚ, ସମାଜର ଉନ୍ନତି ଓ ମଙ୍ଗଳ ନିମନ୍ତେ ତା'ର ଅବଦାନ ମଧ୍ୟ ଆବଶ୍ୟକ ଏବଂ ପରିଶେଷରେ ଆଧାତ୍ମିକ ଭାବରେ ମୁକ୍ତି ଦିଗରେ ଅଗ୍ରସର ହେବା ନିହାତି ଆବଶ୍ୟକ । ଯୁବ ପିଢ଼ିକୁ ସ୍ୱୀକୃତି ହୋବା ବୃଦ୍ଧବ୍ୟକ୍ତିମାନଙ୍କଠାରୁ ଆଶାକରାଯାଏ । ଏହି ପରିକଳ୍ପନା ଅନୁସାରେ ଜଣେ ବ୍ୟକ୍ତି ସମାଜ ତଥା ପ୍ରାଣୀ ଓ ବୃକ୍ଷଲତା ସମେତ ସମସ୍ତ ସଜୀବଙ୍କୁ ଧାରଣ କରିଥିବା ପରିବେଷ୍ଟନୀ ପ୍ରତି ନୈତିକ କର୍ତ୍ତବ୍ୟ ପାଳନ କରି ବଞ୍ଚିରହେ । କେବଳ ଜଣେ ଉପଭୋକ୍ତାଭାବେ ବ୍ୟକ୍ତିଗତ ଫାଇଦାପାଇଁ ପରିବେଷ୍ଟନୀକୁ ଲୁଣ୍ଠନ ନକରି ବରଂ ସମସ୍ତ ଜୀବଜଗତକୁ ନେଇ ସହାବସ୍ଥାନ କରିବାକୁ ଏହା ଗୁରୁତ୍ୱ ଦେଇଥାଏ ।

ଗ . ବିକାଶାତ୍ମକ କାର୍ଯ୍ୟାବଳୀ

ପ୍ରତ୍ୟେକ ବିକାଶାତ୍ମକ ପର୍ଯ୍ୟାୟ ଗୋଟିଏ ପ୍ରଭାବୀ ପ୍ରକୃତି ବିଶିଷ୍ଟ ଅଟେ । ଅର୍ଥାତ୍, ଏକ ପ୍ରମୁଖ ଗୁଣାବଳୀ ଏହାର ସ୍ୱତନ୍ତତାକୁ ନିର୍ଦ୍ଧାରଣ କରିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ କି ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ଗୋଟିଏ ଶିଶୁଠାରୁ ଆଶାକରାଯାଏ, ସେତେବେଳେ ଜଣେ ବୟସ୍କବ୍ୟକ୍ତି କାର୍ଯ୍ୟକରି ତାଙ୍କର ପରିବାରକୁ ଭରଣପୋଷଣ କରିବାର ଆଶା କରାଯାଇଥାଏ । ଯେଉଁ ଅବଧିରେ କିଛି ଗୁଣାବଳୀ ଅନ୍ୟଗୁଣାବଳୀ ତୁଳନାରେ ସୁସ୍ପଷ୍ଟ ହୁଏ ତାହାକୁ ଗୋଟିଏ ପର୍ଯ୍ୟାୟ କୁହାଯାଏ । କିଛି ନିର୍ଦ୍ଦିଷ୍ଟ ପ୍ରକାରର ବ୍ୟବହାର ଓ କୌଶଳମାନଙ୍କୁ ନିର୍ଦ୍ଦିଷ୍ଟ ପର୍ଯ୍ୟାୟମାନଙ୍କରେ ସହଜ ଓ ସଫଳତା ସହକାରେ ଲୋକମାନେ ଶିଖିପାରନ୍ତି ଏବଂ ଏହାହିଁ ଏକ ସାମାଜିକ ପ୍ରତ୍ୟାଶାର ରୂପ ନିଏ । ଦୃଷ୍ଟାନ୍ତ ସ୍ୱରୂପ, ମଧ୍ୟ ବାଲ୍ୟାବସ୍ଥାରେ ଶିଶୁଟିଏ ବିଦ୍ୟାଳୟକୁ ଯିବାନିମନ୍ତେ କାହାର ସହାୟତା ଲୋଡ଼େ ନାହିଁ । ସବୁ ବ୍ୟକ୍ତିଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ବୟସରେ ଏପରି ବିକାଶାତ୍ମକ କାର୍ଯ୍ୟରେ ପାରଙ୍ଗମ ହୁଏ ତେବେ ବିକାଶର ପରବର୍ତ୍ତୀ ପର୍ଯ୍ୟାୟକୁ ସେ ସଫଳତାପୂର୍ବକ ଗତିକରିପାରିବ ବୋଲି ବିବେଚନା କରାଯାଏ ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୯.୩

୧. ପ୍ରତ୍ୟେକ ଉକ୍ତି ସତ୍ୟ ବା ମିଥ୍ୟା ଲେଖ ।

(କ) ବିକାଶାତ୍ମକ ପର୍ଯ୍ୟାୟମାନଙ୍କର ନିର୍ଦ୍ଦିଷ୍ଟ ବୟସ ସୀମା ରହିଛି ।

(ଖ) ପ୍ରାକ୍ ଜନ୍ମକାଳୀନ ଅବଧି ଜନ୍ମଠାରୁ ଗର୍ଭସଞ୍ଚାର ପର୍ଯ୍ୟନ୍ତ ବ୍ୟାପ୍ତ ।

(ଗ) ଦ୍ରୁତ ଶାରୀରିକ ଓ ମନୋବୈଜ୍ଞାନିକ ପରିବର୍ତ୍ତନ ମାନଙ୍କ ଦ୍ୱାରା କିଶୋରାବସ୍ଥା ସୂଚୀତ ହୋଇଥାଏ ।

(ଘ) ବିକାଶ ସମ୍ବନ୍ଧୀୟ ହିନ୍ଦୁ ମତରେ ଚାରିଗୋଟି ପର୍ଯ୍ୟାୟ ରହିଛି।

(ଙ) ବିକାଶର ହିନ୍ଦୁ ଧାରଣା ପରିବାରଠାରୁ ବିଚ୍ଛିନ୍ନ ହୋଇ ରହିବା ନିମନ୍ତେ ପ୍ରୋତ୍ସାହିତ କରେ।

(ଚ) ଏକ ନିର୍ଦ୍ଦିଷ୍ଟ ବୟସର ସମୂହ ନିମନ୍ତେ ସାମାଜିକ ପ୍ରତ୍ୟାଶାକୁ ବିକାଶାତ୍ମକ କାର୍ଯ୍ୟାବଳୀ କୁହାଯାଏ।

୨. ନିମ୍ନୋକ୍ତ ପ୍ରଶ୍ନମାନଙ୍କର ସଂକ୍ଷିପ୍ତ ଉତ୍ତର ଲେଖ:

(କ) ପ୍ରାଚୀନ ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ବିକାଶର ମୁଖ୍ୟ ପର୍ଯ୍ୟାୟଗୁଡ଼ିକ ଉଲ୍ଲେଖ କର।

(ଖ) 'ବିକାଶାତ୍ମକ କାର୍ଯ୍ୟବଳୀ' କହିଲେ ତୁମେ କ'ଣ ବୁଝ ?

୯.୪ ବିକାଶ ଉପରେ ପ୍ରଭାବ

ବିକାଶର ଧାରାକୁ ନିର୍ଦ୍ଧାରଣ କରୁଥିବା କାରଣମାନଙ୍କୁ ବୁଝାଇବାର ତାତ୍ପର୍ଯ୍ୟ ରହିଛି। ଆମେ ପ୍ରତ୍ୟେକେ ଆନୁବଂଶିକ କାରକ ଓ ପରିବେଷ୍ଟନୀଗତ ପ୍ରଭାବରୁ ସୃଷ୍ଟ। ପୂର୍ବଭାଗରେ ପରିପକ୍ୱନ ଓ ଶିକ୍ଷଣର ଭୂମିକା ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଇଛି। ବର୍ତ୍ତମାନ କିଛି ବିଶଦଭାବରେ ଆନୁବଂଶିକତା ଓ ପରିବେଷ୍ଟନୀର ଅବଦାନକୁ ଦୃଷ୍ଟିଦେବା।

କ. ଆନୁବଂଶିକ ପ୍ରଭାବ

ମାତାଙ୍କର ଡିମ୍ବାଣୁ ଓ ପିତାଙ୍କର ଶୁକ୍ରାଣୁ ମିଳିତ ହୋଇ ଏକ ନୂତନ ଜୀବକୋଷ ସୃଷ୍ଟିକରିବା ସମୟରେ ଗର୍ଭସଞ୍ଚାର ହୁଏ। ଜୀବକୋଷର କେନ୍ଦ୍ରରେ ଥିବା କ୍ଷୁଦ୍ର କଣିକା ମାନଙ୍କୁ ଜନନସୂତ୍ରିକା କୁହାଯାଏ। ଜନନସୂତ୍ରିକା ଗୁଡ଼ିକ ଯୋଡ଼ା ଆକାରରେ ରହିଥାନ୍ତି। ମନୁଷ୍ୟ ଜୀବକୋଷରେ ୪୬ଗୋଟି ଜନନସୂତ୍ରିକା ୨୩ଯୋଡ଼ାରେ ସଜ୍ଜିତ ହୋଇ ରହିଥାନ୍ତି। ଗୋଟିଏ ଯୋଡ଼ାର ଗୋଟିଏ ଜନନ ସୂତ୍ରିକା ମା'ଙ୍କଠାରୁ ଏବଂ ଅନ୍ୟଗୋଟିଏ ପିତାଙ୍କଠାରୁ ଆସିଥାଏ। ଜନନସୂତ୍ରିକା ଆନୁବଂଶିକ ସୂଚନାକୁ ସଞ୍ଚୟ ଓ ପ୍ରେରଣ କରିଥାନ୍ତି। ପ୍ରକୃତ ଗୁଣବାହକ ଜନନୀକା ପ୍ରତ୍ୟେକ ଜନନସୂତ୍ରିକାରେ ବହୁ ସଂଖ୍ୟାରେ ଥାଏ।

ନିଷେଚିତ ଡିମ୍ବକୋଷ ଜନନସୂତ୍ରିକାର ବିଭିନ୍ନ ପ୍ରକାରର ସଂଯୋଜନକୁ ଏକତ୍ରିତ କରିଥାଏ। ଏପରି ହେବାଦ୍ୱାରା ସମ ପିତାମାତା ଯୋଡ଼ିରୁ ପ୍ରତ୍ୟେକ ଶିଶୁକୁ ଭିନ୍ନ ଭିନ୍ନ ଜନନୀକା ସ୍ଥାନାନ୍ତରିତ ହୋଇଥାଏ। ଏହି କାରଣରୁ ପ୍ରତ୍ୟେକ ଶିଶୁର ଅନ୍ୟ କୌଣସି ବ୍ୟକ୍ତି ଅପେକ୍ଷା ନିଜର ରକ୍ତ-ସମ୍ପର୍କୀୟମାନଙ୍କ ସହିତ ଅଧିକ ସାମଞ୍ଜସ୍ୟ ଥାଏ। ଏହା ସହିତ ରକ୍ତ ସମ୍ପର୍କୀୟ ମାନଙ୍କ ମଧ୍ୟରେ ଅନେକ ବୈଷମ୍ୟ ମଧ୍ୟ ରହିଥାଏ।

ଖ. ସମାନୁବଂଶୀୟ ଓ ସମରୂପ ଗୋଷ୍ଠୀ

ଆନୁବଂଶିକ ସଞ୍ଚାରଣ ଏକ ଜଟିଳ ପ୍ରକ୍ରିୟା। ମନୁଷ୍ୟ ଜାତିରେ ପରିଲକ୍ଷିତ ହେଉଥିବା ଅଧିକାଂଶ ଗୁଣାବଳୀ ବହୁସଂଖ୍ୟକ ଜନନୀକାର ସଂଯୋଜନ ମାତ୍ର। ଶାରୀରିକ ଓ ମାନସିକ ଗୁଣାବଳୀରେ ଥିବା ବିରାଟ ପାର୍ଥକ୍ୟ ନିମନ୍ତେ ଅସଂଖ୍ୟ ବିନ୍ୟାସ ଓ ସଂଯୋଜନ ହିଁ ଦାୟୀ। କେବଳ ଅଭିନ୍ନ ଯଜମ ଦ୍ୱୟ (ଏକ ଯୁଗ୍ମଜ) ଏକ ମାତ୍ର ଯୁଗ୍ମଜରୁ ସୃଷ୍ଟି ହୋଇଥିବା ହେତୁ ସମରୂପ ଜନନ ସୂତ୍ରିକା ଓ ଜନନୀକା ବହନ କରିଥାନ୍ତି। ଅଧିକାଂଶ ଯମଜ ଭ୍ରାତୃତ୍ୱ ଯମଜ (ଦ୍ୱି-ଯୁଗ୍ମଜ) ଅଟନ୍ତି ଯେଉଁ ମାନେ ଦୁଇଟି ଭିନ୍ନ ଯୁଗ୍ମଜରୁ ସୃଷ୍ଟିହୋଇଥାନ୍ତି। ଭାଇ ଓ ଭଉଣୀ ମଧ୍ୟରେ ସାମଞ୍ଜସ୍ୟ ଥିବା ପରି ଏହି ଭ୍ରାତୃତ୍ୱ ଯମଜଦ୍ୱୟଙ୍କ ମଧ୍ୟରେ ସାମଞ୍ଜସ୍ୟ ରହିପାରେ, କିନ୍ତୁ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ରହେ।



ଚିତ୍ର ନଂ:୩ ଭାତୃତ୍ୱ ଯମଜ ଓ ଅଭିନ୍ନ ଯମଜ ମଧ୍ୟରେ ପାର୍ଥକ୍ୟ

ଜନନୀଗକାଗୁଡ଼ିକ ପ୍ରଭାବୀ କିମ୍ବା ଅପ୍ରଭାବୀ ହୋଇପାରନ୍ତି । ଏହା ଜଣାଅଛି ଯେ ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷମାନଙ୍କ କ୍ଷେତ୍ରରେ ଅଧିକ ବର୍ଣ୍ଣାନ୍ଧତା ବା ନିର୍ଦ୍ଦିଷ୍ଟ କେତେକ ରଙ୍ଗ ପାଇଁ ସମ୍ବେଦନଶୀଳତାର ଅଭାବ ଦେଖାଯାଇଥାଏ । ଆଇ ବା ମାଆ ନିଜେ ବର୍ଣ୍ଣାନ୍ଧ ନହୋଇ ମଧ ଏହାକୁ ବାଳକ-ଶିଶୁପାଖକୁ ସଂଚରଣ କରିଥାନ୍ତି । ଏହାର କାରଣ ହେଉଛି ପୁରୁଷମାନଙ୍କ କ୍ଷେତ୍ରରେ । ଏହି ବିକୃତି ପ୍ରଭାବଶାଳୀ ହୋଇଥିବା ସ୍ଥଳେ ମହିଳାଙ୍କ କ୍ଷେତ୍ରରେ ଏହା ଅପ୍ରଭାବୀ ହୋଇଥାଏ । ଜନନୀକା ଗୁଡ଼ିକ ଯୋଡ଼ି ଗଠନ କରନ୍ତି । ଯଦି ଗୋଟିଏ ଯୋଡ଼ିରେ ଉଭୟ ଜନନୀକା ପ୍ରଭାବୀ ହୋଇଥାନ୍ତି, ତେବେ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଗୁଣ (ଯେପରି ବର୍ଣ୍ଣାନ୍ଧତା) ପ୍ରଦର୍ଶନ କରିଥାଏ । ଯଦି ଗୋଟିଏ ଜନନୀକା ପ୍ରଭାବୀ ହୋଇଥିବାବେଳେ ଅନ୍ୟଟି ଅପ୍ରଭାବୀ ହୁଏ, ତେବେ ପ୍ରଭାବୀ ଜନନୀକା ବଳବତ୍ତର ହେବ । ଅପ୍ରଭାବୀ ଜନନୀକା ପରବର୍ତ୍ତୀ ପୀଢ଼ିକୁ ସଂଚରିତ ହୋଇ ପ୍ରଦର୍ଶନ କରିପାରେ । ସୁତରାଂ, ପ୍ରଭାବୀ ଜନନୀକା ଜଣେ ବ୍ୟକ୍ତିଠାରେ ଏକ ନିର୍ଦ୍ଦିଷ୍ଟ ଗୁଣ ପ୍ରଦର୍ଶିତ କରିବା ଲାଗି ଦାୟୀ । ପ୍ରଦର୍ଶିତ ହେଉଥିବା ଗୁଣାବଳୀକୁ (ଯେପରି ଆଖିର ରଙ୍ଗ) ସମରୂପ ଗୋଷ୍ଠୀ କୁହାଯାଏ । ଅପ୍ରଭାବୀ ଜନନୀକା ସେହିଭଳି ଅନ୍ୟଏକ ଜନନୀକା ସହିତ ଯୋନଇ ନହେବା ପର୍ଯ୍ୟନ୍ତ ଏକ ଗୁଣଭାବରେ ପ୍ରଦର୍ଶିତ ହୋଇପାରେ ନାହିଁ । ଅପ୍ରଭାବୀ ଜନନୀକାଭଳି ଆନୁବଂଶିକ ଭାବେ ସଂଚରିତ ହେଉଥିଲେ ମଧ ଗୁଣାବଳୀ ଆକାରରେ ପ୍ରଦର୍ଶିତ ହୋଇନପାରିଲେ ସେହି ଗୁଣାବଳୀକୁ ମସାନୁବଂଶୀୟ ଗୋଷ୍ଠୀ କୁହାଯାଏ ।

ଏଣୁ ସମାନୁବଂଶୀୟ ଗୋଷ୍ଠୀ ପ୍ରକୃତ ଆନୁବଂଶିକ ତତ୍ତ୍ୱ ବା ଜଣେ ବ୍ୟକ୍ତିର ଆନୁବଂଶିକ ଉତ୍ତରାଧିକାରକୁ ବୁଝାଏ । ଅନ୍ୟପକ୍ଷରେ ଉଭୟ ଆନୁବଂଶିକ ଓ ପାରିବେଶିକ ଉତ୍ପାଦକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବ୍ୟକ୍ତିର ଶାରୀରିକ ଓ ବ୍ୟାବାହାରିକ ଗୁଣାବଳୀକୁ ସମରୂପ ଗୋଷ୍ଠୀ କୁହାଯାଏ ।

ଗ. ପାରିବେଶିକ ପ୍ରଭାବ

ଜଣେ ଶିଶୁ ବଂଶାନୁସରଣ ଭାବରେ ପିତାମାତଙ୍କଠାରୁ ଯାହା ପ୍ରାପ୍ତ ହୋଇଥାଏ, ତାହାକୁ ପ୍ରକୃତି କୁହାଯାଏ । ଶିଶୁର ବିକାଶ ଉପରେ ପରିବେଷ୍ଟନୀର ପ୍ରଭାବକୁ ପୋଷଣ ବୋଲି କୁହାଯାଏ । ଜଣେ ବ୍ୟକ୍ତିର କ୍ରମ ବିକାଶକୁ ବୁଝିବା ନିମନ୍ତେ ଆମକୁ ପ୍ରକୃତି ଓ ପୋଷଣ ବା ବଂଶାନୁକ୍ରମ ଓ ପରିବେଷ୍ଟନୀ ମଧ୍ୟରେ ଘଟୁଥିବା ଜଟିଳ ପାରସ୍ପରିକ କ୍ରିୟାକୁ ଅଧ୍ୟୟନ କରିବାକୁ ହେବ ।

ମନୁଷ୍ୟର କ୍ରମବିକାଶର ପ୍ରାକ୍‌ଜନ୍ମକାଳୀନ ଓ ଜନ୍ମପର ଉଭୟ ପର୍ଯ୍ୟାୟରେ ପରିବେଷ୍ଟନୀଗତ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରାକ୍‌ଜନ୍ମକାଳୀନ ପର୍ଯ୍ୟାୟରେ ଯେତେବେଳେକି ଶିଶୁ ମାତୃ ଗର୍ଭରେ ଥାଏ କେତେକେ ନିର୍ଦ୍ଦିଷ୍ଟ ବୈଧ ବା ଅବୈଧ ଔଷଧ, ମଦ୍ୟ, ସୀସା ଏବଂ ପ୍ରଦ୍ୟୁଷକ ସଦୃଶ ଆଭ୍ୟନ୍ତରୀଣ ବା ବାହ୍ୟକାରକ ମାନେ ଗର୍ଭସ୍ଥ ଶିଶୁର ବିକାଶକୁ ପ୍ରଭାବିତ କରିପାରନ୍ତି। ପ୍ରସବପରେ ଶିଶୁର ବିକାଶକୁ ବିଭିନ୍ନ ପ୍ରକାରର ପରିବେଷ୍ଟନୀଗତ ଉତ୍ପାଦକ ପ୍ରଭାବିତ କରିଥାନ୍ତି। ବିକାଶର ପାରିବେଶିକ ପ୍ରଣାଳୀ ତତ୍ତ୍ୱ ପାରିବେଶିକ କାରକ ମାନେ ଏକ କେନ୍ଦ୍ର ବିଶିଷ୍ଟ ବୃତ୍ତମାଳାରୂପେ ସମନ୍ୱିତ ହୋଇଥାନ୍ତି ବୋଲି ଧାରଣା ଦେଇଥାଏ।



ଚିତ୍ର ୯.୪: ମନୁଷ୍ୟର କ୍ରମ ବିକାଶକୁ ପ୍ରଭାବିତ କରୁଥିବା ପାରିବେଶିକ ପ୍ରଣାଳୀ

ଶିଶୁର ନିଜସ୍ୱ ଗୁଣାବଳୀ ଏବଂ ଗୃହ ପରିବେଶ ସହିତ ତାର ଅନ୍ତଃକ୍ରିୟା ଲଘୁ ପ୍ରଣାଳୀର ଅନ୍ତର୍ଭୁକ୍ତ। ମଧ୍ୟ ପ୍ରଣାଳୀଟି ପରିବାର ସଦସ୍ୟ, ବିଦ୍ୟାଳୟ ଏବଂ ସନ୍ନିହିତ ପରିବେଶ ସହିତ ଶିଶୁର ସଂପର୍କକୁ ନେଇ ଗଠିତ। ପତାମାତାଙ୍କର କାର୍ଯ୍ୟସ୍ଥଳ ବା ଗୋଷ୍ଠୀ ସେବା ସଦୃଶ ପରୋକ୍ଷ କାରକମାନଙ୍କର ପ୍ରଭାବକୁ ବାହ୍ୟ ପ୍ରଣାଳୀ ବୋଲି କୁହାଯାଏ। ସାଂସ୍କୃତିକ ମୂଲ୍ୟବୋଧ, ନିୟମାବଳୀ ଏବଂ ପ୍ରଥାକୁ ଅନ୍ତର୍ଭୁକ୍ତ କରିଥିବା ସଂପୂର୍ଣ୍ଣ ବାହ୍ୟସ୍ତରକୁ ବୃହଦ୍‌ପ୍ରଣାଳୀ କୁହାଯାଏ। ସମୟ ଦିଗକୁ ସୂଚିତ କରୁଥିବା ଏକ କାଳବ୍ୟାପୀ ପ୍ରଣାଳୀ ମଧ୍ୟ ରହିଛି। ଶିଶୁର ବୟସ ବଢ଼ିବା ସହିତ ପ୍ରତ୍ୟେକ ପ୍ରାଣାଳୀରେ ପରିବର୍ତ୍ତନ ଘଟେ ଏବଂ ତା ସହିତ ଶିଶୁର ପରିବେଷ୍ଟନୀ ସହ ଅନ୍ତଃକ୍ରିୟାଯୋଗୁଁ ମଧ୍ୟ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ। ସାମଗ୍ରିକ ଭାବରେ କହିବାକୁ ଗଲେ ପାରିବେଶିକ ପ୍ରଣାଳୀ ତତ୍ତ୍ୱରେ ଶିଶୁମାନେ ସେମାନଙ୍କ ପରିବେଷ୍ଟନୀର ଉଭୟ ଉତ୍ପାଦ ଏବଂ ଉତ୍ପାଦନକାରୀ। ଅନ୍ୟକଥାରେ କହିଲେ ଶିଶୁମାନେ ଓ ସେମାନଙ୍କର ପରିବେଷ୍ଟନୀ ପରସ୍ପର ଉପରେ ନିର୍ଭରଶୀଳ ଫଳାଫଳର ଏକ ସଂପର୍କବଳୟ ମଧ୍ୟରେ ବିକଶିତ ହୋଇଥାନ୍ତି।

ବିକାଶର ପ୍ରକୃତି ଏବଂ ନିର୍ଦ୍ଧାରକ

ବିକାଶର ଆଧୁନିକ ମତ ଉଭୟ ପ୍ରକୃତି ଓ ପୋଷଣକୁ ଗୁରୁତ୍ୱଦିଏ। ଆନୁବଂଶିକତା ଓ ପରିବେଷ୍ଟନୀ ଏତେ ପରସ୍ପରଭେଦୀ ଯେ ସେମାନଙ୍କୁ ଅଲଗା ଭାବରେ ବିଚାର କରାଯାଇନପାରେ। ଏମାନଙ୍କର ପାରସ୍ପରିକ କ୍ରିୟାର ପ୍ରାଭବ ଶିଶୁ ଉପରେ ପଡ଼ିଥାଏ। ସୁତରାଂ, ବିକାଶର କେତେକ ନିର୍ଦ୍ଦିଷ୍ଟ ସାର୍ବଜନୀନ ପ୍ରକୃତି ରହିଛି ଏବଂ ତା ସହିତ ବ୍ୟକ୍ତିର ମଧ୍ୟ ସ୍ୱତନ୍ତ୍ର ପ୍ରକୃତି ରହିଛି। ଆନୁବଂଶିକତାର ଭୂମିକା ବୁଝିବା ବଡ଼ କଥା। କିନ୍ତୁ ପରିବେଷ୍ଟନୀକୁ କିପରି ଉନ୍ନତ କରାଯାଇପାରିବ ତାହା ବୁଝିବା ଦ୍ୱାରା ଅଧିକ ସୁଫଳ ମିଳିବ। ଏହା ଦ୍ୱାରା ଆନୁବଂଶିକତା ଦ୍ୱାରା ନିର୍ଦ୍ଧାରିତ ସୀମା ମଧ୍ୟରେ ଶିଶୁର ସର୍ବୋଚ୍ଚ ସମ୍ଭାବ୍ୟ ବିକାଶ କ୍ଷେତ୍ରରେ ସହାୟତା ମଳିପାରିବ।

ବିକାଶର ନିୟମାବଳୀ ଓ ନିର୍ଦ୍ଧାରକ ମାନଙ୍କର ଏକ ଉପଲବ୍ଧି ଆମକୁ ବିଭିନ୍ନ ଦିଗରେ ସାହାଯ୍ୟ କରିଥାଏ:

୧. ନିର୍ଦ୍ଦିଷ୍ଟ ବୟସରେ ବ୍ୟକ୍ତିର ଦକ୍ଷତା କେତେ ହେବା କଥା ତାକୁ ଜାଣିବା ନିମନ୍ତେ ଏହା ସହାୟତା କରେ।

୨. ସର୍ବୋଚ୍ଚ ବିକାଶ ନିମନ୍ତେ କେତେବେଳେ ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇବାକୁ ହେବ ସେ ସଂପର୍କରେ ସୂଚନା ମିଳେ।

୩. ଶାରୀରିକ ଓ ମନୋବୈଜ୍ଞାନିକ ପରିବର୍ତ୍ତନ ଘଟିବାକୁ ଯାଉଥିବା ବେଳେ ଶିଶୁମାନଙ୍କୁ ପ୍ରସ୍ତୁତ କରିବା କ୍ଷେତ୍ରରେ ପିତାମାତା, ଶିକ୍ଷକ ଏବଂ ଶିଶୁସହ କାର୍ଯ୍ୟକରୁଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ ମିଳିଥାଏ।

୪. ଆମର ବୟସ ବଢ଼ିବା ସହିତ ଶରୀରରେ ଓ ବ୍ୟକ୍ତିତ୍ୱରେ ଆସୁଥିବା ପରିବର୍ତ୍ତନ ନିମନ୍ତେ ନିଜକୁ ପ୍ରସ୍ତୁତ କରିବା କ୍ଷେତ୍ରରେ ମଧ୍ୟ ଏହା ସହାୟତା କରିପାରେ।

୫. ଏହା ବୁଝିବାକୁ ସାହାଯ୍ୟ କରେ ଯେ ଏକ ସମୃଦ୍ଧ ପରିବେଷ୍ଟନୀ ଦ୍ୱାରା ବିକାଶ ପ୍ରକ୍ରିୟାକୁ ସୁଗମ କରିବା ସମ୍ଭବ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୯.୪

୧. ନିମ୍ନୋକ୍ତ ବାକ୍ୟମାନଙ୍କରେ ଥିବା ଶୂନ୍ୟସ୍ଥାନ ପୂରଣ କର।

କ) .... ସମୟରୁ ଆନୁବଂଶିକତା ନିର୍ଦ୍ଧାରିତ ହୁଏ।

ଖ) ମନୁଷ୍ୟ ଜୀବକୋଷରେ .... ଯୋଡ଼ି ଜନନସୂତ୍ରିକା ରହିଛି।

ଗ) ଜନନୀକା ମାନେ .... କିମ୍ବା .... ହୋଇପାରନ୍ତି।

ଘ) ଯେଉଁ ଗୁଣାବଳୀ ଆନୁବଂଶିକ ସଂକେତରେ ସ୍ଥାନାନ୍ତରିତ ହୁଅନ୍ତି କିନ୍ତୁ ପ୍ରଦର୍ଶିତ ହୁଅନ୍ତି ନାହିଁ, ସେମାନଙ୍କୁ .... କୁହାଯାଏ।

ଙ) ପାରିବେଶିକ ପ୍ରଣାଳୀ ତତ୍ତ୍ୱ ଅନୁଯାୟୀ ସାଂସ୍କୃତିକ ମୂଲ୍ୟବୋଧ, ନିୟମାବଳୀ ଏବଂ ପ୍ରଥାକୁ ନେଇ ଗଠିତ ସ୍ତରକୁ .... କୁହାଯାଏ।

ଚ) ଗର୍ଭସ୍ଥ ଶିଶୁର ଯେଉଁ ବାହ୍ୟକାରକ ମାନେ କ୍ଷତି ସାଧନ କରିପାରନ୍ତି ସେମାନଙ୍କୁ .... କୁହାଯାଏ।

୨. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ:

କ) "ସମାନୁବଂଶୀୟ ଗୋଷ୍ଠୀ" ଏବଂ "ସମରୂପ ଗୋଷ୍ଠୀ" ର ବ୍ୟାଖ୍ୟା କର।

ଟିପ୍ପଣୀ

ଖ) ବିକାଶର ପାରିବେଶିକ ପ୍ରଣାଳୀ ତତ୍ତ୍ୱର ମୁଖ୍ୟ ଗୁଣାବଳୀ ସଂକ୍ଷେପରେ ବ୍ୟାଖ୍ୟାକର।

ତୁମେ ଯାହାକିଛି ଶିକ୍ଷାଲାଭ କଲ

- ଜୀବନ କାଳ ମଧ୍ୟରେ ଗର୍ଭସଞ୍ଚାରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ପ୍ରକ୍ରିୟା ଦ୍ୱାରା ବ୍ୟକ୍ତିର ଅଭିବୃଦ୍ଧି ଓ ପରିବର୍ତ୍ତନ ଘଟେ ତାହାକୁ ବିକାଶ କୁହାଯାଏ।
- ବିକାଶ ସୁବ୍ୟବସ୍ଥିତ, କ୍ରମାନ୍ୱୟ ସମ୍ପନ୍ନ, ପ୍ରଗତୀଶୀଳ, ବହୁମାତ୍ରିକ, ବୃହୁମୁଖୀ, ନମନୀୟ ଏବଂ ପୂର୍ବପର ପ୍ରସଙ୍ଗ ଭିତ୍ତିକ ଅଟେ।
- ବିକାଶର ମୁଖ୍ୟ ପରିସରଗୁଡ଼ିକ ହେଉଛନ୍ତି ଶାରୀରିକ, ଜ୍ଞାନାତ୍ମକ ଏବଂ ସମାଜ-ଆବେଗାତ୍ମକ।
- ସୁବିଧା ପାଇଁ ପ୍ରାକ୍ ଜନ୍ମକାଳୀନ ପର୍ଯ୍ୟାୟ ଠାରୁ ଆରମ୍ଭ କରି ଉତ୍ତର ପ୍ରୌଢ଼ାବସ୍ଥା ବା ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ବିକାଶକୁ ବିଭକ୍ତ କରାଯାଇପାରେ।
- କେତେକ ନିର୍ଦ୍ଦିଷ୍ଟ ବିକାଶାତ୍ମକ କାର୍ଯ୍ୟାବଳୀ ପ୍ରତ୍ୟେକ ପର୍ଯ୍ୟାୟର ବୈଶିଷ୍ଟ୍ୟ। ଏହି କାର୍ଯ୍ୟାବଳୀ ହେଉଛି ଏକ ନିର୍ଦ୍ଧିଷ୍ଟ ବୟସର ସମୂହ ନିମନ୍ତେ ସାମାଜିକ ପ୍ରତ୍ୟାଶା।
- ଗର୍ଭସଞ୍ଚାରଣ ସମୟରୁ ଆନୁବଂଶିକ କାରକମାନେ ନିର୍ଦ୍ଧାରିତ ହୋଇଥାନ୍ତି ଏବଂ ଜନନୀକା ଓ ଜନନସୂତ୍ରିକା ଦ୍ୱାରା ଆନୁବଂଶିକ ସୂଚନା ପ୍ରେରିତ ହୋଇଥାଏ।
- ଯେଉଁ ଗୁଣାବଳୀ ଆନୁବଂଶିକ ଭାବରେ ସ୍ଥାନାନ୍ତରିତ ହୁଅନ୍ତି କିନ୍ତୁ ପ୍ରଦର୍ଶିତ ହୁଅନ୍ତି ନାହିଁ ସେମାନଙ୍କୁ ସମାନୁବଂଶୀୟ ଗୋଷ୍ଠୀ କୁହାଯାଏ।
- ଯେଉଁ ଗୁଣାବଳୀ ପ୍ରଦର୍ଶିତ ହୋଇଥାଏ ସେମାନଙ୍କୁ ସମରୂପ ଗୋଷ୍ଠୀ କୁହାଯାଏ।
- ଉଭୟ ପ୍ରାକ୍‌ଜନ୍ମକାଳୀନ ଓ ଜନ୍ମପର ବିକାଶକୁ ପାରିବେଶିକ କାରକମାନେ ପ୍ରଭାବିତ କରିଥାନ୍ତି।
- ବାହ୍ୟ କ୍ଷତିକାରକ କାରକମାନେ ମାତୃଗର୍ଭସ୍ଥ ଶିଶୁର କ୍ଷତିର କାରଣ ହୋଇପାରନ୍ତି।
- ଗର୍ଭବତୀ ମାତାର ରୋଗ, ଖାଦ୍ୟ ଏବଂ ମାନସିକ ଚାପ ଗର୍ଭସ୍ଥ ଶିଶୁର ବିକାଶକୁ ପ୍ରଭାବିତ କରିପାରନ୍ତି।
- ପାରିବେଶିକ ପ୍ରଣାଳୀ ତତ୍ତ୍ୱ ବର୍ଦ୍ଧମାନ ଶିଶୁର ପରିଷ୍ଟେନୀରେ ବିଭିନ୍ନ ଉପପ୍ରଣାଳୀମାନଙ୍କର ପରିକଳ୍ପନା କରେ ଯାହାକି ବିକାଶକୁ ପ୍ରଭାବିତ କରିପାରନ୍ତି।
- ଉଭୟ ପ୍ରକୃତି ଓ ପୋଷଣ ମିଳିତ ଭାବରେ କ୍ରମବିକାଶକୁ ପ୍ରଭାବିତ କରନ୍ତି।

ଅନ୍ତିମ ପ୍ରଶ୍ନାବଳୀ

୧. 'ବିକାଶ', 'ଅଭିବୃଦ୍ଧି', ପରିପକ୍ୱନ' ଏବଂ 'ବିବର୍ତ୍ତନ' ଶବ୍ଦମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

୨. ବିକାଶର ମୁଖ୍ୟ ପରିସର ଗୁଡ଼ିକୁ ବର୍ଣ୍ଣନା କର।

୩. ମନୁଷ୍ୟ ବିକାଶର ମୁଖ୍ୟ ପର୍ଯ୍ୟାୟମାନଙ୍କୁ ଚିହ୍ନ କର।

୪. ବିକାଶ କ୍ଷେତ୍ରରେ ପ୍ରକୃତି ଓ ପୋଷଣର ଆପେକ୍ଷିକ ଗୁରୁତ୍ୱ ଆଲୋଚନା କର।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ନିମନ୍ତେ ଉତ୍ତରମାଳା

୯.୧

୧. (କ) ସତ୍ୟ

(ଖ) ମିଥ୍ୟା

(ଗ) ମିଥ୍ୟା

(ଘ) ସତ୍ୟ

(ଙ) ସତ୍ୟ

୨. (କ) ଭାଗ ୯.୧.୧ର ସହାୟତା ନିଅ।

(ଖ) ଭାଗ ୯.୧.୩ର ସହାୟତା ନିଅ।

୯.୨

କ) ଜ୍ଞାନାତ୍ମକ

ଖ) ସମାଜ-ଆବେଗାତ୍ମକ

ଗ) ଶାରୀରିକ

ଘ) ତିନି

୯.୩

୧. (କ) ମିଥ୍ୟା

(ଖ) ମିଥ୍ୟା

(ଗ) ସତ୍ୟ

(ଘ) ସତ୍ୟ

(ଙ) ମିଥ୍ୟା

(ଚ) ସତ୍ୟ

୨. (କ) ଭାଗ ୯.୩.୨ର ସହାୟତା ନିଅ।

(ଖ) ଭାଗ ୯.୩.୩ର ସହାୟତା ନିଅ।

୯.୪

୧. (କ) ଗର୍ଭସଞ୍ଚାର

(ଖ) ୨୩

(ଗ) ପ୍ରଭାବୀ, ଅପ୍ରଭାବୀ

(ଘ) ସମାନୁବଂଶୀ ଗୋଷ୍ଠୀ

(ଙ) ବୃହଦ୍ ପ୍ରଣାଳୀ

(ଚ) ବିରୂପକାରୀ

୨. (କ) ଭାଗ ୯.୪.୨ର ସହାୟତା ନିଅ।

(ଖ) ଭାଗ ୯.୪.୩ର ସାହାଯ୍ୟ ନିଅ।

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟତାକାରୀ ସୂଚନା

୧. ଭାଗ ୯.୧.୨ର ସାହାଯ୍ୟ ନିଅ।

୧. ଭାଗ ୯.୨ର ସାହାଯ୍ୟ ନିଅ।

୧. ଭାଗ ୯.୩.୧ର ସାହାଯ୍ୟ ନିଅ।

୧. ଭାଗ ୯.୪ର ସାହାଯ୍ୟ ନିଅ।

୧୦

ବାଲ୍ୟାବସ୍ଥା

ବାଲ୍ୟାବସ୍ଥା ଆମ ଅଧିକାଂଶଙ୍କ ନିମନ୍ତେ ଏକ ସୁନ୍ଦର ପର୍ଯ୍ୟାୟ । ଏହି ପର୍ଯ୍ୟାୟ ସହିତ କ୍ରୀଡ଼ା, କଳ୍ପନା ଏବଂ ନିରୀହତା ସଂଶ୍ଳିଷ୍ଟ । ଜୀବନରେ ଏହା ଏକ ନିର୍ଣ୍ଣାୟକ ପର୍ଯ୍ୟାୟ। ଅଭିବୃଦ୍ଧି ଓ ବିକାଶର ଗୁରୁତ୍ୱପୂର୍ଣ୍ଣ ଦିଗମାନ ଯାହାକି ସଂପୂର୍ଣ୍ଣ ଜୀବନକାଳ ନିମନ୍ତେ ନିର୍ଣ୍ଣାୟକ ସେଗୁଡ଼ିକ ଏହି ପର୍ଯ୍ୟାୟ ସହିତ ସଂପୃକ୍ତ। ବାଲ୍ୟାବସ୍ଥକୁ ଅଧିକନ୍ତୁ ଚାରିଗୋଟି ଉପପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ :

(କ) ଶୈଶବ ଅବସ୍ଥା (ଜନ୍ମଠାରୁ ୨ବର୍ଷ),

(ଖ) ପ୍ରାକ୍ ବାଲ୍ୟାବସ୍ଥା (୨ ରୁ ୬ ବର୍ଷ),

(ଗ) ମଧ୍ୟ ବାଲ୍ୟାବସ୍ଥା (୬ ରୁ ୧୧ ବର୍ଷ),

(ଘ) କିଶୋରାବସ୍ଥା (୧୨ ରୁ ୧୯ ବର୍ଷ),

ଶୈଶବ ଅବସ୍ଥା ବିକାଶର ସମସ୍ତ କ୍ଷେତ୍ର ନିମନ୍ତେ ଭିତ୍ତିଭୂମି ପ୍ରଦାନକରେ । ଅତିଦ୍ରୁତ ଶାରିରୀକ ଅଭିବୃଦ୍ଧି ଏବଂ **ସଂବେଦୀଗତ୍ୟାତ୍ମକ** କୌଶଳମାନଙ୍କର ବିକାଶ ଏ ସମୟରେ ପରିଲକ୍ଷିତ ହୋଇଥାଏ । ଶୈଶବାବସ୍ଥା ଜ୍ଞାନାତ୍ମକ, ଭାଷାଗତ ଏବଂ ସାମାଜିକ-ଆବେଗିକ ବିକାଶ ନିମନ୍ତେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ପର୍ଯ୍ୟାୟ ସମ୍ବନ୍ଧରେ ଆଲୋଚନା ସରିଛି । ଆଗାମୀ ଅଧ୍ୟାୟରେ ବାଲ୍ୟାବସ୍ଥାକୁ ଆଲୋଚନା କରିବା ।

ଏହି ଅଧ୍ୟାୟରେ ବାଲ୍ୟାବସ୍ଥା ରେ ଶାରୀରିକ, ଜ୍ଞାନାତ୍ମକ ଏବଂ ବ୍ୟକ୍ତିତ୍ୱ ବିକାଶପରି ବିକାଶର ବିଭିନ୍ନ ଦିଗମାନ କିପରି ଅଗ୍ରଗତି କରନ୍ତି ତାହା ବୁଝିବାଲାଗି ଆମେ ଚେଷ୍ଟାକରିବା । ସାଂସ୍କୃତିକ ପୃଷ୍ଠଭୂମିରେ ବାଲ୍ୟ ଅବସ୍ଥାରେ ସମାଜୀକରଣ ପ୍ରକ୍ରିୟାକୁ ମଧ୍ୟ ଆମେ ଅଧ୍ୟୟନ କରିବା ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିବାରେ ତୁମେ ଜାଣିବାକୁ ସକ୍ଷମ ହେବ–

- ବାଲ୍ୟାବସ୍ଥାରେ ଶାରୀରିକ ଓ ଗତ୍ୟାତ୍ମକ ବିକାଶର ବର୍ଣ୍ଣନା
- ବାଲ୍ୟାବସ୍ଥାରେ ଜ୍ଞାନାତ୍ମକ ବିକାଶକୁ ବୁଝିବା
- ବାଲ୍ୟାବସ୍ଥାରେ ସାମାଜିକ-ଆବେଗିକ ଏବଂ ବ୍ୟକ୍ତିତ୍ୱ ବିକାଶର ବ୍ୟାଖ୍ୟା ଏବଂ
- ସାଂସ୍କୃତିକ ପୃଷ୍ଠଭୂମିରେ ସମାଜୀକରଣ ପ୍ରକ୍ରିୟାକୁ ବୁଝିବା।

୧୦.୧ ବାଲ୍ୟାବସ୍ଥାରେ ଶାରୀରିକ ଓ ଗତ୍ୟାତ୍ମକ ବିକାଶ

ଯେତେବେଳେ ଶୈଶବ ଅବସ୍ଥାରେ ଶାରୀରିକ ଅଭିବୃଦ୍ଧି ଅତ୍ୟନ୍ତ ଦ୍ରୁତ, ଏହା ବାଲ୍ୟାବସ୍ଥାରେ ତୁଳନାତ୍ମକ ଭାବରେ ମନ୍ଥର । ଶିଶୁ ଶରୀରର ଆକାର, ଉଚ୍ଚତା ଏବଂ ଓଜନ ବୃଦ୍ଧିହେବା ସହିତ ପେଶୀୟ ଓ ମେରୁଦଣ୍ଡୀୟ ଗଠନରେ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏହା ବାଲ୍ୟାବସ୍ଥାରେ ବିଭିନ୍ନ ଗତ୍ୟାତ୍ମକ କୌଶଳମାନଙ୍କର ବିକାଶକୁ ଅଗ୍ରଗାମୀ କରେ। ଉଭୟ ଶାରୀରିକ ଓ ଗତ୍ୟାତ୍ମକ ବିକାଶ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସାର୍ବଜନୀନ ଧାରା ଅଧ୍ୟୟନମାନଙ୍କ ଦ୍ୱାରା ପରିଦୃଷ୍ଟ ହୋଇଛି।

ବିଭିନ୍ନ ସଂସ୍କୃତିର ଶାରୀରିକ ଓ ଗତ୍ୟାତ୍ମକ ବିକାଶ କ୍ରମଧାରା ଅତ୍ୟନ୍ତ ସମାନ। ତଥାପି ବିରାଟ ବ୍ୟକ୍ତିଗତ ତାରତମ୍ୟ ରହିଛି । ଜଣେ ଶିଶୁ ୧୦ମାସରେ ଚାଲିପାରେ, ଯେତେବେଳେ ଅନ୍ୟଜଣେ ୨୪ ମାସ ହେଲେ ହିଁ ଚାଲିପାରେ। ସାରଣୀ ୧୦.୧ ମଧ୍ୟରେ ଶୈଶବ ଏବଂ ବାଲ୍ୟାବସ୍ଥାରେ ଶାରୀରିକ ଓ ଗତ୍ୟାତ୍ମକ ବିକାଶର ପ୍ରମୁଖ ମାଇଲ୍ ଖୁଣ୍ଟଗୁଡିକ ପ୍ରଦାନ କରାଯାଇଛି।

ସାରଣୀ. ୧୦.୧ : ଶାରୀରିକ ଓ ଗତ୍ୟାତ୍ମକ ବିକାଶର ମାଇଲଖୁଣ୍ଟ

ପେଟେଇରହି ଚିବୁକ ଉଠାଇବା	୧ମାସ
ମସ୍ତକ ଓ ବକ୍ଷର ଉତ୍ଥାନ	୨ମାସ
ଶରୀରକୁ ଗଡ଼ାଇବା	୪ମାସ
ବିନା ସହାୟତାରେ ବସିରହି ହାତ ପାପୁଲିରେ ବସ୍ତୁମାନଙ୍କୁ ଉଠାଇବା	୫ମାସ
ବୃଦ୍ଧାଙ୍ଗୁଳି ଓ ଅଙ୍ଗୁଳିମାନଙ୍କର ସୂକ୍ଷ୍ମ ବ୍ୟବହାର	୭ମାସ
ବିନାସହାୟତାରେ ବସିବା	୮ମାସ
ସହାୟତା ନେଇ ଦଣ୍ଡାୟମାନ ହେବା	୮ମାସ
ଗୁରୁଣ୍ଡିବା	୯ମାସ
ସ୍ୱାଧୀନଭାବେ ଦଣ୍ଡାୟମାନ ହେବା	୯ ରୁ ୧୦ମାସ
କିଛି ନଧରି ପାଦ ପକାଇ ଅଳ୍ପ ଚାଲିବା	୧୨ ର ୧୩ ମାସ
ବୃଦ୍ଧାଙ୍ଗୁଳି ଓ ତର୍ଜନୀ ସାହାଯ୍ୟରେ ବସ୍ତୁମାନଙ୍କୁ ଜାବୁଡ଼ିପାରିବା	୧୩ ରୁ ୧୪ମାସ
ସ୍ୱାଧୀନଭାବେ ଚାଲିବା	୧୫ମାସ
ଦୌଡ଼ିବା ଓ ପାହାଚ ଚଢ଼ିବା	୨ବର୍ଷ
ପାଦ ଅଙ୍ଗୁଠିରେ ଚାଲିବା	୧/୨ବର୍ଷ
ତିନିଚକିଆ ସାଇକେଲ ଚଳାଇବା	୩ବର୍ଷ
ମୁଣ୍ଡ ଉପରକୁ ବଲ ଫୋପାଡ଼ିବା, ଗୋଟିଏ ପାହାଚରେ ଗୋଟିଏ ଗୋଡ଼ରଖି ଓହ୍ଲାଇବା	୪ବର୍ଷ
ଜଟିଳ ପ୍ରତିକୃତିକୁ ଅନୁକରଣ କରିବା	୬ବର୍ଷ

ଶାରୀରିକ ଓ ଗତ୍ୟାତ୍ମକ ବିକାଶର ଉପଲବ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଶିଶୁର ବ୍ୟକ୍ତିତ୍ୱ, ସାମାଜିକ ଏବଂ ଆବେଗିକ ବିକାଶର ଭିତ୍ତିଭୂମି ପ୍ରଦାନକରେ। ଏହା ଶିଶୁ ଓ ମାତୃସ୍ୱରୂପ ମଧ୍ୟରେ ଆବେଗିକ ବଂଧନ ସ୍ଥାପନକରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଶିଶୁର ନିଜ ଶରୀର ଓ ଗତିବିଧି ଉପରେ ନିୟନ୍ତ୍ରଣକୁ ସାହାଯ୍ୟକରେ।

କ. ସାମାଗ୍ରିକ ଓ ସୂକ୍ଷ୍ମ ଗତ୍ୟାତ୍ମକ ବିକାଶ

ପ୍ରାୟତଃ ଗତ୍ୟାତ୍ମକ ବିକାଶକୁ ସାମଗ୍ରିକ ବା ସ୍ଥୁଳ ଏବଂ ସୂକ୍ଷ୍ମ ଶ୍ରେଣୀରେ ବର୍ଗୀକରଣ କରାଯାଏ । ଗୁରୁଣ୍ଡିବା, ଦଣ୍ଡାୟମାନ ହେବା ଓ ଚାଲି ବିଭିନ୍ନ ସ୍ଥାନ ପ୍ରଦକ୍ଷିଣ କରିବା ନିମନ୍ତେ ଶିଶୁକୁ ଦକ୍ଷ କରିବାରେ ସହାୟତା ପ୍ରଦାନ କରୁଥିବା ବୃହତ ମାଂସପେଶୀ ସମୂହ ଉପରେ ନିୟନ୍ତ୍ରଣକୁ ସ୍ଥୁଳ ଗତ୍ୟାତ୍ମକ ବିକାଶ ରୂପେ ବିବେଚନା କରାଯାଏ। ପ୍ରାୟତଃ ଏଥିରେ ଅଙ୍ଗପ୍ରତ୍ୟଙ୍ଗ ଅଥବା ସଂପୂର୍ଣ୍ଣ ଶରୀର ସଂପୃକ୍ତ । ସୂକ୍ଷ୍ମ ଗତ୍ୟାତ୍ମକ ବିକାଶ କ୍ଷୁଦ୍ର ମାଂସପେଶୀୟ ଚାଳନା ଯଥା ଜାବୁଡ଼ିଧରିବା, ଚିମୁଟିବା ଆଦି ଉପରେ ନିୟନ୍ତ୍ରଣକୁ ସୂଚିତ କରେ । ସାଧାରଣତଃ ହସ୍ତ ଓ ଅଙ୍ଗୁଳିମାନଙ୍କୁ ବ୍ୟବହାର କରି କ୍ଷୁଦ୍ର, ଅଧିକ ସଠିକ୍ ଚାଳନାରେ ସଂପୃକ୍ତହେବା ନିମନ୍ତେ ସୂକ୍ଷ୍ମ ପେଶୀୟ କୌଶଳଗୁଡିକ ଆବଶ୍ୟକ ହୋଇଥାନ୍ତି। ଦୈନଦିନ କାର୍ଯ୍ୟମାନଙ୍କୁ ସଂପାଦନ କରିବାଲାଗି ସ୍ଥୁଳପେଶୀୟ (ବା ଗତ୍ୟାତ୍ମକ) କୌଶଳମାନେ ସୂକ୍ଷ୍ମପେଶୀୟ କୌଶଳମାନଙ୍କ ଅପେକ୍ଷା ସ୍ୱଳ୍ପସଠିକତା ଆବଶ୍ୟକ କରିଥାନ୍ତି।

ସାରଣୀ ୧୦.୨ ସ୍ଥୁଳ ଏବଂ ସୂକ୍ଷ୍ମ ଗତ୍ୟାତ୍ମକ ବିକାଶର ମାଇଲଖୁଣ୍ଟ

ଶିଶୁର ବୟସ	ସୂକ୍ଷ୍ମ ଗତ୍ୟାତ୍ମକ କୌଶଳ ସମ୍ବନ୍ଧୀୟ କ୍ରିୟା
୦ ଏବଂ ୩ମାସ	ଏକ ବସ୍ତୁକୁ ଧରିବା
୩ ଏବଂ ୬ମାସ	ବସ୍ତୁମାନଙ୍କ ପାଖକୁ ଯିବାଲାଗି ଉଦ୍ୟମ କରିବା, ପାଟିରେ ଜିନିଷକୁ ପୁରାଇବା
୬ମାସ ଏବଂ ୧ବର୍ଷ	ଖାଦ୍ୟକୁ ଧରିବା ନିମନ୍ତେ ଉଦ୍ୟମ କରିବା, ହସ୍ତ ଓ ଅଙ୍ଗୁଳି ବ୍ୟବହାର କରି ଖେଳିବା
୧ବର୍ଷ ଏବଂ ୧ $\frac{୧}{୨}$ ବର୍ଷ	କାଗଜରେ ଏଣୁ ତେଣୁ ଗାରେଇବା, ବଲକୁ ଫୋପାଡ଼ି ଓ ଧରି ଖେଳିବାକୁ ଚେଷ୍ଟାକରିବା
୧ $\frac{୧}{୨}$ ଏବଂ ୨ବର୍ଷ	ପେନ୍ସିଲ୍‌ରେ ଗାର ଟାଣିବା, ଅନ୍ୟର ସାହାଯ୍ୟବିନା ଖାଦ୍ୟ ଖାଇବାଲାଗି ଚାମୁଚ ବ୍ୟବହାର କରିବା
୨ଏବଂ ୩ବର୍ଷ	ଦାନ୍ତ ଘଷିବା ଏବଂ ଅନ୍ୟର ସହାୟତାନେଇ ପୋଷାକର ବୋତାମ ଦେବା
୩ ଏବଂ ୫ବର୍ଷ	ବସ୍ତୁଖଣ୍ଡମାନଙ୍କୁ ବ୍ୟବହାରକରି ନିର୍ମାଣ କରିବା, ପେନ୍ସିଲ୍ ବ୍ୟବହାର କରି ଚିତ୍ର ଅଂଙ୍କନ କରିବା, ପୁସ୍ତକର ପୃଷ୍ଠା ଓଲଟାଇବା
୫ ଏବଂ ୭ବର୍ଷ	ଅତ୍ୟନ୍ତ ସହଜଭାବରେ ବିଭିନ୍ନ ଆକୃତି ଅଂଙ୍କନ କରିବା, ବିନାସହାୟତାରେ ଦାନ୍ତ ଘଷିବା ଓ କେଶ କୁଣ୍ଡାଇବା, ସ୍ୱଷ୍ଟତା ସହକାରେ ଚିତ୍ରର ଆକୃତିକୁ କାଟିପାରିବା

୧୦.୧.୩ ପ୍ରାକ୍‌ବାଲ୍ୟାବସ୍ଥାରେ ଶାରୀରିକ ଏବଂ ଗତ୍ୟାତ୍ମକ ବିକାଶ (୨-୬ବର୍ଷ)

ପ୍ରାକ୍ ବାଲ୍ୟବସ୍ଥା ୨ ରୁ ୬ବର୍ଷ ସମୟକୁ ଅନ୍ତର୍ଭୁକ୍ତ କରେ। ଏହା ପ୍ରାକ୍ ବିଦ୍ୟାଳୟ ପର୍ଯ୍ୟାୟଭାବେ ମଧ୍ୟ ପରିଚିତ। ଗତିଶୀଳ ହୋଇଥିବା ଶିଶୁ ବର୍ତ୍ତମାନ ନିଜ ପରିବାର ବାହାରେ କ୍ରିୟାକଳାପର ପରିସରକୁ ବିସ୍ତୀର୍ଣ୍ଣକରିବା ନିମନ୍ତେ ସକ୍ଷମ ହୁଏ। ବିସ୍ତୃତ ସମାଜ ଓ ପରିବେଷ୍ଟନୀ ସହ ପାରସ୍ପରିକ କ୍ରିୟା ମାଧ୍ୟମରେ ଶିଶୁ ଉପଯୁକ୍ତ ସାମାଜିକ ବ୍ୟବହାରର ନିୟମାବଳୀ ଶିକ୍ଷାକରେ। ଶିଶୁର ମାନସିକ ଦକ୍ଷତାରେ ବିକାଶ ଘଟେ ଯାହାକି ଔପଚାରିକ ଶିକ୍ଷା ଓ ପଠନ ନିମନ୍ତେ ତାକୁ ପ୍ରସ୍ତୁତ କରେ। ଅଧିକାଂଶ ଶିଶୁ ସେମାନଙ୍କର ଶାରୀରିକ ଓ ଗତ୍ୟାତ୍ମକ କ୍ରିୟାକଳାପରେ ସଂପୂର୍ଣ୍ଣ ଅପାରଗ ବୋଲି ପ୍ରତୀୟମାନ ହୁଅନ୍ତି। କିନ୍ତୁ କ୍ରମଶଃ ସେମାନଙ୍କର ଗତ୍ୟାତ୍ମକ କୌଶଳମାନ ମାର୍ଜିତ ଓ ଚିତ୍ତାକର୍ଷକ ହୋଇଥାନ୍ତି । ଯେତେବେଳେ ଚାଲନ୍ତି ଓ ଦୌଡୁଥାନ୍ତି ଶରୀରର ସନ୍ତୁଳନ ଉନ୍ନତ ହେବାର ଜଣାପଡେ । ଗୋଟିଏ ୩ବର୍ଷ ପିଲା ସରଳଖୋରେ ଦୌଡ଼ିପାରେ ଏବଂ ନ ପଡ଼ି ସୁଗମତା ସହକାରେ ଡ଼େଇଁପାରେ । ୪ବର୍ଷ ବୟସର ପିଲାଟିଏ ଗୋଟିଏ ଗୋଡ଼ରେ ଡ଼ିଆଁମାରି ଦୂରରୁ ଫିଙ୍ଗାଯାଉଥିବା ଏକ ବଡ଼ ବଲ୍‌କୁ ଧରିପାରେ ।

ବାଲ୍ୟାବସ୍ଥାରେ ସୂକ୍ଷ୍ମ ଗତ୍ୟାତ୍ମକ କୌଶଳର ବିକାଶ

- **୨-୩ବର୍ଷ:** ନିଜର ପୋଷାକ ଖୋଲିପାରେ ଓ ପୋଷାକ ପିନ୍ଧିବାରେ ସହାୟତା ଆବଶ୍ୟକ କରେ, ଏକ ବୃତ୍ତ ଓ ଛକ ଚିହ୍ନକୁ ଉତାରିପାରେ, ଚାରିଗୋଟି ବଡ଼ ମାଳିକୁ ଗୁନ୍ଥିପାରେ, ଗୋଟିଏ ପୃଷ୍ଠା ଓଲଟାଇପାରେ, ଏକ ରେଖା ଉପରେ କତୁରୀ ଚଳାଇପାରେ, ବୋତାମ ଦେଇପାରେ କିମ୍ବା ବଡବୋତାମକୁ ଖୋଲିପାରେ ।
- **୩-୫ବର୍ଷ :** ଏକ ବର୍ଗକ୍ଷେତ୍ରର ନକଲ କରିପାରେ, ନିଜ ନାମ ଲେଖିପାରେ, ତିନୋଟି ଅଙ୍ଗୁଳିରେ ପେନ୍‌ସିଲକୁ ଧରିପାରେ, ଜୋତାର ଫିତା ବାନ୍ଧିପାରେ, ଧାରାବାହିକ ଭାବରେ ରେଖା ଉପରଦେଇ କାଟିପାରେ, କେତେକ ବଡ଼ ଅକ୍ଷର ଲେଖିପାରେ ।
- **୫-୭ବର୍ଷ :** ଏକ ତ୍ରିଭୁଜର ନକଲ କରିପାରେ, ସରଳ ଆକୃତି କାଟିପାରେ, ପ୍ରଥମ ନାମ ନକଲ କରିପାରେ, ୧ ରୁ ୫ ପର୍ଯ୍ୟନ୍ତ ଅଙ୍କ ଲେଖିପାରେ, ଧାଡ଼ିମଧ୍ୟରେ ରଂଗଦେଇପାରେ, ଉପଯୁକ୍ତ ଭାବରେ ଅଠାରେ ଯୋଡ଼ିପାରେ ।

ଦୁଇ ତିନିବର୍ଷ ମଧ୍ୟରେ ଶିଶୁମାନେ ଧୀର ଅସ୍ଥିର ଚାଲି ବନ୍ଦ କରିଦିଅନ୍ତି ଏବଂ ସ୍ଥିରଭାବରେ ଚାଲିପାରନ୍ତି । ଏମାନଙ୍କ ପାଖରେ ଦୌଡ଼ିବା, ଡ଼େଇଁବା ଏବଂ ଏକ ଗୋଡରେ ଲମ୍ଫପ୍ରଦାନ କରିବାର ଦକ୍ଷତା ବିକଶିତ ହୁଏ। ସେମାନେ ବଡ଼ ବଲକୁ ଫୋପାଡ଼ିବା ଓ ଧରିବା ଭଳି ଖେଳରେ ଅଂଶଗ୍ରହଣ କରିଥାନ୍ତି ।

ଉପର ପାହାଚକୁ ଯିବା ପୂର୍ବରୁ ଉଭୟ ଗୋଡକୁ ପ୍ରତ୍ୟେକ ପାହାଚକୁ ଆଣିବା ପଦ୍ଧତିକୁ ବ୍ୟବହାର କରି ୩ ରୁ ୪ ବର୍ଷ ବୟସର ପିଲାମାନେ ପାହାଚ ଚଢ଼ିପାରନ୍ତି । ତା' ସତ୍ତ୍ୱେ ଏହି ନୂତନ କୌଶଳରେ ଦୁର୍ବଳଥିବାରୁ ପଡ଼ିବାରୁ ବର୍ତ୍ତିବା ନିମନ୍ତେ କିଛି ସହାୟତା ସେମାନେ ଆବଶ୍ୟକ କରିଥାନ୍ତି। ଗୋଡ଼ର ମାଂସପେଶୀ ଶକ୍ତିଶାଳୀ ହେବା ସହିତ ଏହି ବୟସର ଶିଶୁମାନେ ଅଧିକ ଉପରକୁ ଡ଼େଇଁପାରନ୍ତି ଓ ଏକ ଗୋଡ଼ରେ ଲମ୍ଫ ପ୍ରଦାନ କରିପାରନ୍ତି ।

ଏହି ସମୟ ମଧ୍ୟରେ ଶିଶୁମାନେ ବସ୍ତୁକୁ ଧରିବା ଓ ଫୋପାଡ଼ିବା ଅଧିକ ଭଲ ଭାବରେ କରନ୍ତି, ଏକ ସ୍ଥିର ବଲକୁ ବ୍ୟାଟ ସାହାଯ୍ୟରେ ମାରିପାରନ୍ତି, ତିନିଚକିଆ ସାଇକେଲକୁ ଚଳାଇବା ଶିଖନ୍ତି ଏବଂ ସେମାନଙ୍କ ଶରୀର ସମ୍ମୁଖରେ ରଖାଯାଇଥିବା ବଲ୍‌କୁ ଗୋଡ଼ରେ ମାରିପାରନ୍ତି । ସେମାନେ ନିଜ ହାତରେ ନୂତନ ବସ୍ତୁ ପ୍ରସ୍ତୁତ କରିପାରନ୍ତି, ଯେପରିକି କିଛି ଖଣ୍ଡମାନଙ୍କୁ ନେଇ ସ୍ତମ୍ଭ ନିର୍ମାଣ କରିବା, ମାଟିପିଣ୍ଡୁଳାକୁ ଏଣୁ ତେଣୁ ଆକାର ଦେବା, ଏବଂ ଖଡ଼ିରେ ଏଣୁତେଣୁ ଗାରେଇବା । ଏ ବୟସର ଶିଶୁମାନେ ଅନ୍ୟ ହାତ ତୁଳନାରେ ଗୋଟିଏ ନିର୍ଦ୍ଦିଷ୍ଟ ହାତର ବ୍ୟବହାରକୁ ପସନ୍ଦ କରିବାକୁ ଆରମ୍ଭ କରିବା ପ୍ରାୟତଃ ଦେଖାଯାଏ, ଯାହାକି ବାମହାତୀ ବା ଦକ୍ଷିଣହାତୀ ହେବାର ପ୍ରାରମ୍ଭିକତା ଅଟେ।

ତିନିରୁ ଚାରି ବର୍ଷ ମଧ୍ୟରେ ଶିଶୁମାନେ ନିଜେ ଖାଦ୍ୟ ଖାଇବାରେ ଉନ୍ନତି କରିଥାନ୍ତି ଏବଂ କଣ୍ଟାଚାମୁଚ ଓ ଚାମୁଚ ପରି ଖାଇବା ଉପକରଣମାନଙ୍କୁ ବ୍ୟବହାର କରିପାରନ୍ତି। ବର୍ତ୍ତମାନ କେବଳ ମୁଠାରେ ନଧରି ବରଂ ଲେଖିବା ହସ୍ତରେ ଗୋଟିଏ ଖଡ଼ି ବା ପେନ୍‌ସିଲକୁ ସେମାନେ ଧରିପାରନ୍ତି। ସେମାନେ ହସ୍ତର ଘୂର୍ଣ୍ଣୀୟ ଚଳନ ମଧ୍ୟ କରିପାରନ୍ତି ଯାହାକି ଦ୍ୱାରର ଗୋଲାକାର ମୁଠାକୁ ବୁଲାଇ ଦ୍ୱାରକୁ ଖୋଲିବା କିମ୍ବା କାଚ ଡ଼ବା ଘୋଡଣୀକୁ ମୋଡ଼ି ଖୋଲିବା ନିମନ୍ତେ ଆବଶ୍ୟକ ହୋଇଥାଏ। ଚାରିବର୍ଷ ବୟସ ବେଳକୁ ଅଧିକାଂଶ ଶିଶୁ ଶୌଚ ସମ୍ବନ୍ଧୀୟ ଶିକ୍ଷାଲାଭ କରିସାରିଥାନ୍ତି ।

ବିଦ୍ୟାଳୟକୁ ଯିବା ବୟସରେ ଶିଶୁମାନେ ଉପନୀତ ହେବାଠାରୁ କିଶୋରାବସ୍ଥା ପର୍ଯ୍ୟନ୍ତ ଶାରୀରିକ ଅଭିବୃଦ୍ଧିର ହାର ମନ୍ଥର ହୋଇଯାଏ । କିଶୋରାବସ୍ଥାରେ 'ବୃଦ୍ଧି ସ୍ଫୁରଣ' ଦ୍ରୁତ ହୋଇଥାଏ। ଛଅବର୍ଷ ସୁଦ୍ଧା ସମନ୍ୱିତ କ୍ରିୟା ଯାହାକି ଶରୀର ସନ୍ତୁଳନ ନିମନ୍ତେ ଆବଶ୍ୟକ ଶିଶୁ ତାହା କରିବାଲାଗି ଶାରୀରିକ ଭାବରେ ଦକ୍ଷତାପ୍ରାପ୍ତ ହୁଏ। ସ୍ୱଳ୍ପ ପେଶୀୟ ସମନ୍ୱୟ ସୂକ୍ଷ୍ମ ଗତ୍ୟାତ୍ମକ କ୍ରିୟାମାନଙ୍କ ନିମନ୍ତେ ଆବଶ୍ୟକ, ଯେପରିକି ଜାମାର ବୋତାମ ବନ୍ଦ କରିବା ବା ସରଳ ଚିତ୍ରକୁ ନକଲ କରିବା। ଏହା ଆଦ୍ୟ ବାଲ୍ୟାବସ୍ଥା ମଧ୍ୟରେ ସଂପୂର୍ଣ୍ଣ ନାଟକୀୟ ଢଙ୍ଗରେ ଉନ୍ନୀତ ହୋଇଥାଏ। ପୋଷାକ ପିନ୍ଧିବା ଓ କାଢ଼ିବା ସହିତ ଶିଶୁମାନେ ଅନ୍ୟାନ୍ୟ ସ୍ୱ-ଯତ୍ନ ସମ୍ବନ୍ଧୀୟ କାର୍ଯ୍ୟମାନଙ୍କୁ ସମ୍ପନ୍ନ କରିପାରନ୍ତି। ଯେପରିକି ଦାନ୍ତ ଘଷିବା ଓ ମୁଣ୍ଡ କୁଣ୍ଡାଇବା । ଏହି ବୟସର ଶିଶୁମାନେ

ଜଣେ ବୟସ୍କ ବ୍ୟକ୍ତିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱବଧାନ ବା ସାହାଯ୍ୟ ବିନା ସ୍ୱାଧୀନ ଭାବରେ ଖାଦ୍ୟ ଖାଇପାରନ୍ତି।

ପାଞ୍ଚରୁ ଛଅ ବର୍ଷ ବୟସ ମଧ୍ୟରେ ଶିଶୁମାନେ ପୂର୍ବ କୌଶଳମାନଙ୍କୁ ମାର୍ଜିତ କରିଚାଲନ୍ତି। ସେମାନେ ଅଧିକ ଦ୍ରୁତ ଗତିରେ ଦୌଡ଼ିପାରନ୍ତି ଏବଂ ଦୁଇଚକିଆ ସାଇକେଲ ଚଳାଇବାକୁ ଅଧିକ ଦୃଢ଼ତା ନିମନ୍ତେ ଅଭ୍ୟାସ ଆରମ୍ଭ କରିଦିଅନ୍ତି। ଏହା ସହିତ ସେମାନେ ପାର୍ଶ୍ୱଦିଗରେ ଗୋଡ ପକାଇ ଚାଲିପାରନ୍ତି। ଏହି ବୟସର ଶିଶୁମାନେ ଡ଼ାଳ-ମାଙ୍କୁଡ଼ି ପରି ନୂତନ ପ୍ରକାରର ଶାରୀରିକ କ୍ରୀଡ଼ାକୁ କରାୟତ୍ତ କରିବାକୁ ଆରମ୍ଭ କରିଥାନ୍ତି, ଏବଂ ଡ଼ିଙ୍କି-କଳ, ଖସଡ଼ା ଓ ଦୋଳି ନିଜେ ବ୍ୟବହାର କରିବାକୁ ଆରମ୍ଭ କରିଦିଅନ୍ତି।

ମଧ୍ୟ ବାଲ୍ୟାବସ୍ଥା ବିକାଶ (୬ – ୧୧ବର୍ଷ)

ଏହି ସମୟରେ ଶାରୀରିକ ଅଭିବୃଦ୍ଧି କ୍ରମୋନ୍ନତିଶୀଳ ହୁଏ ଏବଂ ପ୍ରାୟତଃ ୧୧ – ୧୩ ବର୍ଷର କିଶୋରାବସ୍ଥା ପର୍ଯ୍ୟନ୍ତ ବାହ୍ୟ ପରିବର୍ତ୍ତନର ହାର ମନ୍ଥର ହୁଏ। କିଶୋରାବସ୍ଥାରେ ପୁନର୍ବାର 'ବୃଦ୍ଧି ସ୍ଫୁରଣ' ହୋଇଥାଏ। ଉଚ୍ଚତା, ଶରୀରର ଓଜନ ପେଶୀୟ ସାମର୍ଥ୍ୟ ଏବଂ କ୍ଷୀପ୍ରତାର ପରିବର୍ତ୍ତନ ହୋଇଥାଏ। ଏ ସମୟ ମଧ୍ୟରେ ବିରାଟ ଲିଙ୍ଗଗତ ପ୍ରଭେଦ ପରିଦୃଷ୍ଟ ହୁଏ। ୬ ରୁ ୮ବର୍ଷ ମଧ୍ୟରେ ବାଳିକାମାନେ ବାଳକମାନଙ୍କଠାରୁ ସ୍ୱଳ୍ପ ଗେଡ଼ା ହୋଇଥାନ୍ତି କିନ୍ତୁ ତତ୍‌ପରେ ଏହି ଧାରା ବିପରୀତ ହୁଏ। ବାଳିକାମାନେ ଅଧିକ ଓଜନର ହେବାକୁ ଆରମ୍ଭ କରନ୍ତି । ଏକ ୧୦ବର୍ଷୀୟା ବାଳିକା ତା'ର ସମବୟସ୍କ ଏକ ବାଳକଠାରୁ ଅଧିକ ଦୀର୍ଘ ଓ ଓଜନିଆ ଜଣାପଡ଼େ । 'ଅଭିବୃଦ୍ଧି ସ୍ଫୁରଣ' ବାଳିକାମାନଙ୍କଠାରୁ ବାଳକମାନଙ୍କର ବିଳମ୍ବିତ ହୋଇଥାଏ ।

ଏହି ସମୟରେ ଶିଶୁମାନେ ବିସ୍ତୀର୍ଣ୍ଣ ଓ ସ୍ୱଳ୍ପ ମାଂସପେଶୀ ସମୂହ ଉପରେ ଅଧିକ ନିୟନ୍ତ୍ରଣ ହାସଲ କରନ୍ତି । ସେମାନେ ଅଧିକ ଶକ୍ତିଶାଳୀ, ଦ୍ରୁତଶୀଳ ହୁଅନ୍ତି ଏବଂ ଉତ୍ତମ ପେଶୀୟ ସମନ୍ୱୟ ହାସଲ କରିଥାନ୍ତି । ବିଦ୍ୟାଳୟରେ ଶିଶୁମାନେ ଶକ୍ତିବାନ୍ ହୁଅନ୍ତି ଏବଂ ସମସ୍ତ ପ୍ରକାରର ବାହ୍ୟକ୍ରୀଡ଼ା ଉପଭୋଗ କରନ୍ତି । ଜ୍ଞାନାତ୍ମକ ଦକ୍ଷତାରେ ଉନ୍ନତି ନୂତନ କ୍ରୀଡ଼ାମାନଙ୍କର ନିୟମାବଳୀକୁ ଶିଖିବାରେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରେ ।

ଛଅ-ସାତ ବର୍ଷ ବୟସର ଶିଶୁ ଦୁଇଟି ସୂକ୍ଷ୍ମ ଓ ଦୁଇଟି ସ୍ଥୁଳକୋଣ ବିଶିଷ୍ଟ ସମଚତୁର୍ଭୁଜ ରମ୍ବସ, ରଂଗୀନ ପ୍ରତିରୂପ ଓ ଚିତ୍ର ପରି ଜଟିଳ ଆକୃତିମାନଙ୍କର ନକଲ କରିପାରେ, ଯନ୍ତ୍ରାଂଶକୁ ଯୋଡ଼ିପାରେ ଏବଂ ଖେଳନାମାନଙ୍କର ନମୁନା ପ୍ରସ୍ତୁତ କରିପାରେ । ଫୋପାଡ଼ିବା, ଧରିବା ଓ ଲକ୍ଷ୍ୟଭେଦ କରିବା ଭଳି ଚକ୍ଷୁ-ହସ୍ତର କୌଶଳପୂର୍ଣ୍ଣ ସମନ୍ୱୟ ଆବଶ୍ୟକ କରୁଥିବା କ୍ରୀଡ଼ାମାନଙ୍କରେ ସେମାନେ ଅଧିକ ନିପୁଣ ହୁଅନ୍ତି । ସେମାନେ ଧାରାବାହିକ ଭାବରେ ସୂକ୍ଷ୍ମ ଗତ୍ୟାତ୍ମକ କୌଶଳମାନଙ୍କୁ ମାର୍ଜିତ କରନ୍ତି ଏବଂ ପୂର୍ବ କୌଶଳମାନଙ୍କୁ ଦୃଢ଼ଭାବରେ ଗଠନ କରନ୍ତି ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୦.୧

ନିମ୍ନୋକ୍ତ ପ୍ରଶ୍ନାବଳୀର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର:

୧. ଯେ କୌଣସି ତିନିଗୋଟି ସାମଗ୍ରିକ ଗତ୍ୟାତ୍ମକ କୌଶଳର ନାମ ପ୍ରଦାନ କର ଯାହାକି ବାଲ୍ୟାବସ୍ଥାରେ ବିକଶିତ ହୋଇଥାଏ ।

____

୨. ବାଲ୍ୟାବସ୍ଥାରେ ବିକଶିତ ହେଉଥିବା ଯେ କୌଣସି ତିନିଗୋଟି ସୂକ୍ଷ୍ମ ଗତ୍ୟାତ୍ମକ କୌଶଳର ନାମ ପ୍ରଦାନ କର ।

____

୧୦.୨ ଜ୍ଞାନାତ୍ମକ ବିକାଶ

ଶିଶୁମାନେ ଯେଉଁ ପନ୍ଥାରେ ଶିକ୍ଷାଲାଭ କରନ୍ତି ଏବଂ ତଥ୍ୟର ପ୍ରକ୍ରିୟାକରଣ କରନ୍ତି ତାହାକୁ ଜ୍ଞାନାତ୍ମକ ବିକାଶ ବୋଲି ବୁଝାଯାଏ । ମନୋଯୋଗ, ପ୍ରତ୍ୟକ୍ଷଣ, ଭାଷା, ଚିନ୍ତନ, ସ୍ମୃତି ଏବଂ ଯୁକ୍ତିଯୁକ୍ତତାର ବିକାଶ ଏଥିରେ ଅନ୍ତର୍ଭୁକ୍ତ ।

ଟିପ୍ପଣୀ

ପିଆଜେଙ୍କର ଜ୍ଞାନାତ୍ମକ ବିକାଶ ତତ୍ତ୍ୱ ଅନୁଯାୟୀ ଆମର ଚିନ୍ତନ ଓ ଯୁକ୍ତିଯୁକ୍ତତା 'ଉପଯୋଗୀକରଣ'ର ଅଂଶବିଶେଷ । ଜ୍ଞାନାତ୍ମକ ବିକାଶ ଏକ ନିର୍ଦ୍ଦିଷ୍ଟ କ୍ରମପର୍ଯ୍ୟାୟକୁ ଅନୁସରଣ କରେ । ପିଆଜେ ଜ୍ଞାନାତ୍ମକ ବିକାଶର ଚାରିଗୋଟି ମୁଖ୍ୟ ପର୍ଯ୍ୟାୟର ବର୍ଣ୍ଣନା କରିଥିଲେ :

- ସମ୍ବେଦୀ-ପ୍ରେରକ ପର୍ଯ୍ୟାୟ (ଜନ୍ମଠାରୁ ୨ବର୍ଷ)
- ପ୍ରାକ୍-କ୍ରିୟାତ୍ମକ ପର୍ଯ୍ୟାୟ (୨ - ୭ବର୍ଷ)
- ମୂର୍ତ୍ତ କ୍ରିୟାତ୍ମକ ପର୍ଯ୍ୟାୟ (୭ - ୧୧ବର୍ଷ)
- ବିଧିବତ୍ କ୍ରିୟାତ୍ମକ ପର୍ଯ୍ୟାୟ (୧୧+ବର୍ଷ)



ଚିତ୍ର ୧୦.୧ ପଆଜେଙ୍କ ଜ୍ଞାନାତ୍ମକ ବିକାଶ

ପିଆଜେଙ୍କର ତତ୍ତ୍ୱଦ୍ୱାରା ସୂଚିତ ବାଲ୍ୟାବସ୍ଥାରେ ଜ୍ଞାନାତ୍ମକ ବିକାଶ ସମ୍ବନ୍ଧରେ ନିମ୍ନ ବିଭାଗରେ ଆଲୋଚନା କରାଯାଇଛି ।

ପ୍ରାକ୍ ବାଲ୍ୟାବସ୍ଥାରେ ଜ୍ଞାନାତ୍ମକ ବିକାଶ (୨ ରୁ ୬ବର୍ଷ)

ଏହି ସମୟ ମଧ୍ୟରେ ଶିଶୁମାନେ ବିଭିନ୍ନ ପ୍ରକାର ବସ୍ତୁ, ପରିସ୍ଥିତି ଓ ଘଟଣାମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଶବ୍ଦାବଳୀ ଓ ରୂପକଳ୍ପ ପରି ପ୍ରତୀକମାନଙ୍କର ବ୍ୟବହାର କରିବାରେ ଅଧିକ ସକ୍ଷମ ହୋଇଥାନ୍ତି। ବିଦ୍ୟାଳୟରେ ପ୍ରବେଶ କଲାବେଳକୁ ଶିଶୁମାନେ ପରିମିତ ମାତ୍ରାରେ ଉତ୍ତମ ଶବ୍ଦବୋଧ ହାସଲ କରିଥାନ୍ତି । ବାସ୍ତବରେ ଯେତେବେଳେ ଶିଶୁମାନେ ବିଭିନ୍ନ ପ୍ରସଙ୍ଗରେ ବହୁବିଧ ଭାଷାର ସମ୍ମୁଖୀନ ହୁଅନ୍ତି ସେମାନେ ଭାଷାକୁ ଶିକ୍ଷାକରିବାରେ ଅଧିକ ଗ୍ରହଣକ୍ଷମ ହୋଇଥାନ୍ତି । ପ୍ରାୟତଃ ସେମାନେ ଦ୍ୱିଭାଷୀ ବା ବହୁଭାଷୀ ଶିଶୁ ଭାବରେ ବିକଶିତ ହୋଇଥାନ୍ତି । ସେମାନଙ୍କର ଭାଷାବୋଧ ଜ୍ଞାନ ଏକଭାଷୀ ଶିଶୁମାନଙ୍କ ତୁଳନାରେ ଉତ୍ତମ। ଏକ ଭାଷୀ ଶିଶୁମାନେ କେବଳ ଗୋଟିଏ ଭାଷା ବ୍ୟବହାର କରନ୍ତି ।

ଅବିରତ ମନଯୋଗ ସମ୍ବନ୍ଧୀୟ ଦକ୍ଷତା ପ୍ରାକ୍ ବାଲ୍ୟାବସ୍ଥାରେ ବୃଦ୍ଧିପାଏ । ଏକ ତିନି ବର୍ଷ ବୟସର ଶିଶୁ ଗୋଟିଏ କାର୍ଯ୍ୟରେ ଲାଗି ରହିପାରେ, ଯେପରିକି ରଂଗ ପେନ୍‌ସିଲରେ ରଂଗଦେବା, ଖେଳନା ସହ ଖେଳିବା ବା ଲଗାତାର ଭାବରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଟେଲିଭିଜନ ଦେଖିବା । ବିପରୀତ ଭାବରେ ଜଣେ ଛଅ ବର୍ଷର ଶିଶୁ ଘଣ୍ଟାଏ ବା ଅଧିକ ସମୟ ନିମନ୍ତେ ଏକ ଆଗ୍ରହପୂର୍ଣ୍ଣ କାର୍ଯ୍ୟରେ ନିମଗ୍ନ ରହିପାରିବାର ଦେଖାଯାଏ । ଶିଶୁମାନେ ମଧ୍ୟ ସେମାନଙ୍କର ମନଯୋଗରେ ଅଧିକ ଚୟନାତ୍ମକ ହୁଅନ୍ତି । ଫଳରେ ସେମାନଙ୍କର ପ୍ରତ୍ୟକ୍ଷଣ କୌଶଳର ମଧ୍ୟ ଉନ୍ନତି ଘଟେ । ଚିନ୍ତନ ଅଧିକ ଯୁକ୍ତିସଂଗତ ହୁଏ ଏବଂ ସ୍ମରଣ କରିବାର ଦକ୍ଷତା ଓ ତଥ୍ୟର

ପ୍ରକ୍ରିୟାକରଣ ମଧ୍ୟ ଉନ୍ନତ ହୁଏ । ପରିବେଷ୍ଟନୀ ସହ ପାରସ୍ପରିକ କ୍ରିୟା ମାଧ୍ୟମରେ ଶିଶୁ ଉପଯୁକ୍ତ ସାମାଜିକ ଆଚରଣର ନିୟମାବଳୀ ଶିକ୍ଷାକରେ ଯାହାକି ତାକୁ ବିଦ୍ୟାଳୟ ନିମନ୍ତେ ପ୍ରସ୍ତୁତ କରେ ।

ପ୍ରାକ୍ ବାଲ୍ୟାବସ୍ଥା ଯାହା ୨ବର୍ଷରୁ ୬ବର୍ଷ, ଏପରି ଏକ ପର୍ଯ୍ୟାୟ ଯେତେବେଳେ ଶିଶୁ ପ୍ରାକ୍ - କ୍ରିୟାତ୍ମକ ପର୍ଯ୍ୟାୟ ମଧ ଦେଇ ଅଗ୍ରଗତି କରିଥାଏ । ପ୍ରାକ୍ କ୍ରିୟାତ୍ମକ ପର୍ଯ୍ୟାୟର ଦୁଇଗୋଟି ଉପପର୍ଯ୍ୟାୟ ରହିଛି :

(କ) ସାଙ୍କେତିକ ଫଳନ (୨ରୁ ୪ବର୍ଷ)

(ଖ) ଅନ୍ତଃପ୍ରଜ୍ଞ ଚିନ୍ତନ (୪ରୁ ୭ବର୍ଷ)

ସାଙ୍କେତିକ ଫଳନ ଉପପର୍ଯ୍ୟାୟରେ ଶିଶୁମାନେ ବସ୍ତୁମାନଙ୍କର ସମାନସିକ ରୂପକଳ୍ପ ସୃଷ୍ଟି କରିପାରନ୍ତି ଏବଂ ପରବର୍ତ୍ତୀ ସମୟରେ ବ୍ୟବହାର ନିମନ୍ତେ ମନରେ ସାଇତି ରଖିପାରନ୍ତି । ଉଦାହରଣସ୍ୱରୂପ, ଏପରି ଏକ ଶିଶୁ ଗୋଟିଏ କୁକୁର ଛୁଆର ଚିତ୍ର ଅଙ୍କନ କରିପାରେ କିମ୍ବା ତା' ସହିତ ଖେଳିବାର ଛଳନା କରିପାରେ ଯଦିବା କୁକୁର ଛୁଆଟିଏ ସେଠାରେ ଉପସ୍ଥିତ ନାହିଁ ।

ଶିଶୁମାନେ ଯାତ୍ରା କରୁଥିବା ଲୋକମାନଙ୍କ ସମ୍ବନ୍ଧରେ, କିମ୍ବା ଯେଉଁମାନେ ଅନ୍ୟଠାରେ ବାସକରନ୍ତି ସେମାନଙ୍କ ସମ୍ବନ୍ଧରେ କଥାବାର୍ତ୍ତା କରିପାରନ୍ତି । ସେମାନେ ଦେଖିଥିବା ସ୍ଥାନମାନଙ୍କ ବିଷୟରେ କୁହନ୍ତି ବା ଚିତ୍ର ଅଙ୍କନ କରିପାରନ୍ତି, ତା ସହିତ ନିଜର କଳ୍ପନାରୁ ନୂତନ ଦୃଶ୍ୟ ଓ ପ୍ରାଣୀ ସୃଷ୍ଟିକରିଥାନ୍ତି । ଶିଶୁମାନେ ଖେଳରେ ଭୂମିକା-ଅଭିନୟ କରିବା ନିମନ୍ତେ ବିଭିନ୍ନ ମାନସିକ ରୂପକଳ୍ପମାନଙ୍କୁ ବ୍ୟବହାର କରିପାରନ୍ତି ।

ପିଆଜେ ମଧ ବିଶ୍ୱାସ କରୁଥିଲେ ଯେ ପ୍ରାକ୍ - କ୍ରିୟାତ୍ମକ ଶିଶୁମାନଙ୍କର ଚିନ୍ତନ ଆତ୍ମା-କୈନ୍ଦ୍ରିକ ଶୈଳୀର ହୋଇ ଥାଏ। ଅନ୍ୟ ଦୃଷ୍ଟିରେ ଜଗତକୁ ସନ୍ଦର୍ଶନ କରିବା ଭଳି ଦକ୍ଷତାର ଅଭାବକୁ ଆତ୍ମ-କୈନ୍ଦ୍ରିକ ଚିନ୍ତନ କୁହାଯାଏ । ପିଆଜେଙ୍କ ଅନୁସାରେ, ଆତ୍ମ-କୈନ୍ଦ୍ରିକ ଶିଶୁଗଣ ନିଜ ପରିପ୍ରେକ୍ଷୀ ଓ ବୋଧତା ଅନୁଯାୟୀ ପରିସ୍ଥିତିର ବ୍ୟାଖ୍ୟା କରନ୍ତି ।

ପିଆଜେଙ୍କର ପ୍ରାକ୍-କ୍ରିୟାତ୍ମକ ଜ୍ଞାନାତ୍ମକ ବିକାଶ ପର୍ଯ୍ୟାୟର ପରବର୍ତ୍ତୀ ଉପପର୍ଯ୍ୟାୟ ହେଉଛି ଅନ୍ତଃପ୍ରଜ୍ଞ ଚିନ୍ତନ ଯାହାକି ୪ ରୁ ୭ବର୍ଷ ବ୍ୟାପୀ । ବିକାଶର ଏହି ଉପପର୍ଯ୍ୟାୟରେ ଶିଶୁମାନେ 'କାହିଁକି ?' ଓ 'କିପରି ହୁଏ ?' ଭଳି ପ୍ରଶ୍ନମାନ କରି ଶିକ୍ଷାଲାଭ କରନ୍ତି । ପିଆଜେ ଏହାକୁ 'ଅନ୍ତଃପ୍ରଜ୍ଞ ଚିନ୍ତନ' ଭାବେ ନାମକରଣ କରିବାର କାରଣ ହେଲା ସେ ବିଶ୍ୱାସ କରୁଥିଲେ ଏହି ପର୍ଯ୍ୟାୟରେ ଶିଶୁମାନେ ସେମାନଙ୍କର ଜ୍ଞାନ ଓ ବୋଧତା ସମ୍ବନ୍ଧରେ ଏତେ ନିଶ୍ଚିତ ଯେ ସେମାନେ ସେହି ଜ୍ଞାନ ପ୍ରଥମେ କିପରି ଆହରଣ କଲେ ସେ ସମ୍ବନ୍ଧରେ ସେମାନେ ସଚେତନ ନଥାନ୍ତି । ଏହି ଶିଶୁମାନେ 'କୈନ୍ଦ୍ରିକତା' ପ୍ରଦର୍ଶନ କରନ୍ତି । ସେମାନେ ବସ୍ତୁର କେବଳ ଗୋଟିଏ ବିଭାବଉପରେ ଗୁରୁତ୍ୱ ଦିଅନ୍ତି ଏବଂ କେବଳ ତାହାରି ଭିତ୍ତିରେ ନିଷ୍ପତ୍ତି ବା ବିଚାର କରିଥାନ୍ତି ।

ପ୍ରାକ୍ ବାଲ୍ୟାବସ୍ଥାରେ ଭାଷାର ବୋଧଗମ୍ୟତା, ପ୍ରକ୍ରିୟାକରଣ ଓ ପ୍ରସ୍ତୁତି ସମ୍ବନ୍ଧୀୟ ଶିଶୁମାନଙ୍କର ଦକ୍ଷତା ମଧ ଦ୍ରୁତ ଭାବରେ ଉନ୍ନୀତ ହୁଏ । ତିନି ଓ ଛଅ ବର୍ଷ ମଧ୍ୟରେ ଏକ ଭାଷା ବିସ୍ଫୋରଣ ଘଟିଥାଏ । ତିନିବର୍ଷରେ, ସେମାନଙ୍କର କଥିତ ଶବ୍ଦବୋଧ ପ୍ରାୟତଃ ୯୦୦ ଶବ୍ଦାବଳୀକୁ ନେଇ ଗଠିତ ହୋଇଥାଏ । ଛଅବର୍ଷ ବେଳକୁ ନାଟକୀୟ ଭାବରେ କଥିତ ଶବ୍ଦବୋଧ ୮,୦୦୦ ରୁ ୧୪,୦୦୦ ଶବ୍ଦାବଳୀ ମଧ୍ୟରେ ବୃଦ୍ଧିପାଏ ।

ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟମାନଙ୍କର ବ୍ୟବହାର କରିବା ପରେ ଶିଶୁମାନେ ବ୍ୟାକରଣର ସୂତ୍ରମାନଙ୍କୁ ଶିଖିବା ଓ ବୁଝିବାକୁ ଆରମ୍ଭ କରିଦିଅନ୍ତି। ଶବ୍ଦବୋଧର ବୃଦ୍ଧି ସହିତ ଶବ୍ଦମାନଙ୍କର ବିଭିନ୍ନ ଆକାରରେ ବ୍ୟବହାର କରିବାର ଦକ୍ଷତା ଶିଶୁମାନଙ୍କର ବୃଦ୍ଧି ପାଇବାକୁ ଆରମ୍ଭ କରେ। ସେମାନେ ମଧ ଅଧିକ ଜଟିଳ ବାକ୍ୟ ଗଠନ କରିବାକୁ ଆରମ୍ଭ କରିଦିଅନ୍ତି ।

ଖ. ମଧ ବାଲ୍ୟାବସ୍ଥାରେ ଜ୍ଞାନାତ୍ମକ ବିକାଶ

ମଧ ବାଲ୍ୟାବସ୍ଥାରେ ଶିଶୁମାନେ ଜିଜ୍ଞାସାରେ ପରିପୂର୍ଣ୍ଣ ହୋଇଥାନ୍ତି ଏବଂ ପରିବେଷ୍ଟନୀକୁ ପ୍ରବଳ ଅନୁସନ୍ଧାନ କରନ୍ତି । ସ୍ମୃତି ଓ ପ୍ରତ୍ୟୟାତ୍ମକ ଜ୍ଞାନ ବୃଦ୍ଧିପାଏ, ଯାହାକି ନିକଟତମ ପରିସ୍ଥିତିଠାରୁ ଊର୍ଦ୍ଧ୍ୱରେ ରହି

ଯୁକ୍ତିସଂଗତ ଚିନ୍ତନକୁ ସୁଗମ କରେ । ଶିଶୁମାନେ ସଂଗୀତ, କଳା ଓ ନୃତ୍ୟ ପରି ରୁଚିସମ୍ପନ୍ନ କ୍ରିୟାକଳାପମାନଙ୍କରେ ମଧ୍ୟ ସଂଶ୍ଲିଷ୍ଟ ହୋଇପାରନ୍ତି ଏବଂ ସେମାନେ ନିଜର ଅଭିରୁଚି ବିକଶିତ କରନ୍ତି ।

ପିଆଜେଙ୍କ ତତ୍ତ୍ୱରେ ମଧ୍ୟ ବାଲ୍ୟାବସ୍ଥା ମଧ୍ୟରେ ମୂର୍ତ୍ତ କ୍ରିୟାତ୍ମକ ପର୍ଯ୍ୟାୟର ଗୁଣାବଳୀ ନିମ୍ନରେ ପ୍ରଦାନ କରାଯାଉଛି:

- ଯୁକ୍ତିସଂଗତ ତତ୍ତ୍ୱବୋଧ
- ଦୈଶିକ ହେତୁବୋଧର ଉନ୍ନତି
- ଯୁକ୍ତିସଂଗତ ଚିନ୍ତନ ବାସ୍ତବ ଓ ମୂର୍ତ୍ତ ପରିସ୍ଥିତି ମଧ୍ୟରେ ସୀମିତ

ମଧ୍ୟ ବାଲ୍ୟାବସ୍ଥାରେ, ଭାଷାର ବିକାଶ ଅନେକ ଦିଗରେ ଅଗ୍ରଗତି କରେ । ଅଧିକନ୍ତୁ କେବଳ ନୂତନ ଶବ୍ଦମାଳାର ଶିକ୍ଷଣ ଅପେକ୍ଷା ଶିଶୁମାନେ ଜାଣିଥିବା ଶବ୍ଦମାନଙ୍କର ବୟଃପ୍ରାପ୍ତ ସଂଜ୍ଞା ଶିକ୍ଷାକରନ୍ତି । ଶବ୍ଦମାନଙ୍କ ମଧ୍ୟରେ ସେମାନେ ସଂପର୍କ ସୃଷ୍ଟିକରନ୍ତି, ସମାର୍ଥବୋଧକ ଓ ବିପରୀତାର୍ଥବୋଧକ ଶବ୍ଦମାନଙ୍କୁ ବୁଝନ୍ତି,ଏବଂ ଉପସର୍ଗ ଓ ବିଭକ୍ତି କିପରି ଶବ୍ଦର ଅର୍ଥକୁ ପ୍ରଭାବିତ କରେ ତାହା ବୁଝିପାରନ୍ତି ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୦.୨

୧. ନିମ୍ନୋକ୍ତ ପ୍ରଶ୍ନାବଳୀର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର:

କ) ପ୍ରାକ୍-କ୍ରିୟାତ୍ମକ ପର୍ଯ୍ୟାୟର ଯେ କୌଣସି ୩ ଗୋଟି ବିଶିଷ୍ଟ ଲକ୍ଷଣର ତାଲିକା ପ୍ରସ୍ତୁତ କର ।

ଖ) ମୂର୍ତ୍ତ କ୍ରିୟାତ୍ମକ ପର୍ଯ୍ୟାୟର ଯେ କୌଣସି ୩ ଗୋଟି ସଫଳ କୃତିତ୍ୱମାନଙ୍କୁ ବର୍ଣ୍ଣନା କର ।

୧୦.୩ ସମାଜ-ଆବେଗାତ୍ମକ ଏବଂ ବ୍ୟକ୍ତିତ୍ୱ ବିକାଶ

ଶୈଶବ ଏକ ସମୟ ଯେତେବେଳେ ମୌଳିକ ପ୍ରକ୍ଷୋଭଗୁଡ଼ିକ ସ୍ଥାପିତ ହୁଏ, ଏବଂ ଶିଶୁ ଉଭୟ ଆବେଗିକ ପ୍ରଦର୍ଶନ ତଥା ଅନ୍ୟମାନଙ୍କର ଆବେଗର ଚିହ୍ନଟ କ୍ଷେତ୍ରରେ ଅଗ୍ରସର ହୁଏ । ପ୍ରାକ୍ ବାଲ୍ୟାବସ୍ଥାରେ ପାଳନକର୍ତ୍ତା ବା ଅନ୍ୟ ପ୍ରୌଢ଼ବ୍ୟକ୍ତିମାନଙ୍କର ମୂଲ୍ୟାୟନ ପ୍ରତି ସରଳ ପ୍ରତିକ୍ରିୟା ପ୍ରକାଶ କରିବା ସହ ଶିଶୁମାନେ ନିଜର ମୂଲ୍ୟାୟନ ଆରମ୍ଭ କରିବା ମାତ୍ରେ ସାଧାରଣତଃ ଲଜ୍ଜା ଓ ଦୋଷ ମନୋଭାବ ପରି ଆତ୍ମ ସଚେତନାତ୍ମକ ପ୍ରକ୍ଷୋଭ ସେମାନଙ୍କଠାରେ ବିକଶିତ ହୋଇଥାଏ ।

ଶିଶୁମାନେ ଅଧିକ ଆତ୍ମ ସଚେତନଶୀଳ ହେବା, ଭାବ ବିନିମୟରେ ଅଧିକ ସଫଳ ହେବା, ଏବଂ ଅନ୍ୟମାନଙ୍କ ଚିନ୍ତନ ଓ ଅନୁଭବର ଉତ୍ତମ ଉପଲବ୍ଧି ପ୍ରାପ୍ତ ହେବା ସହିତ ସେମାନଙ୍କର ସାମାଜିକ କୌଶଳରେ ଉନ୍ନତି ହୁଏ। ସେମାନେ ବିଭିନ୍ନ ସାମାଜିକ ପରିସ୍ଥିତିକୁ ଉପଯୁକ୍ତ ହେବାପରି ନିଜର ପ୍ରକ୍ଷୋଭମାନଙ୍କୁ ପରିବର୍ତ୍ତନ ଓ ପ୍ରକାଶନ କରିବାରେ କୁଶଳୀ ହଅନ୍ତି। ଉଦାହରଣସ୍ୱରୂପ, ଜଣେ ଶିଶୁ କ୍ରୋଧ ଅନୁଭବ କରୁଥାଇପାରେ କିନ୍ତୁ ସେ ଜାଣେ ଯେ ବିଦ୍ୟାଳୟରେ କ୍ରୋଧିତ ହେବା ଅନୁପଯୁକ୍ତ। ଅନ୍ୟଜଣେ ଶିଶୁ ଶିକ୍ଷାକରେ ଯେ ସେ ଅଧିକାଂଶ ପିଲାମାନଙ୍କୁ ଜାଣି ନ ଥିଲେ ମଧ୍ୟ ଏକ ଜନ୍ମଦିନ ଉତ୍ସବରେ ଆହ୍ଲାଦିତ ଓ ଆନନ୍ଦିତ ହେବାର ଅଭିନୟକରି ଲୋକମାନଙ୍କ ସହିତ ସାକ୍ଷାତ କରିବା ହେଉଛି ଏକ ଉତ୍ତମ ପନ୍ଥା ଯଦିଓ ସେ ପ୍ରକୃତରେ ଲଜ୍ଜା ଅନୁଭବ କରୁଥାଏ। ସାମାଜିକ ପରିସ୍ଥିତିମାନଙ୍କର ଜଣେ ପ୍ରକ୍ଷୋଭକୁ ପରିବର୍ତ୍ତନ କରିବା ଅଥବା ନିୟନ୍ତ୍ରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ଯାହା ଶିଶୁମାନଙ୍କୁ ଦଳ ସହିତ ସଂଯୁକ୍ତିହେବା ଏବଂ ପାରସ୍ପରିକ ସଂପର୍କ ସୃଷ୍ଟି କରିବାରେ ସାହାଯ୍ୟ କରେ।

ଅନ୍ୟ ଏକ ପ୍ରକ୍ଷୋଭଜନିତ ଦକ୍ଷତା ଯାହାକି ପ୍ରାକ୍ ବାଲ୍ୟାବସ୍ଥାରେ ବିକଶିତ ହୋଇଥାଏ ତାହା ହେଉଛି ସମାନୁଭୂତି ଯାହାକି ସକାରାତ୍ମକ ସାମାଜିକ ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଅନ୍ୟାନ୍ୟ ପ୍ରକ୍ଷୋଭମାନଙ୍କ ପରି ସମାନୁଭୂତିର ବିକାଶ ଜ୍ଞାନାତ୍ମକ ଓ ଭାଷା ବିକାଶ ଉପରେ ନିର୍ଭରଶୀଳ। କ୍ରୋଧ, ଆକ୍ରମଣ ଓ ଭୟକୁ କିପରି ଉପଯୁକ୍ତ ଭାବରେ ପ୍ରକାଶ ଓ ନିୟନ୍ତ୍ରଣ କରାଯାଇପାରେ ତାହା ଶିକ୍ଷା କରିବା ଏକ ମୂଲ୍ୟବାନ ଜୀବନ ଓ ସାମାଜିକ କୌଶଳ। ଛୋଟ ଶିଶୁମାନେ ପ୍ରାୟତଃ କ୍ରୋଧକୁ କିପରି ନିୟନ୍ତ୍ରଣ କରିବାକୁ ହୁଏ ତାହା ଶିକ୍ଷାକରିବା ନିମନ୍ତେ ପର୍ଯ୍ୟାପ୍ତ ଦିଗ୍‌ଦର୍ଶନ ଓ ସକାରାତ୍ମକ ଶୃଙ୍ଖଳା ଆବଶ୍ୟକ କରନ୍ତି। ପିତାମାତା ଓ ପାଳନକର୍ତ୍ତାମାନେ କେବଳ ଯେ ପ୍ରକ୍ଷୋଭଗୁଡ଼ିକୁ ନିୟନ୍ତ୍ରଣ କରିବାର ପନ୍ଥାମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଶିକ୍ଷା ଦିଅନ୍ତି ତା ନୁହେଁ ଭୂମିକାର ନମୁନା ହୋଇ ଅଭିନୟ କରିବା ଦ୍ୱାରା ଶିଶୁମାନଙ୍କର ଆଚରଣକୁ ମଧ୍ୟ ପରୋକ୍ଷ ଭାବରେ ପ୍ରଭାବିତ କରିଥାନ୍ତି।

ଶୈଶବାବସ୍ଥାରେ ଶିଶୁମାନଙ୍କର ବୟୋବୃଦ୍ଧି ସହିତ ସେମାନେ ଅନ୍ୟମାନଙ୍କ ସହିତ ସାମାଜିକତା ସହକାରେ ମିଳାମିଶା କରିବାର ଦକ୍ଷତାରେ ପରିପକ୍ୱ ହେବାକୁ ଲାଗନ୍ତି । ଗୋଟିଏ ଶିଶୁର ମୁଖ୍ୟ ବିକାଶାତ୍ମକ କାର୍ଯ୍ୟ ହେଉଛି ପ୍ରାଥମିକ ପାଳନକର୍ତ୍ତାମାନଙ୍କ ସହିତ ଘନିଷ୍ଠତା ସୃଷ୍ଟି କରିବା ଓ ସଂଯୁକ୍ତ ହେବା। ବିପରୀତରେ ପ୍ରାକ୍ ବାଲ୍ୟାବସ୍ଥାରେ ଶିଶୁମାନେ ଅଲଗା ହୋଇଯାନ୍ତି ଏବଂ ଅନ୍ୟାନ୍ୟ ସାମାଜିକ ସଂପର୍କମାନ ସୃଷ୍ଟି କରିବା ଆରମ୍ଭ କରିଦିଅନ୍ତି । ଦିବାପ୍ରଯତ୍ନ କେନ୍ଦ୍ର ବା ପ୍ରାକ୍ ବିଦ୍ୟାଳୟଠାରେ ସାଂଗମାନଙ୍କ ପରି ଅନ୍ୟ ସମବୟସ୍କ ପିଲାମାନଙ୍କ ସହିତ ଯେତେବେଳେ ମିଶନ୍ତି, ସେମାନେ ସମାନ୍ତର କ୍ରୀଡ଼ାରେ ସଂପୃକ୍ତ ହୁଅନ୍ତି ଯେଉଁଥିରେ ସତରେ ପରସ୍ପର ସହିତ ନମିଶି କେବଳ ପାଖାପାଖି ବସି ଖେଳୁଥାନ୍ତି। ପ୍ରାକ୍ ବାଲ୍ୟାବସ୍ଥାରେ ଶିଶୁମାନେ ଅଧିକ ସହଯୋଗ ସହକାରେ ଖେଳିବାକୁ ଆରମ୍ଭ କରନ୍ତି। ସହଯୋଗଭିତ୍ତିକ କ୍ରୀଡ଼ାରେ ସେମାନେ ଗୋଟିଏ ଛୋଟ ଦଳରେ ରହି ଏକ ସାଧାରଣ କାର୍ଯ୍ୟରେ ସଂପୃକ୍ତ ହୁଅନ୍ତି। ପ୍ରାୟତଃ ଏଭଳି ସହଯୋଗଭିତ୍ତିକ କ୍ରୀଡ଼ାର ପ୍ରଥମ ପ୍ରକାର ମଧ୍ୟରେ ଛଳନାମୟ ବା ସାଂକେତିକ କ୍ରୀଡ଼ା ଅନ୍ତର୍ଭୁକ୍ତ। ସାଙ୍ଗମାନଙ୍କ ସହ ସାମାଜିକତା ସହକାରେ ବିକଶିତ ହେଉ ହେଉ ସେମାନେ ପ୍ରାୟତଃ ଉଗ୍ର ଏବଂ ଉତ୍‌ଥାନ ପତନ କ୍ରୀଡ଼ାର ଏକ ପର୍ଯ୍ୟାୟରେ ଉପନୀତ ହୁଅନ୍ତି ଯମଧ୍ୟରେ ଦୌଡ଼, କ୍ଷିପ୍ରଗତିରେ ଧାବନ, ଆରୋହଣ ବା ପ୍ରତିଯୋଗିତାମୂଳକ କ୍ରୀଡ଼ା ଅନ୍ତର୍ଭୁକ୍ତ। ଏ ହେଉଛି ଏକ ପର୍ଯ୍ୟାୟ ଯେତେବେଳେ ପକ୍ଷଭୁକ୍ତ ହେବାକୁ ଶିଖିବା ଏବଂ ଦଳର ସରଳ ଓ ଆଦର୍ଶ ନିୟମକୁ ଅନୁସରଣ କରିବାପରି ସାମାଜିକ କୌଶଳମାନଙ୍କର ଅଭ୍ୟାସ କରାଯାଏ।

ଖ. ମଧ୍ୟ ବାଲ୍ୟାବସ୍ଥା

ଏହି ସମୟରେ ଶିଶୁମାନେ ସାମାଜିକ ସଂପର୍କରେ ଦ୍ରୁତ ପରିବର୍ତ୍ତନ ପ୍ରଦର୍ଶନ କରନ୍ତି । ସେମାନେ ନିଜକୁ ଅନ୍ୟମାନଙ୍କ ଠାରୁ ପୃଥକ କରିବା ନିମନ୍ତେ ସାମାଜିକ ତୁଳନା ବ୍ୟବହାର କରନ୍ତି । ଅନ୍ୟମାନଙ୍କ ପରିପ୍ରେକ୍ଷୀରେ ଘଟଣାମାନଙ୍କୁ ଦେଖିବା ସେମାନେ ଆରମ୍ଭ କରିଦିଅନ୍ତି । ଶିଶୁଟି ଆତ୍ମମୂଲ୍ୟାୟନର ମାତ୍ରା ନିର୍ଦ୍ଧାରଣ କରିବାରେ ଲାଗେ ଏବଂ ନିଜକୁ ସାଙ୍ଗମାନଙ୍କ ସହ ଅଧିକ ଅଧିକ ତୁଳନା କରନ୍ତି ।

ଶିଶୁମାନେ ବର୍ତ୍ତମାନ ଗର୍ବ ଓ ଲଜ୍ଜାର ପ୍ରକ୍ଷୋଭଗୁଡ଼ିକକୁ ଉପଲବ୍ଧି କରିବା ନିମନ୍ତେ ସକ୍ଷମ ହୋଇଥାନ୍ତି ଏବଂ ଗୋଟିଏ ପରିସ୍ଥିତିରେ ଏକରୁ ଅଧିକ ପ୍ରକ୍ଷୋଭକୁ ଅନୁଭବ କରିପାରନ୍ତି। ସେମାନେ ସଫଳତା ସହକାରେ ପ୍ରକ୍ଷୋଭଗୁଡ଼ିକୁ ଗୋପନ ରଖିପାରନ୍ତି ଏବଂ ସମାଯୋଜନ ନିମନ୍ତେ ସ୍ୱଅର୍ଜିତ ପନ୍ଥାମାନଙ୍କର ବ୍ୟବହାର କରନ୍ତି। ଏ ସମୟରେ ଶିଶୁମାନେ ଆଭ୍ୟନ୍ତରରୁ ନିଜର ମୂଲ୍ୟବୋଧ ଓ ଅନୁଭବମାନଙ୍କୁ ଆୟତ୍ତ ବା ନିୟନ୍ତ୍ରଣ କରିବାକୁ ଆରମ୍ଭ କରିଦିଅନ୍ତି। ଏହି ସମୟରେ ସେମାନେ ବିଚାରକରିବାକୁ ଆରମ୍ଭ କରନ୍ତି ଯାହାକି ନୈତିକ ବିକାଶକୁ ପ୍ରଭାବିତ କରେ ।

ମଧ୍ୟ ବାଲ୍ୟାବସ୍ଥାରେ ଲିଙ୍ଗଭେଦ ପରିଲକ୍ଷିତ ହୋଇଥାଏ। ବାଳିକାମାନେ ଉତ୍ତମ ପାରସ୍ପରିକ ସଂପର୍କ ଓ ପରିବାର ଉପରେ ଅଧିକ ଗୁରୁତ୍ୱ ଦେଲାବେଳେ ବାଳକମାନେ ସାମାଜିକ ସମ୍ମାନକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି।

ଏ ବୟସର ଶିଶୁମାନଙ୍କ ମଧ୍ୟରେ ଏକ ପ୍ରମୁଖ ସମସ୍ୟା ହେଉଛି ଉତ୍ପୀଡ଼ନ । ଗବେଷକମାନେ ଆବିଷ୍କାର କରିଛନ୍ତି ଯେ ଉତ୍ପୀଡ଼ନକାରୀମାନେ ନିର୍ଦ୍ଦିଷ୍ଟ ଗୁଣାବଳୀ ପ୍ରଦର୍ଶନ କରନ୍ତି, ଯଥା ଅନାହୂତ ପ୍ରବେଶକାରୀ, ସେମାନଙ୍କର ପିତାମାତା ଅଭିଯାଚିତ କିନ୍ତୁ ଅନୁକ୍ରିୟାଶୀଳବିହୀନ । ଉତ୍ପୀଡ଼ନର ଶରବ୍ୟ ହେଉଥିବା ଶିଶୁମାନେ ପ୍ରାୟତଃ ଅବସାଦଗ୍ରସ୍ତ ଏବଂ ତାଙ୍କର ଆତ୍ମ ମୂଲ୍ୟାୟନ ଅତ୍ୟନ୍ତ ନିମ୍ନମାନର ହୋଇଥାଏ ।

ଚିତ୍ର ୧୦.୨ ବାଳିକାମାନଙ୍କର ଖେଳକୁଦ ସମୟର

ମଧ୍ୟ ବାଲ୍ୟାବସ୍ଥାରେ ଆତ୍ମପ୍ରତ୍ୟୟର ବର୍ଣ୍ଣନା ପରିଦୃଷ୍ଟ ଗୁଣାବଳୀ ଏବଂ ସ୍ୱଭାବଗତ ଆଚରଣ ଓ ପ୍ରକ୍ଷୋଭଠାରୁ କ୍ରମଶଃ ବ୍ୟକ୍ତିତ୍ୱର ଗୁଣାବଳୀ, ସକାରାତ୍ମକ ଓ ନକାରାତ୍ମକ ଗୁଣାବଳୀ ଏବଂ ସାମାଜିକ ତୁଳନା ଉପରେ ଗୁରୁତ୍ୱ ଦିଗକୁ ପରିବର୍ତ୍ତନ ହୋଇଥାଏ । ଶିଶୁଟି ନିଜର ସାମର୍ଥ୍ୟ ଓ ସୀମାୟନଗୁଡ଼ିକୁ ଲକ୍ଷ୍ୟକରିବା ଆରମ୍ଭ କରିଦିଏ । ଏହା ଏକ ପରିଚୟ ହାସଲ କରିବା ଦିଗରେ ଅଗ୍ରସର ହେବାକୁ ସାହାଯ୍ୟ କରେ ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୦.୩

୧. ନିମ୍ନୋକ୍ତ ଉକ୍ତିମାନଙ୍କରେ ଥିବା ଶୂନ୍ୟସ୍ଥାନମାନଙ୍କୁ ପୂରଣ କର :

କ) ସମାନୁଭୂତିକ ବିକାଶ ------------ ଓ ------------ ବିକାଶ ଉପରେ ନିର୍ଭର କରେ ।

ଖ) ମଧ୍ୟ ବାଲ୍ୟାବସ୍ଥାରେ ବାଳିକାମାନେ ଉତ୍ତମ ------- ସଂପର୍କ ଉପରେ ଅଧିକ ଗୁରୁତ୍ୱ ଦେଲାବେଳେ ବାଳକମାନେ ସାମାଜିକ ------ କୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି ।

ଗ) ଜଣେ ଶିଶୁ ଯାହାକୁ କେତେକ ସାଙ୍ଗ ପସନ୍ଦ କରିବାବେଳେ ଅନ୍ୟ ସାଙ୍ଗମାନେ ନାପସନ୍ଦ କରନ୍ତି ତାକୁ ----------------କୁହାଯାଏ ।

ଘ) ଯେତେବେଳେ ଦୁଇଟି ଶିଶୁ ମିଳିମିଶି ଖେଳୁ ନଥାନ୍ତି, ଏହାକୁ -------- କ୍ରୀଡ଼ା କୁହାଯାଏ ।

ଙ) ଶିଶୁର ------ ହେଉଛି ପ୍ରକ୍ଷୋଭ ବିକାଶର ଏକ ଅନ୍ତରୀଣ ନିର୍ଦ୍ଧାରକ ।

୧୦.୪ ସମାଜୀକରଣ

ମାନକ, ମୂଲ୍ୟବୋଧ ଏବଂ ବିଶ୍ୱାସ ଆଦି ଯାହାକୁ ଏକ ସମାଜରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ସେଗୁଡ଼ିକୁ ଅର୍ଜନ କରିବାର ପ୍ରକ୍ରିୟାକୁ ସମାଜୀକରଣ କୁହାଯାଏ । ଏହା ସାଂସ୍କୃତିକ ମୂଲ୍ୟବୋଧ, ଅଭିରୁଚି ଏବଂ ଆଚରଣ ଢ଼ାଞ୍ଚା ଆଦିର ଶିଶୁମାନଙ୍କଠାରେ ସଂଚାରଣ ହେବାର ଏକ ପ୍ରକ୍ରିୟା । ଏହା ବିଭିନ୍ନ

ପ୍ରକ୍ରିୟା, ପ୍ରତିଷ୍ଠାନ ଏବଂ ବ୍ୟକ୍ତିମାନଙ୍କଦ୍ୱାରା ସମ୍ପନ୍ନ ହୋଇଥାଏ । ସମାଜୀକରଣରେ ଶିଶୁମାନଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କର ଅବାଞ୍ଛନୀୟ ତଥା ଅନୁପଯୁକ୍ତ ଆଚରଣ ପ୍ରଦର୍ଶନ କରିବାର ପ୍ରବୃତ୍ତିକୁ ଶୃଙ୍ଖଳିତ କରିବା ସଂପୃକ୍ତ ।

ପିତାମାତା, ପରିବାର, ଶିଶୁମାନଙ୍କର ସାଙ୍ଗଦଳ, ବିଦ୍ୟାଳୟ, ଧାର୍ମିକ ସଂସ୍ଥା ଏବଂ ଟେଲିଭିଜନ ପରି ଗଣମାଧ୍ୟମ ଇତ୍ୟାଦି ସମାଜୀକରଣର କେତେକ ମୁଖ୍ୟ କାରକ ଅଟନ୍ତି । ଏମାନେ ଶିଶୁ ପାଳନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ପ୍ରଭାବିତ କରନ୍ତି ଏବଂ ସଂସ୍କୃତିଗତ ଭାବରେ ଉପଯୁକ୍ତ ଚିନ୍ତାଧାରା ଓ ଆଚରଣର ରୀତି ଆଦିକୁ ପ୍ରୋତ୍ସାହିତ କରନ୍ତି ।

ପ୍ରାକ୍ ବାଲ୍ୟାବସ୍ଥା ହେଉଛି ବିକାଶର ଏକ ନିର୍ଣ୍ଣାୟକ ସମୟ । କାରଣ, ଏହି ସମୟ ମଧ୍ୟରେ ଶିଶୁମାନେ ସେମାନଙ୍କର ପରିବାର, ସମାଜ ଓ ସଂସ୍କୃତିରେ ପ୍ରଚଳିତ ମାନକ, ପରମ୍ପରା ଓ ପ୍ରଥାମାନଙ୍କ ସମ୍ବନ୍ଧରେ ଅନେକ କିଛି ଶିକ୍ଷା କରିଥାନ୍ତି । ସେମାନେ ଭାଷା ଅର୍ଜନ କରନ୍ତି ଏବଂ ସଂସ୍କୃତିର ମୌଳିକତାଗୁଡ଼ିକ ଶିକ୍ଷା କରନ୍ତି । ଏହି ସମୟ ମଧ୍ୟରେ ପରିବାରର ସଦସ୍ୟଗଣ ହେଉଛନ୍ତି ସମାଜୀକରଣର ପ୍ରାଥମିକ ନିର୍ଣ୍ଣାୟକ ବା କାରକ ।

ମଧ୍ୟ ବାଲ୍ୟାବସ୍ଥା ହେଉଛି ଏପରି ସମୟ ଯେତେବେଳେ କି ବିଦ୍ୟାଳୟ ଏବଂ ସାଙ୍ଗମାନଙ୍କର ପ୍ରଭାବ ସୁସ୍ପଷ୍ଟ ହୋଇଯାଏ, ଯଦିଓ ପାରିବାରିକ ପ୍ରାସଙ୍ଗିକତା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଥାଏ । ଟେଲିଭିଜନ ଓ କମ୍ପ୍ୟୁଟର ପରି ମାଧ୍ୟମମାନଙ୍କର ପ୍ରଭାବକୁ କିନ୍ତୁ ଅସ୍ୱୀକାର କରିହେବ ନାହିଁ । ଏହା ସେହି ସମୟ ଯେତେବେଳେ ସାମାଜିକ ବଦ୍ଧମୂଳକ ଧାରଣା ଓ ପୂର୍ବାଗ୍ରହଗୁଡ଼ିକ ବିକଶିତ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ଶିଶୁର ସମାଜୀକରଣ ଉପରେ ଲାଳନପାଳନର ଶୈଳୀର ପ୍ରଭାବ ଉପରେ ଯଥେଷ୍ଟ ଗବେଷଣା କରାଯାଇଅଛି । ମୁଖ୍ୟତଃ ଚାରିପ୍ରକାର ଲାଳନପାଳନର ଶୈଳୀ ରହିଛି :

୧. **ପ୍ରଭୁତ୍ୱ ପରାୟଣ ଶୈଳୀ :** ଦାବୀ, ନିୟନ୍ତ୍ରଣ, ସମ୍ବେଦନ ହୀନତା ସହକାରେ ଲାଳନପାଳନ କରିବା

୨. **କୋହଳ ମନୋଭାବାପନ୍ନ ଶୈଳୀ :** ପ୍ରଶ୍ରୟ ଦାୟକ, ଦାବୀବିହୀନ ଲାଳନପାଳନ

୩. **ଏକଛତ୍ରବାଦୀ ଶୈଳୀ :** ଦୃଢ଼, ସଂଗତିପୂର୍ଣ୍ଣ ପାଳନ, ଯୁକ୍ତିସଂଗତ ଶୃଙ୍ଖଳା

୪. **ଅବହେଳାପୂର୍ଣ୍ଣ ବା ଅନାଗ୍ରହପୂର୍ଣ୍ଣ ଶୈଳୀ :** ଅନାଗ୍ରହ, ଯତ୍ନବିହୀନତା, ସୂକ୍ଷ୍ମ ନିୟନ୍ତ୍ରଣ ଓ ଭାବବିନିମୟ

ପରିବାର, ସାଙ୍ଗମେଳ, ମାଧ୍ୟମ ଏବଂ ବିଦ୍ୟାଳୟ ବ୍ୟତୀତ ଆହୁରି ଅନ୍ୟାନ୍ୟ କାରକମାନେ ଅଛନ୍ତି ଯେଉଁମାନେ ସାମାଜୀକରଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାନ୍ତି । ସଂଜାତୀୟତା ଏବଂ ପିତାମାତାଙ୍କର ସମାଜିକ ଆର୍ଥିକ ସ୍ଥିତି ଶିଶୁର ବିକାଶ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବ ସୃଷ୍ଟି କରେ । ପରିବାରର ଆକାର, ଗଠନ, ଶିକ୍ଷା, ଆୟ, ସଂରଚନା, ସଂପର୍କର ବିସ୍ତୃତି ସହିତ ସଂଜାତୀୟତାର ସମ୍ବନ୍ଧ ରହିଛି ।

ଚିତ୍ର ୧୦.୩ ନିମ୍ନ ସମାଜ - ଆର୍ଥିକ ସ୍ଥିତି ସଂପର୍ଣ୍ଣ ପରିବାରର ଶିଶୁ

ଚିତ୍ର ୧୦.୪: ଉଚ୍ଚ ସମାଜ-ଆର୍ଥିକ ସ୍ଥିତି ପରିବାରର ଶିଶୁ

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୦.୪

୧. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର :

କ) ସମାଜୀକରଣ ଶବ୍ଦର ଅର୍ଥ କ'ଣ ?

ଖ) ଲାଳନପାଳନର ମୁଖ୍ୟ ଶୈଳୀଗୁଡ଼ିକ ଉଲ୍ଲେଖ କର ।

ତୁମେ ଯାହାକିଛି ଶିକ୍ଷା ଲାଭକଲ

- ପ୍ରାକ୍ ଓ ମଧ୍ୟ ବାଲ୍ୟାବସ୍ଥାରେ ଶାରୀରିକ ବିକାଶ ଜାରି ରହେ କିନ୍ତୁ ଏହାର ହାର ଶୈଶବାବସ୍ଥାଠାରୁ ମନ୍ଥର ଅଟେ ।
- ମଧ୍ୟ ବାଲ୍ୟାବସ୍ଥାରେ ବାଳିକାମାନେ ବାଳକମାନଙ୍କ ଠାରୁ ଶୀଘ୍ର 'ଅଭିବୃଦ୍ଧି ସ୍ଫୁରଣ' ହାସଲ କରିବା ଯୋଗୁଁ ଶାରୀରିକ ଅଭିବୃଦ୍ଧିରେ ଲିଙ୍ଗଗତ ତାରତମ୍ୟ ରହିଥାଏ ।
- ପ୍ରାକ୍ ବାଲ୍ୟାବସ୍ଥାରେ ସାମଗ୍ରିକ ଗତ୍ୟାତ୍ମକ ବିକାଶ ଦ୍ରୁତ ହୋଇଥାଏ ।
- ମଧ୍ୟ ବାଲ୍ୟାବସ୍ଥା କାଳରେ ଶିଶୁମାନଙ୍କଠାରେ ସାମଗ୍ରିକ ଓ ସୂକ୍ଷ୍ମ ଗତ୍ୟାତ୍ମକ କୌଶଳ ଜାରିରହିବାବେଳେ ପେଶୀୟ ନିୟନ୍ତ୍ରଣ ଓ ଚକ୍ଷୁ-ହସ୍ତ ସହଯୋଜନରେ ଉନ୍ନତି ପରିଦୃଷ୍ଟ ହୋଇଥାଏ ।
- ପ୍ରାକ୍ ବାଲ୍ୟାବସ୍ଥାରେ ଶିଶୁ ଜ୍ଞାନାତ୍ମକ ବିକାଶର ପ୍ରାକ୍-କ୍ରିୟାତ୍ମକ ପର୍ଯ୍ୟାୟରେ ରହିଥାଏ ।
- ମଧ୍ୟ ବାଲ୍ୟାବସ୍ଥାରେ ଶିଶୁ ମୂର୍ତ୍ତ କ୍ରିୟାତ୍ମକ ପର୍ଯ୍ୟାୟରେ ଉପନୀତ ହୋଇଥାଏ, ଯେତେବେଳେ କି ସେ ସଂରକ୍ଷଣ, ରୂପାନ୍ତରଣ, କ୍ରମବଦ୍ଧତା ଏବଂ ଯୁକ୍ତିସଂଗତ ଚିନ୍ତନ ଅର୍ଜନ କରେ କିନ୍ତୁ ଶିଶୁଟି ତଥାପି ଅମୂର୍ତ୍ତ ପ୍ରତ୍ୟୟମାନଙ୍କ ବ୍ୟବହାର କରିବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।
- ବାଲ୍ୟାବସ୍ଥାରେ ଆବେଗିକ ବିକାଶ ସହିତ ସ୍ୱଆବେଗ ସମ୍ବନ୍ଧରେ ସଚେତନତାର ବିକାଶ ଏବଂ ଆବେଗିକ ପ୍ରକାଶନରେ ଉତ୍ତମ ଆତ୍ମ ନିୟନ୍ତ୍ରଣ ସଂପୃକ୍ତ ହୋଇଥାଏ ।
- ବାଲ୍ୟାବସ୍ଥାରେ ସାମାଜିକ ବିକାଶ ସମାନ୍ତର କ୍ରୀଡ଼ାଠାରୁ ସହଯୋଗୀ କ୍ରୀଡ଼ାପର୍ଯ୍ୟନ୍ତ ଅଗ୍ରଗତି କରିଥାଏ ।

ମଧ୍ୟ ବାଲ୍ୟାବସ୍ଥାରେ ପରିବାରଠାରୁ ସାଙ୍ଗମେଳ ଓ ବିଦ୍ୟାଳୟ ଉପରେ ଗୁରୁତ୍ୱ କେନ୍ଦ୍ର କ୍ରମଶଃ ସ୍ଥାନାନ୍ତରିତ ହୁଏ ।

- ଜଣେ ଶିଶୁର ଆତ୍ମ-ମୂଲ୍ୟାୟନ ଏବଂ ସମାଯୋଜନର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ ହେଉଛି ସାଙ୍ଗମେଳରେ ଗ୍ରହଣୀୟତା ।
- ଏକ ସମାଜରେ ଯେଉଁ ଆଚରଣ, ମାନକ, ମୂଲ୍ୟବୋଧ ଏବଂ ବିଶ୍ୱାସ ଆଦିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, ସେ ସବୁକୁ ଅର୍ଜନ କରିବାର ପ୍ରକ୍ରିୟାକୁ ସମାଜୀକରଣ କୁହାଯାଏ ।
- ଲାଳନପାଳନ ଶୈଳୀ ସମାଜୀକରଣ ପ୍ରକ୍ରିୟାକୁ ଏବଂ ଶିଶୁର ବ୍ୟକ୍ତିତ୍ୱ ବିକାଶକୁ ପ୍ରଭାବିତ କରେ ।
- ସାଂସ୍କୃତିକ ଓ ସାମାଜିକ କାରକଗଣ ଲାଳନପାଳନ ଶୈଳୀ ଓ ଶିଶୁପାଳନ ପ୍ରତି ମନୋବୃତ୍ତି ଏବଂ ସାମାଜୀକରଣ ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରେ ।

ଅନ୍ତିମ ପ୍ରଶ୍ନାବଳୀ

କ) ପ୍ରାକ୍ ବାଲ୍ୟାବସ୍ଥାରେ ଶାରୀରିକ ବିକାଶର ମୁଖ୍ୟ ବିଭାବମାନଙ୍କୁ ଆଲୋଚନା କର ।

ଖ) ମଧ୍ୟ ବାଲ୍ୟାବସ୍ଥାରେ ଗତ୍ୟାତ୍ମକ ବିକାଶର ମୁଖ୍ୟ ବିଭାବମାନଙ୍କୁ ବର୍ଣ୍ଣନା କର ।

ଗ) ପିଆଜେଙ୍କ ତତ୍ୱରେ ପ୍ରାକ୍ କ୍ରିୟାତ୍ମକ ଓ ମୂର୍ତ୍ତକ୍ରିୟାତ୍ମକ ପର୍ଯ୍ୟାୟମାନଙ୍କ ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟଗୁଡ଼ିକ ଆଲୋଚନା କର ।

ଘ) ପ୍ରାକ୍ ବାଲ୍ୟାବସ୍ଥାରେ ଆବେଗିକ ବିକାଶର ମୁଖ୍ୟ ବିଭାବମାନଙ୍କର ବ୍ୟାଖ୍ୟା କର ।

ଙ) ବାଲ୍ୟାବସ୍ଥାରେ ସମାଜୀକରଣ ପ୍ରକ୍ରିୟାକୁ ସାଂସ୍କୃତିକ କାରକଗଣ କିପରି ପ୍ରଭାବିତ କରିଥାଏ ତାହା ଆଲୋଚନା କର ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର

୧୦.୧

୧. **(କ)** ଗୁରୁଣ୍ଡିବା, ଦଣ୍ଡାୟମାନ ହେବା, ଚାଲିବା

(ଖ) ମୁଠାଇବା, ଚିମୁଟିବା, ପେନ୍‌ସିଲ୍ ଧରିବା

୧୦.୨

୧. (କ) ମାନସିକ ରୂପକଳ୍ପ ସୃଷ୍ଟିକରିବା, ଏହାକୁ ସଞ୍ଚୟ କରିବା, ଘଟଣାମାନଙ୍କ ସମ୍ବନ୍ଧରେ କହିବା, କଳ୍ପନାରୁ ନୂତନ ଦୃଶ୍ୟ ସୃଷ୍ଟି କରିବା ।

(ଖ) ଯୁକ୍ତିସଂଗତ ତତ୍ତ୍ୱବୋଧ, ଦୈଶିକ ହେତୁବୋଧର ଉନ୍ନତି, ଭାଷାଜ୍ଞାନର ବିକାଶ

୧୦.୩

୧. (କ) ଜ୍ଞାନାତ୍ମକ, ଭାଷା

(ଖ) ପାରସ୍ପରିକ, ସମ୍ମାନ

(ଗ) ବିବାଦୀୟ

(ଘ) ସମାନ୍ତର

(ଙ) ଚିତ୍ତବୃତ୍ତି

୧୦.୪

୧.

(କ) ମାନକ, ମୂଲ୍ୟବୋଧ, ବିଶ୍ୱାସ ଆଦି ଅର୍ଜନ କରିବା ଏବଂ ଆଚରଣକୁ ନିୟନ୍ତ୍ରଣ କରିବା ସହ ଅବାଞ୍ଛନୀୟ ଆଚରଣ ପ୍ରଦର୍ଶନ କରିବା ପ୍ରବୃତ୍ତିକୁ ଶୃଙ୍ଖଳିତ କରିବା । ସମାଜୀକରଣର କାରକଗଣ ।

(ଖ) ପ୍ରଭୁତ୍ୱ ପରାୟଣ, କୋହଳ ମନୋଭାବାପନ୍ନ, ଏକଛତ୍ରବାଦୀ, ଅବହେଳା ବା ଅନାଗ୍ରହପୂର୍ଣ୍ଣ

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟକତାକାରୀ ସୂଚନା:

କ) ଭାଗ ୧୦.୨.୩ ର ସହାୟତା ନିଅ।

ଖ) ଭାଗ ୧୦.୧.୪ ର ସହାୟତା ନିଅ।

ଗ) ଭାଗ ୧୦.୨.୧ ଓ ୧୦.୨.୨ର ସହାୟତା ନିଅ।

ଘ) ଭାଗ ୧୦.୩.୧ର ସାହାଯ୍ୟ ନିଅ।

ଙ) ଭାଗ ୧୦.୪ର ସାହାଯ୍ୟ ନିଅ।

୧୧

କିଶୋରାବସ୍ଥା ଏବଂ ଏହାର ଆହ୍ୱାନ

ମନୁଷ୍ୟ ଜୀବନ ବିଭିନ୍ନ ପର୍ଯ୍ୟାୟ ମାନଙ୍କ ମଧ୍ୟଦେଇ ଏହାର ଯାତ୍ରା ସଂପନ୍ନ କରେ ଏବଂ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ମାନଙ୍କ ମଧ୍ୟରୁ କିଶୋରାବସ୍ଥା ହେଉଛି ଗୋଟିଏ । କିଶୋରାବସ୍ଥା ହେଉଛି ବାଲ୍ୟାବସ୍ଥାଠାରୁ ପ୍ରୌଢ଼ାବସ୍ଥାର ବୟଃସନ୍ଧିକାଳ ଏବଂ ଜଣେ ପ୍ରାକ୍ ସାମାଜିକ ବା ଅସାମାଜିକ ପୌଢ଼ବ୍ୟକ୍ତି ଗଠନରେ ଏହା ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ । ଆମେ ସମସ୍ତେ ଏହି ପର୍ଯ୍ୟାୟ ଦେଇଗତି କରିଥାଏ । ଏହା ଅନେକ ଆହ୍ୱାନ ସୃଷ୍ଟିକରେ ଏବଂ ଉତ୍ତେଜନା ପୂର୍ଣ୍ଣ ମଧ୍ୟ ହୋଇଥାଏ । ସେହି ସମୟ ମଧ୍ୟରେ ଅନେକ କ୍ଷେତ୍ରରେ ସମାଯୋଜିତ ହେବାର ଆବଶ୍ୟକତା ମଧ୍ୟ ପଡ଼ିଥାଏ ।

ଆମେ ଯେତେବେଳେ ଏହି ଜଗତକୁ ଆସୁ ଆମେ ଅନ୍ୟମାନଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇଥାଉ ଏବଂ କ୍ରମଶଃ ସ୍ୱାଧୀନ ହେବାକୁ ଶିକ୍ଷାକରୁ । ଭାରତରେ କିଶୋରମାନେ ନିଜେ ଅଧିକାଂଶ କାର୍ଯ୍ୟ କରିଥାନ୍ତି କିନ୍ତୁ ଜୀବନର ବିଭିନ୍ନ କ୍ଷେତ୍ର ସମ୍ବନ୍ଧରେ ଅନ୍ତିମ ନିଷ୍ପତ୍ତି ସେମାନଙ୍କର ପିତାମାତାଙ୍କ ଦ୍ୱାରା ନିଆଯାଏ । ଦୃଷ୍ଟାନ୍ତ ସ୍ୱରୂପ, ଜଣେ କିଶୋର ଚଳଚ୍ଚିତ୍ର ଦେଖିବାକୁ ଚାହେଁ କିନ୍ତୁ ପିତାମାତା ତାକୁ ପଢ଼ା ଶେଷ କରିବାକୁ ବାଧ୍ୟ କରିପାରନ୍ତି । ପିତାମାତା ଦାବୀ କରନ୍ତି ଯେ, ସେମାନଙ୍କର ଅଧିକ ବ୍ୟାବହାରିକ ଜ୍ଞାନ ଓ ଅଭିଜ୍ଞତା ରହିଛି ଏବଂ ସେଥିପାଇଁ କିଶୋର ମାନଙ୍କୁ ସେମାନେ ଶିଶୁମାନଙ୍କ ପରି ବ୍ୟବହାର କରିବାର ପ୍ରବୃତ୍ତିରେ ସଂପୃକ୍ତ ହୋଇଥାନ୍ତି ।

ଏହି ପାଠ୍ୟାଂଶ କିଶୋରାବସ୍ଥାର ପ୍ରକୃତି ଓ ତାହାର ଆହ୍ୱାନ ଏବଂ କିଶୋରମାନେ ସମ୍ମୁଖୀନ ହେଉଥିବା ମୁଖ୍ୟ କାର୍ଯ୍ୟମାନ, ସେମାନଙ୍କର ବ୍ୟକ୍ତିତ୍ୱକୁ ଆକାର ଦେଉଥିବା ପ୍ରଭାବମାନ ଏବଂ କିଶୋରମାନେ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନଙ୍କୁ ବୁଝିବାରେ ତୁମକୁ ସାହାଯ୍ୟ କରିବ ।

ଉଦ୍ଦେଶ୍ୟ

ଏହି ପାଠ୍ୟାଶଂ ପଢ଼ିସାରିବା ପରେ ତୁମେ ନିମ୍ନଲିଖିତ ଦକ୍ଷତା ହାସଲ କରିପାରିବ:

- ବିକାଶାତ୍ମକ ପର୍ଯ୍ୟାୟରୂପେ କିଶୋରାବସ୍ଥାର ପ୍ରକୃତି ବ୍ୟାଖ୍ୟା କରିବା
- କିଶୋର ଅବସ୍ଥାରେ ସମ୍ମୁଖୀନ ହେବାକୁ ଥିବା ବିକାଶାତ୍ମକ କାର୍ଯ୍ୟମାନଙ୍କୁ ତାଲିକା/ଭୁକ୍ତ କରିବା
- କିଶୋରାବସ୍ଥାରେ ଶାରୀରିକ ବିକାଶର ବ୍ୟାଖ୍ୟା କରିବା
- ଲିଙ୍ଗାନୁରୂପ ଭୂମିକାର ଆଲୋଚନା କରିବା ଏବଂ ପିଢ଼ିଗତ ଦୂରତ୍ୱ ସମ୍ବନ୍ଧୀୟ ବ୍ୟାପାରକୁ ବର୍ଣ୍ଣନା କରିବା ।

ଟିପ୍ପଣୀ

୧୧.୧ କିଶୋରାବସ୍ଥା ସମ୍ବନ୍ଧୀୟ ଧାରଣା

କିଶୋରାବସ୍ଥା ହେଉଛି ଏକ ବୟଃସନ୍ଧି ସମୟ ଯେତେବେଳେ ବ୍ୟକ୍ତି ପରିବର୍ତ୍ତନ ହୋଇଥାଏ- ଶାରୀରିକ ଓ ମାନସିକ ଭାବରେ ଏବଂ ଶିଶୁଟିଏରୁ ଜଣେ ପ୍ରୌଢ଼ ହେବା ପର୍ଯ୍ୟନ୍ତ। ଏହା ଏପରି ଏକ ସମୟ ଯେତେବେଳେ ଦ୍ରୁତ ଶାରୀରିକ ଏବଂ ମାନସିକ ପରିବର୍ତ୍ତନମାନ ନୂତନ ସାମାଜିକ ଭୂମିକାମାନ ସଂଘଟିତ ହେବା ନିମନ୍ତେ ଗୁରୁତ୍ୱ ଦେଇଥାନ୍ତି। ଏହି ପରିବର୍ତ୍ତନମାନଙ୍କ କାରଣରୁ କିଶୋରମାନେ ପ୍ରାୟତଃ କେତେଗୁଡ଼ିଏ ସଂକଟ ଓ ଦ୍ୱିଧାର ସମ୍ମୁଖୀନ ହୁଅନ୍ତି। ଏହି ସମୟରେ ଶିଶୁ ପରାଧୀନତାରୁ ସ୍ୱାୟତ୍ତତାକୁ ଗତିକରେ। ଏହା ଶାରୀରିକ ଓ ସାମାଜିକ ପରିବର୍ତ୍ତନ ମାନଙ୍କ ସହିତ ଉପଯୋଜନ ନିମନ୍ତେ ଦାବୀ କରିଥାଏ।

ଭାରତୀୟ ସାମାଜିକ ପ୍ରଣାଳୀରେ କିଶୋରାବସ୍ଥା ବ୍ରହ୍ମଚର୍ଯ୍ୟ (ଶିକ୍ଷାନବୀସତା)ର ଅନ୍ତର୍ଗତ। ବିକାଶାତ୍ମକ ପର୍ଯ୍ୟାୟ ମାନଙ୍କ ମଧ୍ୟରେ ଏହା ପ୍ରଥମ 'ଆଶ୍ରମ' ବା ପର୍ଯ୍ୟାୟ। ଏହି ପର୍ଯ୍ୟାୟରେ ଶିଶୁ ଜଣେ ଦାୟିତ୍ୱ ସଂପନ୍ନ ପ୍ରୌଢ଼ ଭାବରେ ତାର ଭବିଷ୍ୟତ ଭୂମିକା ଅନୁଯାୟୀ ମୌଳିକ କୌଶଳ ମାନଙ୍କୁ ଶିକ୍ଷାକରେ।

ଏହା ସତ୍ୟ ଯେ ସମସ୍ତ ସଜୀବ ପ୍ରାଣୀ ବିକାଶର ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ବା ଅବସ୍ଥା ମଧ୍ୟଦେଇ ଗତି କରନ୍ତି। ଏରିକ୍‌ସନ୍ ବିଶ୍ୱାସ କରୁଥିଲେ ଯେ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ ପ୍ରତିଦ୍ୱନ୍ଦୀ ପ୍ରବୃତ୍ତି ମାନଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂକଟ ବା ଦ୍ୱନ୍ଦ ଦ୍ୱାରା ଚିହ୍ନିତ ହୋଇଥାଏ। କେବଳ ଯେଉଁ ବ୍ୟକ୍ତିମାନେ ସଫଳତା ସହକାରେ ଗୋଟି ଗୋଟି କରି ଏହି ପ୍ରତିବନ୍ଧକ ମାନଙ୍କ ସହିତ ସାଲିସ୍ କରିପାରନ୍ତି ସେମାନେହିଁ ସାଧାରଣ ଓ ସୁସ୍ଥ ଭାବରେ ବିକଶିତ ହୋଇପାରିବେ। ଏହି ଅବସ୍ଥା ମଧ୍ୟରେ କିଶୋରମାନେ ବିଭିନ୍ନ ଭୂମିକା ମାନଙ୍କୁ ଏକ ସ୍ଥିର ଆତ୍ମପରିଚୟ ମଧ୍ୟରେ ସମନ୍ୱିତ କରିବା ଆବଶ୍ୟକ। ଯଦି ଏପରି କରିବାରେ ବିଫଳ ହୁଅନ୍ତି, ତେବେ 'ସେମାନେ କିଏ ?' ଭଳି ଭ୍ରାନ୍ତି ବା ଅସ୍ପଷ୍ଟତା ଅନୁଭବ କରିବେ।

୧୧.୨ କିଶୋରାବସ୍ଥା: ଏକ ବୟଃସନ୍ଧି ଅବଧି

ବାସ୍ତବରେ କିଶୋରାବସ୍ଥା ସର୍ବାଧିକ ସଂକଟପୂର୍ଣ୍ଣ କାଳ ମାନଙ୍କ ମଧ୍ୟରୁ ଗୋଟିଏ। ଏହା ସତ୍ୟ ଯେ ଏହି ପର୍ଯ୍ୟାୟ ହେଉଛି ପୀଡନ, ଚାପ ଓ ପ୍ରବଳ ଉତ୍ତେଜନାର ସମୟ। ଜୀବନରେ ଏହା କେତେକ ଅସ୍ପଷ୍ଟତା ଆଣିଥାଏ। ଏହି ଅବସ୍ଥା ମଧ୍ୟରେ ଜଣେ ବାସ୍ତବରେ ତା'ର ସ୍ଥିତି ସମ୍ବନ୍ଧରେ ଜାଣିପାରେ ନାହିଁ। ବିଶ୍ୱାସ କରାଯାଏ ନିଜର ଭୂମିକା ସମ୍ବନ୍ଧୀୟ ଏହି ଅନିଶ୍ଚିତତା କେତେକ ଦ୍ୱନ୍ଦର କାରଣ ହୋଇପାରେ।

ଏହା ଭଲରୂପେ ଜଣା ଯେ, କିଶୋରବସ୍ଥାରେ ଅପରାଧହାର ତ୍ୱରାନ୍ୱିତ ହୋଇଥାଏ, ଯେପରି ଆତ୍ମହତ୍ୟା ଅଧିକ ବୃଦ୍ଧିପାଏ, ମାଦକଦ୍ରବ୍ୟ ଓ ମଦ୍ୟ ସେବନର ଆୟମାରମ୍ଭ ହୁଏ, ଏବଂ ଅଧିକ ସାଧାରଣ ପ୍ରସନ୍ନତା ରହିଥାଏ। ଆହୁରି ମଧ୍ୟ କିଶୋରାବସ୍ଥା ଏପରି ଏକ ସମୟ ଯେତେବେଳେ ସନ୍ତୁଷ୍ଟିଜନକ ବିଷମ ଲିଂଗକାମୀ ଉପଯୋଜନ ସୁଗମ ଅବା ବାଧାପ୍ରାପ୍ତ ହୁଏ, ଯେତେବେଳେ ଜୀବନର ବୃତ୍ତି ସମ୍ବନ୍ଧରେ ଯୋଜନା ପ୍ରସ୍ତୁତ ହୁଏ ଏବଂ ଜୀବନର ଦର୍ଶନ ଆକାର ନେଇଥାଏ।

୧୧.୩ କିଶୋରାବସ୍ଥା : ଜୈବିକ ନା ସାମାଜିକ ?

କିଶୋରାବସ୍ଥା ପ୍ରକୃତିରେ ଉଭୟ ଜୈବିକ ଓ ସାମାଜିକ ଅଟେ। ବାଳକ ଓ ବାଳିକା ମାନଙ୍କର ଜୈବିକ ବା ଶାରୀରିକ ପରିବର୍ତ୍ତନ ଦ୍ୱାରା କିଶୋରାବସ୍ଥାର ପ୍ରାରମ୍ଭ ସୂଚିତ ହୋଇଥାଏ। ବାସ୍ତବରେ ଯୌବନାବସ୍ଥାର ଠିକ୍ ପୂର୍ବରୁ ପ୍ରାକ୍-କୈଶୋର 'ଅଭିବୃଦ୍ଧି ସ୍ଫୁରଣ' ଘଟିଥାଏ। ଏହା ଅଧିକାଂଶ ବାଳିକା ମାନଙ୍କଠାରେ ନଅରୁ ବାର ବର୍ଷ ମଧ୍ୟରେ ସଂଘଟିତ ହୁଏ ଏବଂ ବାଳକ ମାନଙ୍କଠାରେ ଏଗାର ଓ ଚଉଦ ବର୍ଷ ବୟସ ମଧ୍ୟରେ ଘଟେ। ଉକ୍ତ ସମୟ ମଧ୍ୟରେ ଏବଂ ଏହାର କିଞ୍ଚିତ୍ ପରେ ଗୌଣ ଯୌନ ଲକ୍ଷଣ ବିକଶିତ ହୋଇଥାଏ। ସାଧାରଣତଃ ବାଳିକା ମାନଙ୍କ କ୍ଷେତ୍ରରେ ନିତମ୍ବ ଗୋଲାକୃତି ହୁଏ, ସ୍ତନର ଅଭିବୃଦ୍ଧି ଘଟେ, ଯୌନାଙ୍ଗସ୍ଥ ଲୋମ ପରଦୃଷ୍ଟ ହୁଏ ଏବଂ ରଜସ୍ରାବ ହୋଇଥାଏ। ବାଳକ ମାନଙ୍କଠାରେ କିଶେରାବସ୍ଥାର ପ୍ରାରମ୍ଭିକ ସୂଚନା ପ୍ରଦାନ କରୁଥିବା କେତେକ ଗୌଣ

ଯୌନଲକ୍ଷଣ ହେଉଛି ଯୌନାଙ୍ଗସ୍ଥ ଲୋମ ଓ ମୁଖମଣ୍ଡଳରେ ନିଶଦାଢ଼ି ଦୃଶ୍ୟମାନ ହେବା ଏବଂ କଣ୍ଠସ୍ୱରରେ ପରିବର୍ତ୍ତନ। ଏହି ପରିବର୍ତ୍ତନ ମାନ ଜୈବିକତାରୁ ଜନ୍ମଲାଭ କରେ।

ଉଭୟ ବାଳକ ଓ ବାଳିକା ମାନଙ୍କର କିଶୋରାବସ୍ଥା ବିଶେଷଭାବରେ ସାମାଜିକ ପରିବର୍ତ୍ତନ ମାନଙ୍କ ଦ୍ୱାରା ପରିଦୃଷ୍ଟ ହୁଏ। ଯେତେବେଳେ ଜଣେ କିଶୋର ଘରୁ ବାହାରେ, ଏକ କର୍ମ ପ୍ରାପ୍ତ ହୁଏ ଏବଂ ଭୋଟ ପ୍ରଦାନ କରିପାରେ ଏହିପରି କାରକ ମାନେ ହିଁ ନିର୍ଦ୍ଧାରଣ କରନ୍ତି ସେ କେତେବେଳେ ବାଲ୍ୟାବସ୍ଥାରୁ ପ୍ରୌଢ଼ାବସ୍ଥାରେ ଉପନୀତ ହେବ। ସୁତରାଂ ଉକ୍ତ ଅବସ୍ଥାର ଦୀର୍ଘତା ପ୍ରାଥମିକ ଭାବରେ ଏକ ସାମାଜିକ ବ୍ୟାପାର ଅଟେ। କିଶୋରମାନେ ଦୀର୍ଘ କାଳର ଅଭିବୃଦ୍ଧି ମଧ୍ୟରେ ଯେଉଁ ସମସ୍ୟା ମାନଙ୍କର ସମ୍ମୁଖୀନ ହୋଇଥାନ୍ତି ସେଗୁଡ଼ିକ ଉଭୟ ଶାରୀରିକ ଓ ସାମାଜିକ କାରକ ମାନଙ୍କୁ ଯୋଗୁଁ ସୃଷ୍ଟ। ଶାରୀରିକ ପରିବର୍ତ୍ତନ ଓ ବିଚ୍ୟୁତି ଅନେକ ସମସ୍ୟା ସୃଷ୍ଟି କରିପାରେ। ସମାଜ ମଧ୍ୟ କିଶୋର ମାନଙ୍କ ନିମନ୍ତେ ସମସ୍ୟା ଉପୁଯାଏ। ଭିନ୍ନ ସାମାଜିକ ନିୟାମକ, ପ୍ରତ୍ୟାଶା ଓ ପାରିବାରିକ ଢାଂଚା ଯୋଗୁଁ ପାଶ୍ଚାତ୍ୟ ସମାଜର କିଶୋରଗଣ ପ୍ରାଚ୍ୟ ସମାଜର କିଶୋର ମାନଙ୍କ ଠାରୁ ଭିନ୍ନ ରୂପେ ବ୍ୟବହାର କରିଥାନ୍ତି।

ତୁମ୍ଭମାନଙ୍କ ନିମନ୍ତେ କାର୍ଯ୍ୟ – ୧

କାର୍ଯ୍ୟକରି ଶିକ୍ଷାଲାଭ

ଏମିତି କିଛି ପ୍ରସଙ୍ଗ ମାନଙ୍କର ତାଲିକା ପ୍ରସ୍ତୁତକର ଯେଉଁଥିରେ ତୁମେ ଏବଂ ତୁମ ବଂଧୁମାନେ ଆଶ୍ୱସ୍ତି ଅନୁଭବ କରୁଛ, କାରଣ ପିତାମାତାଙ୍କର ହସ୍ତକ୍ଷେପ ଯୋଗୁଁ ତୁମେ ତୁମର କାର୍ଯ୍ୟକୁ ସ୍ୱାଧୀନଭାବେ କରିପାରୁ ନାହିଁ। ପିତାମାତାଙ୍କ ସହିତ ଦ୍ୱନ୍ଦକୁ ପ୍ରଶମିତ କରିବା ନିମନ୍ତେ କିଛି ସାଲିସ୍ କରାଯାଇପାରେ କି ନା – ଏ ସମ୍ବନ୍ଧରେ ବୟୋଜ୍ୟେଷ୍ଠ ମାନଙ୍କ ସହ ଆଲୋଚନା କର।

୧୧.୪ ପରିବର୍ତ୍ତନର ଶୈଳୀକୁ ନିର୍ଦ୍ଧାରଣ କରୁଥିବା କାରକଗଣ

କିଶୋରାବସ୍ଥାରେ ଆଶାନୁରୂପ ବିକାଶ ଶୈଶବାବସ୍ଥା ଓ ବାଲ୍ୟବସ୍ଥାରେ ବିକାଶାତ୍ମକ କାର୍ଯ୍ୟାବଳୀର ସଫଳ ସଂପାଦନ ଉପରେ ନିର୍ଭରଶୀଳ। କେତେ ସହଜରେ କିଶୋରମାନେ ପ୍ରାପ୍ତ ବୟସ୍କ ଅବସ୍ଥାକୁ ପରିବର୍ତ୍ତିତ ହେବ ଏହା ଆଂଶିକ ଭାବରେ ବ୍ୟକ୍ତି ଉପରେ, କିଛି ମାତ୍ରାରେ ପରିବେଷ୍ଟନୀଗତ ସହାୟତା ଅର୍ଥ ବା ପ୍ରତିବନ୍ଧକ ଏବଂ ଆଂଶିକ ଭାବରେ ସେମାନଙ୍କର ଅଭିଜ୍ଞତା ଉପରେ ନିର୍ଭର କରିଥାଏ। ଚାଲ ଆମେ ଏହି କାରକ ମାନଙ୍କରୁ କେତେକଙ୍କୁ ଜାଣିବା :

ପରିବର୍ତ୍ତନର ଗତି: କିଶୋରାବସ୍ଥାରେ ପରିବର୍ତ୍ତନ ଅତ୍ୟନ୍ତ କ୍ଷିପ୍ରଗତିରେ ସଂଘଟିତ ହୁଏ। ଅନ୍ୟ କୌଣସି ଅବସ୍ଥାରେ ଏତେ ସଂକ୍ଷିପ୍ତ ସମୟ ମଧ୍ୟରେ ଏପରି ଆକସ୍ମିକ ଓ ବିରାଟ ପରିବର୍ତ୍ତନ ଦେଇ ବ୍ୟକ୍ତି ଗତିକରି ନଥାଏ ଏବଂ ଅନ୍ୟ କୌଣସି ବୟସରେ ଏହି ପରିବର୍ତ୍ତନ ଯେଉଁ ସମସ୍ୟା ଗୁଡ଼ିକୁ ଡାକିଆଣେ ସେମାନଙ୍କ ସହ ସମାଯୋଜିତ ହେବା ନିମନ୍ତେ ସେ ଏତେ କମ୍ ପ୍ରସ୍ତୁତ ନଥାଏ।

ପରିବର୍ତ୍ତନର ଦୀର୍ଘତା: ଦ୍ରୁତଭାବରେ ଶାରୀରିକ ଅଭିବୃଦ୍ଧିରେ ପରିପକ୍ୱତା ଲାଭ କରୁଥିବା କିଶୋର ସମାଯୋଜନ କରିବାରେ ବିଶେଷ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେମାନେ ପ୍ରୌଢ଼ ମାନଙ୍କ ସଦୃଶ୍ୟ ଦେଖାଯାଉଥିବା କାରଣରୁ ପ୍ରୌଢ଼ମାନଙ୍କ ପରି ଆଚରଣ କରିବା ଆଶା କରାଯାଏ। ଅନ୍ୟପକ୍ଷରେ, ଏକ ଦୀର୍ଘକାଳୀନ କିଶୋରାବସ୍ଥା ସମସ୍ୟା ମଧ୍ୟ ଆଣିଥାଏ। କିଶୋର ପରାବଲମ୍ବନର ଅଭ୍ୟାସ ମଧ୍ୟରେ ଥାଏ ଏବଂ ଏହାକୁ ପରବର୍ତ୍ତୀ ସମୟରେ ଅତିକ୍ରାନ୍ତ କରିବା କଷ୍ଟକର ହୋଇଥାଏ।

ତାଲିମରେ ବିଚ୍ଛିନ୍ନତା: ତାଲିମରେ ବିଚ୍ଛିନ୍ନତା କାରଣରୁ କିଶୋରାବସ୍ଥାରେ ଅଧିକ ମାନସିକ ଚାପ ଓ ଭାର ସୃଷ୍ଟି ହୁଏ। ଉଦାହରଣ ସ୍ୱରୂପ, ଶିଶୁ କିଶୋରାବସ୍ଥାରେ ପଦାର୍ପଣ କଲା ପର୍ଯ୍ୟନ୍ତ ପରାବଲମ୍ବନ ଓ ବିନମ୍ର ହେବା ନିମନ୍ତେ ତାଲିମ ପାଇଥିବା କାରଣରୁ କିଶୋରାବସ୍ଥାରେ ଦାୟିତ୍ୱର ଭାର ବହନ କରିବା କଷ୍ଟକର ହୋଇଥାଏ।

ପରାବଲମ୍ବନ ମାର୍ଗ: ଅଳ୍ପ ବୟସ୍କ କିଶୋରଟି କେତେ ମାତ୍ରରେ ନିର୍ଭରଶୀଳ ତାହା ମୁଖ୍ୟତଃ ବାଲ୍ୟାବସ୍ଥାରେ ସେ ଗ୍ରହଣ କରିଥିବା ତାଲିମ୍‌ର ଶୈଳୀ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ପ୍ରାୟତଃ ପିତାମାତା ପରାବଲମ୍ବନତାକୁ ଉତ୍ସାହିତ କରିଥାନ୍ତି। କାରଣ ସେମାନେ ଅନୁଭବ କରନ୍ତି ଯେ କିଶେରମାନେ ନିଜର ଆଚରଣ ନିମନ୍ତେ ଦାୟିତ୍ୱବାନ ହେବାଭଳି ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି।

ଅସ୍ପଷ୍ଟ ସ୍ଥିତି: ଭାରତ ଭଳି ସମାଜ ମାନଙ୍କରେ ଶିଶୁଟିଏ ତା'ର ପିତାମାତାଙ୍କର ପଦଚିହ୍ନ ଅନୁସରଣ କରିବାକୁ ଆଶା କରାଯାଏ। ଏହା ତାହାକୁ ଏକ ନିର୍ଦ୍ଦିଷ୍ଟ ଧରଣର ଆଚରଣକୁ ଅନୁକରଣ କରିବା ଲାଗି ବାଧ୍ୟକରେ। ବିପରୀତ ଭାବେ ମୁକ୍ତ ସମାଜରେ, ଏହା ଆଶା କରାଯାଏ ଯେ, ପ୍ରତ୍ୟେକ ବ୍ୟକ୍ତି ଆତ୍ମ-ବିକାଶ ନିମନ୍ତେ ନିଜସ୍ୱ ପନ୍ଥା ଚୟନ କରିବା ନିମନ୍ତେ ସ୍ୱାଧୀନ ହେବା ଉଚିତ୍।

ଦ୍ୱନ୍ଦାତ୍ମକ ଚାହିଦା: ପ୍ରାୟତଃ କିଶୋରମାନେ ପିତାମାତା, ଶିକ୍ଷକ, ସଂଗସାଥୀ ଏବଂ ଗୋଷ୍ଠୀ ତରଫରୁ ଦ୍ୱନ୍ଦାତ୍ମକ ଚାହିଦା ମାନଙ୍କର ସମ୍ମୁଖୀନ ହୋଇଥାନ୍ତି।

ବାସ୍ତବତାର ମାତ୍ରା: ଯେତେବେଳେ ଜଣେ ବୟସ୍କପରି ଦେଖାଯିବାକୁ ଆରମ୍ଭ କରେ ତାକୁ ଅଧିକ ମାତ୍ରାର ସ୍ୱାଧୀନତା ନିମନ୍ତେ ଅନୁମତି ପ୍ରାପ୍ତ ହୋଇଥାଏ। ଯଦି ସେ ଶାରୀରିକ ବା ମାନସିକ ଭାବରେ ବୟସ୍କତାର ଭୂମିକା ନିର୍ବାହ କରିବାପାଇଁ ପ୍ରସ୍ତୁତ ନୁହେଁ ବୋଲି ଅନୁଭବ କରେ ସେ ଅସନ୍ତୁଷ୍ଟି ଅନୁଭବ କରେ।

ଅଭିପ୍ରେରଣା: ଜୀବନର ନୂତନ ସମସ୍ୟା ମାନଙ୍କୁ ସେ କିପରି ସମାହିତ କରିବ ଏପରି ଏକ ଆଶ୍ଚର୍ଯ୍ୟଜନକ ଅବଧି ମଧ୍ୟରେ କିଶୋର ଗତିକରେ। ସେ ବୃଦ୍ଧିକୁ ପସନ୍ଦ କରୁଥାଏ କିନ୍ତୁ ପ୍ରାପ୍ତବୟସ୍କତାର ଆହ୍ୱାନମାନଙ୍କ ସହଉପଯୋଜନ କରିବାର ଦକ୍ଷତା ସମ୍ବନ୍ଧରେ ଅନିଶ୍ଚିତ ଥାଏ। ଯେ ପର୍ଯ୍ୟନ୍ତ ଏହି ଆଶଙ୍କାପୂର୍ଣ୍ଣ ଅନୁଭବ ଜାରିରହେ ସେ ପର୍ଯ୍ୟନ୍ତ ପ୍ରାପ୍ତବୟସ୍କ ଅବସ୍ଥାକୁ ଚଳନ ନିମନ୍ତେ ସ୍ୱଳ୍ପ ଅଭିପ୍ରେରଣା ମିଳୁଥାଏ।

ଯେତେବେଳେ ଅଭିବୃଦ୍ଧି ନିମନ୍ତେ ପ୍ରତିବନ୍ଧକ ଗୁଡ଼ିକ ଦୁର୍ବଳ ହୋଇଯାନ୍ତି କିମ୍ବା ପିତାମାତା, ଶିକ୍ଷକ ଏବଂ ସମାଜଦ୍ୱାରା ଦୂରୀଭୂତ ହୋଇଯାଏ, ସେତେବେଳେ କିଶୋର ଧିରେ ଧିରେ ପ୍ରାପ୍ତବୟସ୍କତାର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରେ, ଏବଂ ଚଳନ ନିମନ୍ତେ ଅଭିପ୍ରେରଣ ସ୍ୱାଭାବିକ ଭାବରେ ବୃଦ୍ଧିପାଏ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୧.୧

୧. କିଶୋରାବସ୍ଥାରେ ପରିବର୍ତ୍ତନର ଢାଞ୍ଚାକୁ ନିର୍ଦ୍ଧାରଣ କରୁଥିବା କାରକମାନଙ୍କୁ ବ୍ୟାଖ୍ୟାକର।

____

୨. କିଶୋରାବସ୍ଥାର ସଂଜ୍ଞା ନିରୂପଣ କର। ଜଣେ କିଶୋର ସମ୍ମୁଖୀନ ହେଉଥିବା ବିବିଧ ଆହ୍ୱାନ ମାନଙ୍କୁ ଚିହ୍ନଟ କର।

____

୧୧.୫ ବିକାଶାତ୍ମକ କାର୍ଯ୍ୟାବଳୀ

ବ୍ୟକ୍ତି ତା ଜୀବନ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଯେଉଁ ସମସ୍ୟାବଳୀର ସ୍ୱାଭାବିକ ଭାବରେ ସମ୍ମୁଖୀନ ହୋଇଥାଏ, ସେଗୁଡ଼ିକ ବିକାଶାତ୍ମକ କାର୍ଯ୍ୟାବଳୀ ବୋଲି ଅଭିହିତ କରାଯାଏ। ଜଣେ ଶିଶୁ ବା ଛୋଟ ପିଲା ଚାଲି ଶିଖିବା, କଥା କହିବାକୁ ଶିଖିବା ଓ ଶରୀରର ବର୍ଜ୍ୟବସ୍ତୁର ନିଷ୍କାସନକୁ ନିୟନ୍ତ୍ରଣ କରିବା ଆଦି ଜଟିଳତା ମାନଙ୍କୁ ଆୟତ କରିବା ଉଚିତ୍। ମଧ୍ୟ ବାଲ୍ୟାବସ୍ଥାରେ ଖେଳ ଖେଳିବା ଓ ପଢ଼ି ଶିଖିବା ପରି କୌଶଳ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି।

ବିଶେଷକରି କିଶୋରମାନଙ୍କ କ୍ଷେତ୍ରରେ ବାଲ୍ୟାବସ୍ଥାରୁ ପ୍ରୌଢ଼ତ୍ୱାବସ୍ଥାକୁ ପରିବର୍ତ୍ତନ ଅବଧିରେ ବିକାଶାତ୍ମକ କାର୍ଯ୍ୟାବଳୀ ଗୁରୁତ୍ୱପୂର୍ଣ୍ଣ ସମସ୍ୟାବଳୀର ଉପସ୍ଥାପନା କରେ। ଏଗୁଡିକର ସମ୍ମୁଖୀନ ହେବା ସହିତ ସମାଧାନ କରାଯିବା ଉଚିତ୍। ଏହି ସମସ୍ୟାମାନ କିଶୋରାବସ୍ଥା ନିମନ୍ତେ ସଂପୂର୍ଣ୍ଣ ଅନନ୍ୟ ନୁହଁନ୍ତି। କିନ୍ତୁ ଜଣେ କିଶୋର ଏକ ସଫଳ ପ୍ରାପ୍ତବୟସ୍କର ଭୂମିକା ହାସଲ କରିବାକୁ ହେଲେ ତେବେ କାର୍ଯ୍ୟମାନଙ୍କୁ କିଶୋର କରିବା ବିଧେୟ।

କିଶୋର ମାନଙ୍କ ନିମନ୍ତେ ବିକାଶାତ୍ମକ କାର୍ଯ୍ୟାବଳୀ

ହେଭିଗ୍‌ହଷ୍ଟ ନିମ୍ନୋକ୍ତ କାର୍ଯ୍ୟାବଳୀର ତାଲିକା ପ୍ରସ୍ତୁତ କରିଛନ୍ତି :

- ସମବୟସ୍କ ସାଥୀମାନଙ୍କ ସହ ନୂତନ ଏବଂ ଅଧିକ ପରିପକ୍ୱ ସଂପର୍କ ହାସଲ କରିବା।
- ପୁରୁଷ ସୁଲଭ ବା ନାରୀସୁଲଭ ସାମାଜିକ ଭୂମିକା ହାସଲ କରିବା।
- ନିଜର ଶାରୀରିକ ଗଠନକୁ ଗ୍ରହଣ କରିବା ଏବଂ ଶରୀରକୁ ଫଳପ୍ରଦ ଭାବରେ ଉପଯୋଗ କରିବା।
- ପିତାମାତା ଏବଂ ଅନ୍ୟ ବୟସ୍କବ୍ୟକ୍ତି ମାନଙ୍କଠାରୁ ଆବେଗିକ ସ୍ୱାଧୀନତା ହାସଲ କରିବା।
- ଏକ ବୃତ୍ତିର ଚୟନ ଏବଂ ସେଥିନିମନ୍ତେ ପ୍ରସ୍ତୁତି ଚଳାଇବା।
- ବିବାହ ଓ ପାରିବାରିକ ଜୀବନ ପାଇଁ ପ୍ରସ୍ତୁତି।
- ସାଧାରଣ ଜୀବନ ଯାପନ ନିମନ୍ତେ ଆବଶ୍ୟକ ପ୍ରତ୍ୟୟ ମାନଙ୍କର ଏବଂ ବୌଦ୍ଧିକ କୌଶଳାଦିର ବିକାଶ
- ସାମାଜିକ ଦାୟିତ୍ୱସଂପନ୍ନ ଆଚରଣର କାମନା କରିବା ଏବଂ ତାକୁ ହାସଲ କରିବା।
- ମୂଲ୍ୟବୋଧ ଏବଂ ଏକ ନୈତିକ ପ୍ରଣାଳୀକୁ ଆଚରଣର ମାର୍ଗଦର୍ଶକ ଭାବରେ ହାସଲ କରିବା

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୧.୨

୧. କିଶୋର ବିକାଶାତ୍ମକ କାର୍ଯ୍ୟାବଳୀ ମଧ୍ୟରେ କେଉଁଟି ଅନ୍ତର୍ଭୁକ୍ତ ?

କ. ବିବାହ ଓ ପାରିବାରିକ ଜୀବନ ପାଇଁ ପ୍ରସ୍ତୁତି

ଖ. ଛାତିରେ ଏବଂ ପେଟରେ ଗୁରୁଣ୍ଡିବା

ଗ. ପିଲାଙ୍କ ପରି ଆଚରଣ ପ୍ରଦର୍ଶନ କରିବା

୨. ରବର୍ଟ ହେଭିଗ୍‌ହଷ୍ଟ କେତେଗୋଟି ବିକାଶାତ୍ମକ କାର୍ଯ୍ୟର ବର୍ଣ୍ଣନା କରିଥିଲେ ?

(କ) ୧୦ (ଖ) ୬ (ଗ) ୯ (ଘ) ୮

କିଶୋରାବସ୍ଥା ଏକ ଦୀର୍ଘ ଅବଧି। କେତେକ ଅଳ୍ପ ବୟସ୍କ କିଶୋର ସେମାନଙ୍କର ବୟସୋଚିତ ବିକାଶାତ୍ମକ କାର୍ଯ୍ୟାବଳୀକୁ ଆୟତ କରିବା ନିମନ୍ତେ ସ୍ୱଳ୍ପ ମାତ୍ରାରେ ପ୍ରେତ୍ସାହିତ ହୋଇଥାନ୍ତି। ଯାହାହେଉ, ପରବର୍ତ୍ତୀ ସମୟରେ ସେମାନେ ହୃଦୟଙ୍ଗମ କରନ୍ତି ଯେ ପ୍ରୌଢ଼ତ୍ୱ ଦ୍ରୁତଗତିରେ ପାଖେଇ ଆସୁଛି। ଏହା ସେମାନଙ୍କୁ ତାଙ୍କର ନୂତନ ଅବସ୍ଥା ନିମନ୍ତେ ପ୍ରସ୍ତୁତି ଚଳାଇବା ଲାଗି ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଏ। ଫଳତଃ ସେମାନେ ଆଦ୍ୟ କିଶୋରାବସ୍ଥା ଅପେକ୍ଷା ପରିପକ୍ୱତାର ଲକ୍ଷ୍ୟ ଦିଗରେ ଅଧିକ କ୍ଷିପ୍ରତା ସହକାରେ ଅଗ୍ରସର ହୁଅନ୍ତି। ଜୀବନର

ଗୋଟିଏ ଅବଧି ନିମନ୍ତେ ଉଦ୍ଦିଷ୍ଟ ବିକାଶାତ୍ମକ କାର୍ଯ୍ୟାବଳୀରେ ସଫଳତା ଲାଭ ପରବର୍ତ୍ତୀ କାର୍ଯ୍ୟାବଳୀର ସଫଳତା ଦିଗରେ ସହାୟକ ହେବାବେଳେ, ବିଫଳତା କେବଳ ବ୍ୟକ୍ତିଗତ ଦୁଃଖ ଓ ନୈରାଶ୍ୟ ସୃଷ୍ଟି କରେନାହିଁ ବରଂ ପରବର୍ତ୍ତୀ କାର୍ଯ୍ୟାବଳୀକୁ ସମାହିତ କରିବାରେ ଅସୁବିଧା ମଧ୍ୟ ସୃଷ୍ଟି କରେ।

ଅଧିକାଂଶ ଉନ୍ନତ ସଂସ୍କୃତିମାନଙ୍କରେ କିଶୋରଟିଏ କିଶୋରାବସ୍ଥାର ବିକାଶାତ୍ମକ କାର୍ଯ୍ୟାବଳୀକୁ ସଫଳତା ସହକାରେ ଆୟତ କରୁ ବା ନକରୁ, ସେ ଆଇନତଃ ପରିପକ୍ୱତାର ବୟସରେ ଉପନୀତ ହେବାମାତ୍ରେ ଆପେ ଆପେ ତାକୁ ପ୍ରାପ୍ତବୟସ୍କର ଆଖ୍ୟା ପ୍ରଦାନ କରାଯାଏ। ଏହା ଅତ୍ୟନ୍ତ ସରଳ ସଂସ୍କୃତି ମାନଙ୍କଠାରୁ ଭିନ୍ନ ଯେଉଁଥିରେ କିଶୋରମାନେ ବୟୋଜ୍ୟେଷ୍ଠ ମାନଙ୍କୁ କିଶୋରାବସ୍ଥାର କ୍ରିୟାକର୍ମ, ସ୍ୱାଧୀକାର, ଏବଂ ଦାୟିତ୍ୱ ଇତ୍ୟାଦି ମାଧ୍ୟମରେ ପ୍ରାପ୍ତବୟସ୍କତାର ଅବସ୍ଥାକୁ ପ୍ରଦର୍ଶନ କରିବା ପ୍ରୟୋଜନ।

୧୧.୬ ଶାରୀରିକ ବିକାଶ

କିଶୋରାବସ୍ଥା ହେଉଛି ଜୈବିକ ଏବଂ ଶାରୀରିକ ପରିବର୍ତ୍ତନର ଏକ ସମୟ। ଅଳ୍ପ ବୟସ୍କ ବ୍ୟକ୍ତିଟିର ଶାରୀରିକ ପରିବର୍ତ୍ତନ ମାନଙ୍କ ପ୍ରତି ପ୍ରତିକ୍ରିୟା ଗୁଡିକ ବଡ଼ିମା ଓ ସୁଖକର, ପ୍ରତ୍ୟାଶାଠାରୁ ଆରମ୍ଭ କରି ଉଦ୍‌ବିଗ୍ନତା ଓ ଭୟ ପର୍ଯ୍ୟନ୍ତ ବିସ୍ତୃତ। କିଶୋରମାନେ ଯେତେବେଳେ ପରସ୍ପରକୁ ମୂଲ୍ୟାୟନ କରନ୍ତି। ଓ ବିଶେଷକରି ଗୁଣମାନଙ୍କର ବିଚାର କରିବା ସମୟରେ ବିପରୀତ ଲିଙ୍ଗୀ ବ୍ୟକ୍ତିଙ୍କ ଦୃଷ୍ଟିରେ ସୁନ୍ଦର ଦେଖାଯିବାକୁ ପ୍ରାୟତଃ ଗୁରୁତ୍ୱ ଦେଇଥାନ୍ତି। ବିଶେଷକରି ବାଳିକାମାନଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ବାଳକ ମାନଙ୍କ ଅପେକ୍ଷା ଅଧିକ ହୋଇଥାଏ। କିନ୍ତୁ ଯେତେବେଳେ ବାଳକ ମାନଙ୍କର ଆକାର ଏକ ନିର୍ଣ୍ଣାୟକ ଅବସ୍ଥାକୁ ଆସିଯାଏ ଶାରୀରିକ ଗୁଣାବଳୀ ଯଥା ଶରୀରର ଗଠନ, ଉଚ୍ଚତା ଏବଂ ଏହିଭଳି ଅନ୍ୟାନ୍ୟ ଲକ୍ଷଣ ଗୁଡିକ ପ୍ରାୟତଃ ଆଲୋଚନାରେ ପରିଲକ୍ଷିତ ହୁଏ।

କିଶୋରାବସ୍ଥାରେ ସ୍ୱାଭାବିକ ଲକ୍ଷଣ ମାନଙ୍କ ଭିତରେ ସବୁଠାରୁ ଅଧିକ ପରିଦୃଷ୍ଟ ଲକ୍ଷଣ ହେଉଛି ଆକାରରେ ବୃଦ୍ଧି, ଯଥା ଉଚ୍ଚତା ଓ ଓଜନର ବୃଦ୍ଧି। ସେ ଯାହାହେଉ, କିଶୋରାବସ୍ଥାର ଆରମ୍ଭ ଯାହାକୁ ଯୌବନାରମ୍ଭ ବୋଲି କୁହାଯାଏ, ଏହା ଆକସ୍ମିକ ଭାବରେ ଶାରୀରିକ ପରିବର୍ତ୍ତନ କରାଏ ଯାହାକି ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ଯେତେବେଳେ କି ଉଚ୍ଚତାରେ ବୃଦ୍ଧି ଓ ସ୍ୱରରେ ଗମ୍ଭୀରତା ପରି କେତେକ ଶାରୀରିକ ପରିବର୍ତ୍ତନ ଗୁଡିକ ସ୍ପଷ୍ଟ ଓ ସାଧାରଣଭାବେ ଜଣାପଡନ୍ତି ଅନ୍ୟଗୁଡିକ ଲୁକ୍କାୟିତ ବା ଅସ୍ପଷ୍ଟ ହୋଇଥାନ୍ତି, କିନ୍ତୁ ସେଗୁଡିକ କମ୍ ଗୁରୁତ୍ୱପୂର୍ଣ୍ଣ ନୁହଁନ୍ତି।

ଅଭିବୃଦ୍ଧିରେ ପ୍ରବାହ:

ବାଲ୍ୟାବସ୍ଥାର ଶେଷ ଭାଗରେ ସାଧାରଣତଃ ବାଳିକାମାନେ ପ୍ରାୟ ୧୦ ବା ୧୧ ଓ ବାଳକମାନେ ୧୨ ବା ୧୩ ବର୍ଷ ବେଳକୁ ଉଚ୍ଚତା ଓ ଓଜନ (ସାଧାରଣ ଶାରୀରିକ ଅଭିବୃଦ୍ଧି)ରେ ଦ୍ରୁତ ବୃଦ୍ଧିର ଏକ ଅବସ୍ଥା ପ୍ରଦର୍ଶନ କରିଥାନ୍ତି। ବୃଦ୍ଧିର ଏହି ତ୍ୱରଣ ପୋଷକ ଗ୍ରନ୍ଥିରୁ ଅଧିକ ହରମୋନ ନିଃସୃତ ସହିତ ଘନିଷ୍ଠ ଭାବରେ ସମ୍ବନ୍ଧିତ ଯାହା କେବଳ ଅଭିବୃଦ୍ଧି ସୃଷ୍ଟି ନିମନ୍ତେ ଉତ୍ପ୍ରେରକ ଭାବେ କାର୍ଯ୍ୟକରେ ନାହିଁ ବରଂ ତା ସହିତ ତନ୍ତୁ ସମଷ୍ଟିର ବୃଦ୍ଧି ଓ କ୍ରିୟାକୁ ନିର୍ଦ୍ଧାରଣ କରୁଥିବା ଅନ୍ୟ ଗ୍ରନ୍ଥି ମାନଙ୍କର (ଯଥା- ଅଧିବୃକକ୍, ଜନନ ଗ୍ରନ୍ଥି ଓ ଥାଇରଏଡ୍) ନିୟନ୍ତ୍ରକ ଭାବେ ମଧ୍ୟ କାର୍ଯ୍ୟକରେ। ଦ୍ରୁତ ଅଭିବୃଦ୍ଧି ନିରବଚ୍ଛିନ୍ନ ଭାବରେ ଆପାତତଃ ୩ ବା ୪ବର୍ଷ ଅବଧି ପର୍ଯ୍ୟନ୍ତ ଚାଲେ। ବାଳିକା ମାନଙ୍କ କ୍ଷେତ୍ରରେ ସର୍ବାଧିକ ବୃଦ୍ଧି ହାରାହାରି ୧୨.୬ ବର୍ଷ ବୟସରେ ବାଳକ ମାନଙ୍କ ଠାରେ ୧୪.୮ ବର୍ଷ ବୟସରେ ଆସିଥାଏ। ଏ ଅବଧି ମଧ୍ୟରେ ଜଣେ ଶିଶୁ ବର୍ଷକ ମଧ୍ୟରେ ଉଚ୍ଚତାରେ ସର୍ବାଧିକ ୬ରୁ ୮ଇଞ୍ଚ ଏବଂ ୧୮ରୁ ୨୨ କିଲୋଗ୍ରାମ ହାସଲ କରିବା କିଛି ଅସ୍ୱାଭାବିକ ନୁହେଁ।

ବିଭିନ୍ନ କାରଣରୁ ଏ ସମୟରେ ଶାରୀରିକ ବିକାଶ ଯଦି ଅସମକାଳୀନତାର ଲକ୍ଷଣ ଦର୍ଶାଏ ତାହା କିଶୋରମାନଙ୍କ ଏବଂ ସେମାନଙ୍କର ପିତା ମାତା ଓ ଶିକ୍ଷକ ମାନଙ୍କ ପାଇଁ ଚିନ୍ତାର ବିଷୟ ଅଟେ। ମେରୁଦଣ୍ଡୀୟ ଏବଂ ପେଶୀୟ ବିକାଶ ନୂତନ ପେଶୀ ସମୂହର ପ୍ରୟୋଗ ଓ ଗତ୍ୟାତ୍ମକ ଅଭ୍ୟାସ ନିମନ୍ତେ ଆବଶ୍ୟକ ହେଉଥିବା ଶିକ୍ଷଣ ତୁଳନାରେ ଅଧିକ ଦ୍ରୁତ ହୋଇଥାଏ। ଶରୀର ନୂତନ ଶିକ୍ଷଣ ଆବଶ୍ୟକ କରେ। ଶାରୀରିକ ଅନୁପାତ ମଧ୍ୟ ପରିବର୍ତ୍ତନ ହୋଇଥାଏ। ମୁଖମଣ୍ଡଳର ଆକୃତିରେ ପରିବର୍ତ୍ତନ ହୁଏ। ମୁହଁର ନିମ୍ନଅଂଶର ବୃଦ୍ଧି ଉର୍ଦ୍ଧ୍ୱ ଅଂଶର ବୃଦ୍ଧିଠାରୁ କମ୍ ହୁଏ। ଆନୁପାତିକ ଭାବରେ ସାଧାରଣତଃ ଶରୀରର ଗଣ୍ଡି, ହସ୍ତ ଓ ପାଦ ତୁଳନାରେ ଗୋଡ ଏପରି ଅଧିକ କ୍ଷିପ୍ରତା ସହକାରେ ବୃଦ୍ଧି ପାଏ ଯାହାକି ଅନେକ ବର୍ଷଧରି ନିଜ ଶରୀରର ସଂପୂର୍ଣ୍ଣ ଆକାରକୁ ଆଶା କରାଯାଇଥାଏ।

ସାଧାରଣ ଶାରୀରିକ ଅଭିବୃଦ୍ଧି ସହ ସମାନ୍ତରାଳ ଭାବରେ ହୃତ୍-ଦାହିକା ଓ ଶ୍ୱସନ ସଂସ୍ଥାର ବୃଦ୍ଧି, ବିପାକକ୍ରିୟାରେ ପରିବର୍ତ୍ତନ ଓ ପ୍ରାପ୍ତ ବୟସ୍କ ଅବସ୍ଥା ଦିଗରେ ଅଗ୍ରଗତି ପରି ଜୈବିକ ପରିବର୍ତ୍ତନ ମଧ୍ୟ ହୋଇଥାଏ।

ମେରୁଦଣ୍ଡୀୟ ପେଶୀ ସମୂହ: ଅସ୍ଥି ମାନଙ୍କ ସହ ସଂଯୁକ୍ତ ମାଂସପେଶୀ ଯେଉଁମାନେ କି ଅଙ୍ଗ ଚାଳନା ପରି ଶରୀରର ବିଭିନ୍ନ ପ୍ରକାରର ଚାଳନା ସୃଷ୍ଟି କରିପାରନ୍ତି ସେଗୁଡ଼ିକ ମଧ୍ୟ ସମୃଦ୍ଧ ହୁଅନ୍ତି।

ଯୌବନାବସ୍ଥା ଏବଂ ଯୌନ ବିକାଶ

ତ୍ୱରାନ୍ୱିତ ଅଭିବୃଦ୍ଧିର ପଦାଙ୍କ ଅନୁସରଣ କରି ଅଧିବୃକ୍କୀୟ ବହିଃସ୍ତର ଏବଂ ଜନନ ଗ୍ରନ୍ଥିକୁ ପୋଷକ ଗ୍ରନ୍ଥି ଅଧିକ କ୍ରିୟାଶୀଳତା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରେ। ଏହି ଅବଧି ପୂର୍ବରୁ ପ୍ରକୃତରେ ଅଗ୍ରପୋଷକ ଗ୍ରନ୍ଥିର ନିର୍ଦ୍ଦେଶାନୁସାରେ ଅଧିବୃକ୍କୀୟ ବହିଃସ୍ତର ଦ୍ୱାରା ଉଭୟ ଲିଂଗରେ ସମପରିମାଣର ପୁରୁଷ-ଯୌନ-ହରମୋନ (ଆଣ୍ଡ୍ରୋଜେନ୍)ଏବଂ ସ୍ତ୍ରୀ-ଯୌନ-ହରମୋନ୍ (ଏଷ୍ଟ୍ରୋଜେନ୍) ସୃଷ୍ଟି ହେଉଥାଏ। କିନ୍ତୁ ବର୍ତ୍ତମାନ ଅତ୍ୟଧିକ ହରମୋନ୍ ସୃଷ୍ଟି ଲିଂଗଗତ ପ୍ରଭେଦ ଆଣିଥାଏ। ପୁରୁଷ ଅଧିକ ଆଣ୍ଡ୍ରୋଜେନ୍ ସୃଷ୍ଟି କରୁଥିବା ବେଳେ ମହିଳା ଏଷ୍ଟ୍ରୋଜେନ ସୃଷ୍ଟି କରନ୍ତି।

ପ୍ରଜନନ କ୍ରିୟା ଏବଂ ଯୌନ ଲକ୍ଷଣମାନଙ୍କର ନିର୍ଦ୍ଧାରଣ ନିମନ୍ତେ ଜନନ ଗ୍ରନ୍ଥିରୁ ନିଃସୃତ ପଦାର୍ଥମାନ ହେଉଛନ୍ତି ଯୌନ ହରମୋନ। ଏହାର ଉଦାହରଣ ହେଉଛନ୍ତି, ମହିଳା ମାନଙ୍କଠାରେ ଏଷ୍ଟ୍ରୋଜେନ୍ ଏବଂ ପୁରୁଷ ମାନଙ୍କଠାରେ ଟେଷ୍ଟୋଷ୍ଟେରୋନ। ଟେଷ୍ଟୋଷ୍ଟେରୋନ୍ ହେଉଛି ପୁରୁଷ-ଯୌନ ହରମୋନ ଯାହାକି ପୁରୁଷର ଯୌନ ପରିପକ୍ୱତା ହାସଲ କରିବା ସହିତ ଗୌଣ ଯୌନ ଲକ୍ଷଣ ମାନଙ୍କର ବିକାଶ ନିମନ୍ତେ ଦାୟୀ, କିନ୍ତୁ ମହିଳାଙ୍କ ଶରୀରରେ ଏହି କାର୍ଯ୍ୟ ଏଷ୍ଟ୍ରୋଜେନ୍ ଦ୍ୱାରା ସଂପନ୍ନ ହୋଇଥାଏ।

ଅଧିକନ୍ତୁ, ଜନନାଙ୍ଗୀୟ ଓ ଯୌନ ଉପଯୋଗୀ ତନ୍ତୁ ସମୂହ ଯୌନ-ହର୍ମୋନ୍ ମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହୁଅନ୍ତି। ବାଳକମାନଙ୍କ ଠାରେ ଏହି ପରିବର୍ତ୍ତନ ଗୁଡ଼ିକର ଆୟମାରମ୍ଭ ଅଣ୍ଡକୋଷର କ୍ରମ ବୃଦ୍ଧିର ଆରମ୍ଭ ଦ୍ୱାରା ପରିଲକ୍ଷିତ ହୋଇଥାଏ। ତତ୍ପରେ ପ୍ରତ୍ୟେକ ଲିଙ୍ଗ କ୍ଷେତ୍ରରେ ଏକ କ୍ରମାଗତ ଶାରୀରିକ ପରିବର୍ତ୍ତନ ମାନ ଆସେ ଯେଉଁ ଗୁଡ଼ିକର ପ୍ରଦର୍ଶନ ଅତ୍ୟନ୍ତ ପ୍ରତ୍ୟାଶିତ ଏବଂ ଅନୁକ୍ରମଟି ଅପରିବର୍ତ୍ତନୀୟ ଅଟେ। ବାଳିକାମାନଙ୍କଠାରେ ବକ୍ଷୋଜ ବୃଦ୍ଧି ପାଇବା ସହିତ ଯୌନାଙ୍ଗ ଉପରିସ୍ଥ କେଶ ବୃଦ୍ଧି, ଋତୁସ୍ରାବ ଏବଂ କକ୍ଷୀୟ କେଶ ମଧ୍ୟ ପରିଦୃଷ୍ଟ ହୋଇଥାଏ। ବାଳକମାନଙ୍କଠାରେ ଅଣ୍ଡକୋଷର ପ୍ରାରମ୍ଭିକ ବୃଦ୍ଧିପରେ ଯୌନାଙ୍ଗ ଉପରିସ୍ଥ କେଶ, କକ୍ଷୀୟ କେଶ, ସ୍ୱରରେ ପରିବର୍ତ୍ତନ ଏବଂ ଦାଢ଼ୀ ଏପରି ଏକ ଅନୁକ୍ରମରେ ପରିଦୃଷ୍ଟ ହୋଇଥାଏ।

ସୁତରାଂ, କିଶୋର ମାନଙ୍କୁ ପର୍ଯ୍ୟବେକ୍ଷଣ କରି ସେମାନେ ଯୌବନାବସ୍ଥାର କେଉଁ ସ୍ଥାନରେ ପହଞ୍ଚିଛନ୍ତି ତାକୁ ନିର୍ଣ୍ଣୟ କରିବା ଅତ୍ୟନ୍ତ ସହଜ। କକ୍ଷୀୟ କେଶର ବିକାଶ ଓ ସ୍ୱର ପରିବର୍ତ୍ତନ ଭଳି ପରିଦୃଷ୍ଟ ହେଉଥିବା ଶାରୀରିକ ଲକ୍ଷଣ ହେଉଛନ୍ତି ଗୌଣ-ଯୌନ-ଲକ୍ଷଣ। ମୌଳିକ ଯୌନ-ଲକ୍ଷଣ ମାନଙ୍କରେ ପ୍ରଜନନ ଅଙ୍ଗଗୁଡ଼ିକ ଅନ୍ତର୍ଭୁକ୍ତ ଯେଉଁଗୁଡ଼ିକର ପରିପକ୍ୱତା ବାଳିକା ମାନଙ୍କଠାରେ ଋତୁସ୍ରାବ ଏବଂ ବାଳକ ମାନଙ୍କଠାରେ ପ୍ରଥମ ଶୁକ୍ରକ୍ଷରଣ ଦ୍ୱାରା ସୂଚୀତ ହୋଇଥାଏ।

ସାମର୍ଥ୍ୟ, କୌଶଳ ଓ ଯୋଗ୍ୟତା:

ଶାରୀରିକ ବିକାଶ ସମ୍ବନ୍ଧରେ ପୂର୍ବରୁ ଯାହା ଉପସ୍ଥାପନ କରାଗଲା ତାହା କେବଳ କିଶୋରାବସ୍ଥାରେ ସଂଘଟିତ ହେଉଥିବା ପରିବର୍ତ୍ତନ ଗୁଡ଼ିକର ଏକ ସ୍ଥୁଳ ଚିତ୍ର। ସମ୍ଭବତଃ, ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ସାମର୍ଥ୍ୟ ଓ କୌଶଳ ଅଭିବୃଦ୍ଧିର ଶୈଳୀ। ଯୌବନ ପ୍ରାପ୍ତ ଜଣେ ପୁଅର ବୟସ ଯଦିଓ ଯୌବନାବସ୍ଥାରେ ପଦାର୍ପଣ କରିନଥିବା ତାର ବଂଧୁ ମାନଙ୍କର କ୍ରମିକ ବୟସ ସହିତ ସମାନ ହୋଇଥାଏ ତଥାପି ସେ ନିଶ୍ଚିତ ଭାବରେ ଶକ୍ତିଶାଳୀ ଏବଂ ତାହାର ସ୍ଫୁର୍ତ୍ତିଶୀଳତା, ପେଶୀୟ ସହଯୋଜନ ଓ ଶାରୀରିକ କୌଶଳତା ରହିବାର ସମ୍ଭାବନା ଥାଏ। ଯେଉଁ ବାଳିକା ମାନଙ୍କର ସାମର୍ଥ୍ୟ ପ୍ରାୟ ଏକବର୍ଷ ଧରି ବୃଦ୍ଧିପାଇ ଲାଗିଥିଲା ଏବଂ ସେମାନଙ୍କ ନିମନ୍ତେ ତାହା ସ୍ୱଳ୍ପକାଳ ପାଇଁ ଆହ୍ୱାନ ସୃଷ୍ଟିକରିଥିଲା। ବର୍ତ୍ତମାନ ତାହାକୁ ସେମାନେ ଖୁବ୍ ଶୀଘ୍ର ଅତିକ୍ରମ କରିବେ। ତୁମେ ହୁଏତ ଜାଣିବା ପାଇଁ ଚାହୁଁଥିବ ଯେ କେଉଁ କାରକଗଣ ଏହି ବିକାଶ ନିମନ୍ତେ ଦାୟୀ। ପ୍ରଥମତଃ, ଏହା ସୁସ୍ପଷ୍ଟ ଯେ ପୁରୁଷ-ହର୍ମୋନ ଆଣ୍ଡ୍ରୋଜେନ୍‌ର ତ୍ୱରାନ୍ୱିତ କ୍ଷରଣ ଅଧିକରୁ ଅଧିକ ମାସଂପେଶୀୟ ସାମର୍ଥ୍ୟ ଆଣିଥାଏ। ଦ୍ୱିତୀୟତଃ, ଅତ୍ୟଧିକ ଶାରୀରିକ ସାମର୍ଥ୍ୟ ନିମନ୍ତେ ମେରୁଦଣ୍ଡୀୟ ବୃଦ୍ଧି, ସ୍କନ୍ଧର ଓସାରରେ ବୃଦ୍ଧି, ବୃହତ୍ ବକ୍ଷ ଗହ୍ୱର, ଫୁସ୍‌ଫୁସ୍ ଓ ହୃଦୟର ଆକାର ବୃଦ୍ଧି ଏବଂ ରକ୍ତଚାପର ବୃଦ୍ଧି ଇତ୍ୟାଦି ସମସ୍ତେ ଅତ୍ୟଧିକ ଶାରୀରିକ ସାମର୍ଥ୍ୟ ନିମନ୍ତେ ଅନୁକୂଳ ଅବସ୍ଥା ଅଟନ୍ତି।

ଯଦିବା ବାଳିକା ମାନଙ୍କଠାରେ ଏପରି ଅନେକ ପରିବର୍ତ୍ତନ ସଂଘଟିତ ହୋଇଥାଏ ତଥାପି ସେମାନଙ୍କର ଶାରୀରିକ ସାମର୍ଥ୍ୟର ବୃଦ୍ଧି ଅପେକ୍ଷାକୃତ ଭାବେ ମନ୍ଥର ହାରରେ ହୋଇଥାଏ ଏବଂ ବାସ୍ତବରେ ଏହାପୁରୁଷ ମାନଙ୍କ ସହ କଦାପି ସମକକ୍ଷ ହୋଇପାରେ ନାହିଁ। ଏହି ଉତ୍କୃଷ୍ଟତା ନିମନ୍ତେ ଦୁଇଗୋଟି କାରଣ ରହିଛି : (କ) ଶାରୀରିକ ଭାବେ ଅଧିକ ପ୍ରଶସ୍ତ ସ୍କନ୍ଧ, ବୃହତ ବକ୍ଷ ଗହ୍ୱର ଏବଂ ଗୋଡର ଉତ୍ତମ ଭାର-କ୍ଷମତା ପୁରୁଷ ନିମନ୍ତେ ଅନୁକୂଳ ଅବସ୍ଥା ଆଣିଥାନ୍ତି, (ଖ) ସାଂସ୍କୃତିକ ସ୍ତରରେ ସାମର୍ଥ୍ୟର ବିକାଶ ନିମନ୍ତେ ବାଳିକାମାନେ ସ୍ୱଳ୍ପ ପ୍ରୋତ୍ସାହନ ପାଇଥାନ୍ତି। ପ୍ରକୃତ ପକ୍ଷେ ବାଳିକାମାନେ ଦୁର୍ବଳ ଓ ପରାଲମ୍ବନ କିମ୍ୱା ସେହିପରି ବୋଲି ଛଳନା କରିବା ନିମନ୍ତେ ପ୍ରୋତ୍ସାହନ ପାଇଥାନ୍ତି। ସାମର୍ଥ୍ୟର ବୃଦ୍ଧି ସହିତ ପେଶୀୟ ସହଯୋଜନ, ପ୍ରତିକ୍ରିୟାର ଗତି ଏବଂ ପ୍ରତ୍ୟକ୍ଷ-ପେଶୀୟ କୌଶଳ ଆଦିର ବିକାଶ ହୋଇଥାଏ। ଶାରୀରିକ ବିକାଶର ମୂଲ୍ୟାଙ୍କନ କରିବା ସମୟରେ ସର୍ବୋଚ୍ଚ ଅବସ୍ଥା କ'ଣ ତାହାର ବିଚାର ଗୁରୁତ୍ୱପୂର୍ଣ୍ଣ ଅଟେ। ଉଚ୍ଚତା-ଓଜନର ଅନୁପାତ ଏକ ହାରାହାରି ଉପରେ ପର୍ଯ୍ୟବେସିତ କିନ୍ତୁ ଯଦି ତରୁଣମାନଙ୍କର ଏକ ବଡ ଅଂଶ ସ୍ଥୁଳକାୟ ହୋଇଥାନ୍ତି, ତେବେ ଏହା ଏକ ବିଭ୍ରାନ୍ତିକର ସିଦ୍ଧାନ୍ତରେ ଉପନୀତ କରାଇବ। ସୁତରାଂ ଯାହା ହାରାହାରି ତାହା ନିଶ୍ଚିତ ଭାବରେ ସର୍ବୋଚ୍ଚ ଅବସ୍ଥା ହୋଇନପାରେ।

ପାଠ୍ୟଭୁକ୍ତ ପ୍ରଶ୍ନ ୧୧.୩

୧. କିପରି 'କିଶୋରାବସ୍ଥା ଦ୍ରୁତ ଶାରୀରିକ ଅଭିବୃଦ୍ଧି ଓ ଯୌନ ବିକାଶର ଏକ ଅବଧି' ତାହା ବ୍ୟାଖ୍ୟା କର।

୧୧.୭ ଲିଙ୍ଗାନୁରୂପ ଭୂମିକା

ଲିଙ୍ଗ ଏକ ଅତ୍ୟଧିକ ଜଟିଳ ଶବ୍ଦ। ଗୋଟିଏ ସମାଜରେ କିଛି ଗୁଣ ଓ ଆଚରଣ ମାନଙ୍କୁ ପୁରୁଷ ଓ ମହିଳାମାନଙ୍କର ବିଶେଷ ଲକ୍ଷଣ ଭାବରେ ବିବେଚନା କରାଯିବାର ବିଶ୍ୱାସ ସହିତ ଏହି ଶବ୍ଦର ସଂପର୍କ ରହିଛି। ପୁରୁଷମାନେ ଏବଂ ମହିଳାମାନେ କେଉଁ କେଉଁ ଭୂମିକା କରିବା ଉଚିତ୍ ଏବଂ କେଉଁ ପ୍ରକାରର ଆଚରଣ ପ୍ରଦର୍ଶନ କରିବା ଉଚିତ୍ ଏ ସମ୍ବନ୍ଧୀୟ ପ୍ରତ୍ୟାଶାକୁ ଲିଙ୍ଗାନୁରୂପ ଭୂମିକା ବୋଲି ଅଭିହିତ କରାଯାଏ। ଶିଶୁଟିଏ ଜନ୍ମଲାଭ କରିବା ସଂଗେ ସଂଗେ ଏପରି ପ୍ରତ୍ୟାଶା କାର୍ଯ୍ୟ କରିବା ଆରମ୍ଭ କରିଦିଏ।

ଲିଙ୍ଗାନୁରୂପ ଭୂମିକା ସମ୍ବନ୍ଧୀୟ ବିଶ୍ୱାସ ଆମକୁ ଓ ଆମ ରବ୍ୟବହାରକୁ ଜୀବନସାରା ଅହରହ ପ୍ରଭାବିତ

କରେ। ଶିଶୁ ସେ ନିଜେ ଗୋଟିଏ ବା ଅନ୍ୟ ଲିଙ୍ଗର ଅନ୍ତର୍ଭୁକ୍ତ ବୋଲି ଜାଣିପାରିବାକୁ 'ଲିଙ୍ଗ ପରିଚିତି ବୋଧ' ବୋଲି କୁହାଯାଏ ଯାହାକି ୩ବା ୪ ବର୍ଷ ବୟସ ସୁଦ୍ଧା ଜୀବନର ପ୍ରାରମ୍ଭିକ ଅବଧିରୁ ହିଁ ସ୍ଥାପିତ ହୋଇଥାଏ। ଏହି ସମୟରେ ସେମାନେ ସର୍ବଦା ବାଳକ କିମ୍ବା ଜଣେ ବାଳିକା ହୋଇ ରହିବେ କି ନା ଏଥିରେ ଅନିଶ୍ଚିତ ଥାନ୍ତି। ଛଅ ବା ସାତ ବର୍ଷ ନ ହେଲାଯାଏ ଲିଙ୍ଗ ସଂଗତି ବୋଧ ଆସିନଥାଏ। ଯଦି ସେମାନେ ଅନ୍ୟ ଲିଂଗାନୁରୂପ ପୋଷାକ ପିନ୍ଧନ୍ତି, କେଶ ବିନ୍ୟାସ କରନ୍ତି ଓ ଆଚରଣ କରନ୍ତି ତଥାପି ସେମାନଙ୍କର ବର୍ତ୍ତମାନର 'ଲିଂଗ ପରିଚିତ' ଅପରିବର୍ତ୍ତିତ ରହିବ, ଏପରି ଏକ ଦୃଢ଼ ଉପଲବ୍ଧିକୁ ଲିଙ୍ଗ ସଂଗତି କୁହାଯାଏ।

ପାଠ୍ୟଭୁକ୍ତ ପ୍ରଶ୍ନ ୧୧.୪

୧. ଲିଙ୍ଗାନୁରୂପ ଭୂମିକାର ଅର୍ଥକୁ ବ୍ୟାଖ୍ୟା କର।

____

____

ତୁମ୍ଭେଯାହା କିଛି ଶିକ୍ଷା ଲାଭକଲ

- କିଶୋରାବସ୍ଥା ହେଉଛି ବାଲ୍ୟାବସ୍ଥାରୁ ପ୍ରୌଢ଼ାବସ୍ଥା ମଧ୍ୟରେ ଏକ ବୟଃସନ୍ଧି ଅବଧି ଏବଂ ଏହା ପ୍ରାକ୍‌ସାମାଜିକ ଅଥବା ଅସାମାଜିକ ପ୍ରୌଢ଼ବ୍ୟକ୍ତି ଗଠନରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରେ।
- କିଶୋରାବସ୍ଥାରେ ଇଷ୍ଟତମ ବିକାଶ ଶୈଶବ ଏବଂ ବାଲ୍ୟାବସ୍ଥାର ବିକାଶତ୍ମକ କାର୍ଯ୍ୟାବଳୀରେ ସଫଳତା ହାସଲ କରିବା ଉପରେ ନିର୍ଭର କରେ।
- ମୌଳିକଭାବରେ କିଶୋରାବସ୍ଥା ହେଉଛି ଶାରୀରିକ ଓ ଜୈବିକ ପରିବର୍ତ୍ତନର ଏକ ଅବଧି। ଯୁବକର ଶରୀରରେ ସଂଘଟିତ ପରିବର୍ତ୍ତନମାନେ ହିଁ କୈଶୋର ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ।
- ବାଲ୍ୟାବସ୍ଥାର ଶେଷ ଭାଗରେ ବାଳିକାମାନଙ୍କର ୧୦ ବା ୧୧ ଏବଂ ବାଳକମାନଙ୍କର ୧୨ ବା ୧୩ ବର୍ଷ ବୟସରେ ଶରୀରର ଓଜନ ଓ ଉଚ୍ଚତାରେ ଏକ ଦ୍ରୁତ ଅଭିବୃଦ୍ଧି ଆରମ୍ଭ ହୋଇଥାଏ।
- ଲିଙ୍ଗାନୁରୂପ ଭୂମିକା କହିଲେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଗ୍ରହଣୀୟ ଏବଂ ସେମାନେ କିପରି ଆଚରଣ ପ୍ରଦର୍ଶନ କରିବା ଉଚିତ୍ ସେ ସମ୍ବନ୍ଧୀୟ ପ୍ରତ୍ୟାଶାକୁ ବୁଝାଏ।

ଅନ୍ତିମ ପ୍ରଶ୍ନାବଳୀ

୧. କିଶୋରାବସ୍ଥାରେ ପ୍ରାଥମିକ (ବା ମୌଳକ) ଏବଂ ଗୌଫ ଲକ୍ଷଣ ଗୁଡ଼ିକ କ'ଣ?

୨. କିଶୋରମାନଙ୍କ ନିମନ୍ତେ ବିକାଶତ୍ମକ କାର୍ଯ୍ୟାବଳୀ କ'ଣ?

୩. କିଶୋର ଅବସ୍ଥାରେ ସମ୍ମୁଖୀନ ହେଉଥିବା ମୁଖ୍ୟ ଆହ୍ୱାନମାନଙ୍କର ଏକ ବିଶଦ ବିବରଣୀ ପ୍ରଦାନ କର।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତରମାଳା

୧୧.୧

୧. ପରିବର୍ତ୍ତନର ଗତି, ଦ୍ରୁତ ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ପରିବର୍ତ୍ତନ

୨. ନୂତନ ସାମାଜିକ ଭୂମିକା, ସ୍ୱାବଲମ୍ବନ, ସମ୍ମୁଖୀନ ହେଉଥିବା ଦ୍ୱନ୍ଦ।

୧୧.୨

୧. (କ) ୨. (କ)

୧୧.୩

୧. ପରିବର୍ତ୍ତନର ଗତି ଓ ଦୀର୍ଘତା, ତାଲିମ, ପରାବଲମ୍ବନ, ସ୍ଥିତି, ଚାହିଦା, ବାସ୍ତବତାର ମାତ୍ରା, ଅଭିପ୍ରେରଣା

୨. ଅଭିବୃଦ୍ଧିରେ ପ୍ରବାହ, ଉଚ୍ଚତା ଓ ଓଜନ, ମେରୁଦଣ୍ଡୀୟ ଓ ମାଂସପେଶୀୟ ଅଭିବୃଦ୍ଧି, ଏବଂ ଯୌନ ହର୍ମୋନ, ଯୌନ ବିକାଶ, ଯୌନ ହର୍ମୋନ ଏବଂ ସାମର୍ଥ୍ୟ ଓ କୌଶଳ।

୧୧.୪

୧. ପୁରୁଷ ଏବଂ ମହିଳାମାନଙ୍କର ଆଚରଣ ଓ ଗୁଣ ସମ୍ବନ୍ଧୀୟ ସାମାଜିକ ବିଶ୍ୱାସ। ଲିଂଗ ସଂଗତି ବୋଧ ଏବଂ ପୁରୁଷ ଓ ମହିଳା ମାନଙ୍କର ଆଚରଣ।

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ୧୧.୩ ଭାଗର ସହାୟତା ନିଅ।

୨. ୧୧.୬ ଭାଗର ସହାୟତା ନିଅ।

୩. ୧୧.୫ ଭାଗର ସହାୟତା ନିଅ।

୧୨

ପ୍ରୌଢ଼ାବସ୍ଥା ଏବଂ ବୟୋବୃଦ୍ଧି

ବୟୋବୃଦ୍ଧି କ'ଣ ? ବୟୋବୃଦ୍ଧି ହେଲେ କେଉଁ ପରିବର୍ତ୍ତନ ଘଟେ ? ଜଣେ ବୃଦ୍ଧ- ଏହା କହିବାର ଅର୍ଥ କ'ଣ ? ଯେତେବେଳେ ଆମେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଦେଖୁ ବା ସାକ୍ଷାତ କରୁ ଏହିପରି କେତେକ ପ୍ରଶ୍ନ ଆମ ମନରେ ସୃଷ୍ଟିହୁଏ। ଆମେ ଦେଖୁଛେ ଯେ ଆମେ ଯେଉଁଳି ବ୍ୟବହାର କରୁ, ଆମର ପିତାମାତା ମାନେ ସେଭଳି ବ୍ୟବହାର କରନ୍ତି ନାହିଁ। "ବୟସ୍କ ଓ ବୟୋବୃଦ୍ଧି" ଶବ୍ଦ ଶୁଣିବା ବେଳେ ସାଧାରଣତଃ ମନରେ ଯେଉଁ ସମସ୍ତ ପ୍ରତିଛବି ଆସେ, ତାହାହେଲା- ଦାୟିତ୍ୱବୋଧତା, ସ୍ଥିରତା, ବିସ୍ମୃତି ଏବଂ ବେଳେ ବେଳେ ଖରାପ ସ୍ୱାସ୍ଥ୍ୟ। ଆମ ଦୃଷ୍ଟିରେ ବାର୍ଦ୍ଧକ୍ୟ ହେଉଛି ଜୀବନରେ ଏକ ପର୍ଯ୍ୟାୟ ଯେତେବେଳେ ବ୍ୟକ୍ତି ଅନ୍ୟ ଉପରେ ଅଧିକ ନିର୍ଭରଶୀଳ ହୋଇଥାଏ। ଏ ସମସ୍ତ ବଦ୍ଧମୂଳ ଧାରଣା ନା ଅମୂଳକ ଧାରଣା ?

ବର୍ତ୍ତମାନର ସମାଜକୁ ଦୃଷ୍ଟିଦେଲେ ଆମେ ଜାଣିବାକୁ ପାଇବା ଯେ ବୃଦ୍ଧ ଜନସଂଖ୍ୟାର ସମ୍ଭାଗ ବଢ଼ି ଚାଲିଛି। ଏହା କଳନା କରାଯାଇଅଛି ଯେ, ୨୦୨୧ ମସିହା ବେଳକୁ ବିଶ୍ୱ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ ବୃଦ୍ଧ ବ୍ୟକ୍ତି ଶ୍ରେଣୀଭୁକ୍ତ ହୋଇଥିବ। ପ୍ରାପ୍ତ ବୟସ୍କ ହେବା ଏବଂ ବୃଦ୍ଧ ହେବା ଏକ ଜୈବିକ ପ୍ରକ୍ରିୟା, କିନ୍ତୁ ଏହା ସହିତ ଅନ୍ୟ କେତେକ ବିକାଶ ମଧ୍ୟ ଘଟିଥାଏ। ତୁମେ ଏହି ଅଧ୍ୟାୟରେ ଏ ସମସ୍ତ ପରିବର୍ତ୍ତନ ବିଷୟରେ ଅଧ୍ୟୟନ କରିବ। ସମାଜରେ ବୃଦ୍ଧ ବ୍ୟକ୍ତିମାନଙ୍କର ମୂଲ୍ୟ କ'ଣ ତାହା ବୁଝିବାକୁ ତୁମକୁ ଏହି ପାଠ ସାହାଯ୍ୟ କରିବ ଏବଂ ବୃଦ୍ଧମାନଙ୍କ ସହିତ ଉତ୍ତମ ଭାବରେ ସଂପୃକ୍ତ ହେବାପାଇଁ ମଧ୍ୟ ସାହାଯ୍ୟ କରିବ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ତୁମେ ନିମ୍ନୋକ୍ତ ଉଦ୍ଦେଶ୍ୟ ହାସଲ କରିବ:

- ପ୍ରୌଢ଼ାବସ୍ଥା ଏବଂ ବାର୍ଦ୍ଧକ୍ୟ ଅବଧିର ଲକ୍ଷଣମାନଙ୍କୁ ବ୍ୟାଖ୍ୟା କରିବା
- ପ୍ରୌଢ଼ାବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ବିକାଶାତ୍ମକ ପରିବର୍ତ୍ତନ ମାନଙ୍କର ବର୍ଣ୍ଣନା କରିବା
- ବାର୍ଦ୍ଧକ୍ୟତାର ସମସ୍ୟାବଳୀ ଏବଂ ଏହା ସହିତ କିପରି ସମାଯୋଜିତ ହେବାକୁ ପଡେ ଏହାର ବର୍ଣ୍ଣନା କରିବା
- ପ୍ରାପ୍ତ ବୟସ୍କ ଏବଂ ବୃଦ୍ଧ ବ୍ୟକ୍ତି ମାନଙ୍କ ସହ ସଂପୃକ୍ତ ହେବାରେ ଆଗ୍ରହ ପ୍ରକାଶ କରିବା।

୧୨.୧ ପ୍ରୌଢ଼ାବସ୍ଥା (ପରିଣତ ବୟସ୍କ ପର୍ଯ୍ୟାୟ)

ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଆମକୁ ବୟସ ଅନୁଯାୟୀ କାର୍ଯ୍ୟ କରିବାକୁ କହିଥାନ୍ତି। ଏହାର ଅର୍ଥ କ'ଣ, ଏ ବିଷୟରେ ତୁମେ କେତେ ଚିନ୍ତା କରିଛ କି ? ଏକ ନିର୍ଦ୍ଦିଷ୍ଟ ବୟସରେ ବ୍ୟକ୍ତି କିପରି କାର୍ଯ୍ୟ କରିବା ବିଧେୟ,

ଟିପ୍ପଣୀ

ସେଥି ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ମାନକୀୟ ପ୍ରତ୍ୟାଶା ରହିଛି । ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ଭାବରେ ନିଜର କର୍ତ୍ତବ୍ୟ ସଂପାଦନର ସାମାଜିକ ପ୍ରତ୍ୟାଶା ଦ୍ୱାରା ହିଁ ପ୍ରୌଢ଼ାବସ୍ଥା ଚିହ୍ନଟ ହୋଇଥାଏ । ପରିବାର ଏବଂ ବୃତ୍ତି ସଦୃଶ କେତେକ ସ୍ୱତନ୍ତ୍ର ଭୂମିକା ଓ ସଂପର୍କ ପ୍ରାପ୍ତ ବୟସ୍କତାର ମୁଖ୍ୟ ମାଇଲଖୁଣ୍ଟ । କିଶୋରାବସ୍ଥାରେ ଅଭିବୃଦ୍ଧିର ସ୍ଫୁରଣ ପ୍ରୌଢ଼ାବସ୍ଥା ବେଳକୁ ସ୍ଥିର ହୋଇଥାଏ ଏବଂ ବ୍ୟକ୍ତି ସମାଜରେ ଅଧିକ ବାସ୍ତବ ଭୂମିକା ଦିଗରେ ଅଗ୍ରସର ହୁଏ । ଆମର ସାମର୍ଥ୍ୟ ଏବଂ ବ୍ୟବହାର ବୟସ ବୃଦ୍ଧିସହ ତାଳଦେଇ ନିରନ୍ତର ପରିବର୍ତ୍ତିତ ହେଉଥାଏ । ଏହି ପରିବର୍ତ୍ତନ କେବଳ ଯେ ଜୈବିକ ଅଭିବୃଦ୍ଧି ହେତୁ ଘଟେ ତା'ନୁହେଁ ଅଧିକନ୍ତୁ ଆମର ଜ୍ଞାନ ଓ ପରିବେଷ୍ଟନୀ ସହିତ ଆମେ କିପରି କ୍ରିୟା ପ୍ରକ୍ରିୟା କରୁ ସେହି କାରଣରୁ ମଧ୍ୟ ଘଟିଥାଏ । ଭାରତୀୟ ପରମ୍ପରାରେ ପ୍ରାପ୍ତ ବୟସ୍କତା ଅବଧି ଗୃହାସ୍ଥାଶ୍ରମକୁ ସୂଚାଏ । ଏହି ପର୍ଯ୍ୟାୟରେ ବ୍ୟକ୍ତି ସାମାଜିକ ଜୀବନରେ ପ୍ରବେଶ କରେ ଏବଂ ପରିବାର, ବିବାହ ଓ ବୃତ୍ତିରେ ପ୍ରବେଶ କରିବାର ଦାୟିତ୍ୱ ଗ୍ରହଣ କରେ । ପ୍ରୌଢ଼ତା ବା ପ୍ରାପ୍ତ ବୟସ୍କ ପର୍ଯ୍ୟାୟର ନିମ୍ନ ପ୍ରଦତ୍ତ ଉପଅବଧି ରହିଅଛି:

୧. ଆଦ୍ୟ ପ୍ରୌଢ଼ାବସ୍ଥା (୨୦ ରୁ ୩୦ବର୍ଷ), ୨. ମଧ୍ୟ ପ୍ରୌଢ଼ାବସ୍ଥା (୪୦ରୁ ୫୦ବର୍ଷ), ଏବଂ ୩. ବିଳମ୍ବିତ ପ୍ରୌଢ଼ାବସ୍ଥା (୬୦ରୁ ତଦୁର୍ଦ୍ଧ୍ୱ) । ଆସ ଆମେ ପ୍ରତ୍ୟେକ ଉପଅବଧିର ବିଭିନ୍ନ ଗୁଣମାନଙ୍କୁ ବୁଝିବା ।

ଆଦ୍ୟ ପ୍ରୌଢ଼ାବସ୍ଥା :

ଆଦ୍ୟ ପ୍ରୌଢ଼ାବସ୍ଥାରେ ଜଣେ ନିଜକୁ ସ୍ୱୟଂକ୍ରିୟ ବା ସ୍ୱାଧୀନ ବୟସ୍କ ବ୍ୟକ୍ତି ଭାବରେ ଦେଖେ । ବ୍ୟକ୍ତି ଆର୍ଥିକ ଦୃଷ୍ଟିରୁ ପିତୃମାତୃକ ପରିବାର ଉପରେ କମ୍ ନିର୍ଭରଶୀଳ ହୋଇଥାଏ । ଗୋଟିଏ ବୃତ୍ତିର ଚୟନ ଏହି ପର୍ଯ୍ୟାୟର ମୁଖ୍ୟ ବିକାଶାତ୍ମକ କାର୍ଯ୍ୟ । ଯୁବକ ଓ ଯୁବତୀମାନେ ସେମାନଙ୍କର ପସନ୍ଦର ଏକ ବୃତ୍ତିରେ ନିଜକୁ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିଥାନ୍ତି । ଅଧିକନ୍ତୁ, ଆଦ୍ୟ ପ୍ରୌଢ଼ବ୍ୟକ୍ତି ବିବାହ କରିବା ଲାଗି ଉଦ୍ୟମ କରେ ଏବଂ ପାରିବାରିକ ଜୀବନ ଆରମ୍ଭ କରେ । ସେମାନେ ବିଭିନ୍ନ ସାମାଜିକ ପ୍ରସଙ୍ଗରେ ମଧ୍ୟ ଜଡିତ ହୋଇଥାନ୍ତି ଏବଂ ନିଜର ପେଶାଗତ ସାଂଗସାଥୀ ଓ ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କ ସହିତ ନିବିଡ ସଂପର୍କ ସ୍ଥାପନ କରିଥାନ୍ତି । ଜଣେ ବ୍ୟକ୍ତିଠାରୁ ନିଜପାଇଁ ଏବଂ ସମାଜପାଇଁ କର୍ତ୍ତବ୍ୟ ଏପରି ଦ୍ୱିବିଧ ଦାୟିତ୍ୱର ଆଶାକରାଯାଏ ।

ଆଦ୍ୟ ପ୍ରୌଢ଼ାବସ୍ଥାର ପର୍ଯ୍ୟାୟ ଆର୍ଥିକ ଓ ଆବେଗାତ୍ମକ ସ୍ୱାଧୀନତା ପ୍ରତିଷ୍ଠା କରିବା, ବୈବାହିକ ସଂପର୍କ ମଧ୍ୟକୁ ପ୍ରବେଶ କରିବା ପରି ନୂତନ କାର୍ଯ୍ୟ ଓ ଆହ୍ୱାନ ମାନଙ୍କ ଦ୍ୱାରା ଲକ୍ଷଣଯୁକ୍ତ ହୋଇଥାଏ । ବେକାରୀ ଏବଂ ବୈବାହିକ ମତଭେଦ ଆଦ୍ୟ ପ୍ରୌଢ଼ାବସ୍ଥାରେ ଦୁଇଗୋଟି ସାଧାରଣ ସଂକଟପୂର୍ଣ୍ଣ ପରିସ୍ଥିତି ଅଟନ୍ତି । ଏରିକ୍‌ସନଙ୍କ ମତରେ ଏହି ଅବଧି ଆତ୍ମିୟତା-ବାନାମ-ଅନ୍ତରଣ'ର ଏକ ସଂକଟ ଦ୍ୱାରା ଚିହ୍ନିତ ହୋଇଥାଏ । ଆଦ୍ୟ ପ୍ରାପ୍ତବୟସ୍କ ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ବିଶେଷତଃ ବୈବାହିକ ସଂପର୍କ ଦ୍ୱାରା ଗଭୀର ଆତ୍ମୀୟତାପୂର୍ଣ୍ଣ ସଂପର୍କ ସ୍ଥାପନ କରିବାର ସାମର୍ଥ୍ୟକୁ ବିକଶିତ କରିବା ଆବଶ୍ୟକ । ଅନ୍ୟଥା, ସେମାନେ ସାମାଜିକ ଓ ଆବେଗାତ୍ମକ ଭାବରେ ବିଚ୍ଛିନ୍ନ ବା ଅନ୍ତର ହୋଇଯାଇ ପାରନ୍ତି । ଅଧିକାଂଶ ଅଳ୍ପ ବୟସ୍କ ବ୍ୟକ୍ତିମାନେ ଭବିଷ୍ୟ କୃତିର ଏକ ସ୍ୱପ୍ନ ଦେଖିଥାନ୍ତି ବା ଜୀବନର ଲକ୍ଷ୍ୟ ଭାବରେ ଯାହା ସେମାନେ ହାସଲ କରିବାକୁ ଇଚ୍ଛା କରନ୍ତି, ତାହାର ଏକ ମାନସ-ଚିତ୍ର ସୃଷ୍ଟି କରିଥାନ୍ତି । ଏପରି ସ୍ୱପ୍ନ ଅଳ୍ପ ବୟସ୍କ ବ୍ୟକ୍ତି ମାନଙ୍କର ଲକ୍ଷ୍ୟ ନିର୍ଦ୍ଦେଶିତ ଉଦ୍ୟମକୁ ଅଭିପ୍ରେରିତ କରିଥାଏ । ବୃତ୍ତିଗତ ଓ ବୈବାହିକ ଚୟନ ଏବଂ ସାମାଜିକ ଓ ଆର୍ଥିକ ସ୍ୱାଧୀନତା ହାସଲ ହେଉଛି ଆଦ୍ୟ ପ୍ରୌଢ଼ାବସ୍ଥାର କେତେକ ମୁଖ୍ୟ କାର୍ଯ୍ୟାବଳୀ । ପ୍ରାୟତଃ, ଆଦ୍ୟ ତ୍ରିଦଶକ ବୟସରେ ବ୍ୟକ୍ତିମାନେ ସେମାନଙ୍କର ଚୟନର ପୁନଃମୂଲ୍ୟାୟନ କରିଥାନ୍ତି ଏବଂ ବୃତ୍ତି ଚୟନ ଓ ସାମାଜିକ ସଂପର୍କରେ ନିର୍ଦ୍ଦିଷ୍ଟ ପରିବର୍ତ୍ତନ କରିବାକୁ ପ୍ରୟାସ କରିଥାନ୍ତି । ଏହି ଅନୁଭୂତି ମାନଙ୍କୁ 'ତ୍ରିଦଶକ ଅବସ୍ଥାନ୍ତର' ବୋଲି ବର୍ଣ୍ଣନା କରାଯାଇଛି ।

ଆଦ୍ୟ ପ୍ରୌଢ଼ାବସ୍ଥାର ବିଶେଷ ଗୁଣାବଳୀ

- ଏକ ବୃତ୍ତି ଚୟନ
- ପାରିବାରିକ ଜୀବନର ଆୟମାରମ୍ଭ

- ସାଙ୍ଗସାଥୀମାନଙ୍କ ସହ ଘନିଷ୍ଠ ସଂପର୍କ ସ୍ଥାପନ
- ସମାଜ ବିଷୟରେ ଚିନ୍ତିତ

ଟିପ୍ପଣୀ

ଏହା ନିଜେ କର

ଜଣେ ପୁରୁଷ ଏବଂ ମହିଳା, ଏପରି ଦୁଇଜଣ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ସାକ୍ଷାତ କର। ସେମାନଙ୍କୁ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ସଂପର୍କରେ ପ୍ରଶ୍ନକର। ସେମାନଙ୍କର ବର୍ଣ୍ଣନା ଓ ତୁମର ନିଜର ବର୍ଣ୍ଣନାକୁ ଲିପିବଦ୍ଧ କର। ଏହା ମଧ୍ୟରେ ତୁଳନା କର ଏବଂ ତୁମ ସାଂଗସାଥୀ ଓ ଶିକ୍ଷକଙ୍କ ସହ ଆଲୋଚନା କର।

ପାଠ୍ୟାଭୁକ୍ତ ପ୍ରଶ୍ନ ୧୨.୧

୧. ଆଦ୍ୟ ପ୍ରୌଢ଼ାବସ୍ଥାର ବିଶେଷ ଗୁଣାବଳୀକୁ ଚିହ୍ନଟ କର।

୧୨.୨ ମଧ୍ୟ ପ୍ରୌଢ଼ାବସ୍ଥା ବା ମଧ୍ୟ ବୟସ୍କତା

ବ୍ୟକ୍ତି ଦ୍ୱିଦଶକ ଏବଂ ତ୍ରିଦଶକ ଅବଧିରୁ ଗତିକରି ଚତୁଃଦଶକ ରୁ ପଞ୍ଚଦଶକ ବୟସରେ ମଧ୍ୟ ବୟସ୍କତାରେ ଉପନୀତ ହୁଏ। ଦକ୍ଷତା, ପରିପକ୍ୱତା, ଦାୟିତ୍ୱବୋଧ ଏବଂ ସ୍ଥିରତା ଦ୍ୱାରା ମଧ୍ୟବୟସ୍କ ଚିହ୍ନିତ ହୋଇଥାଏ। ଏହା ହେଉଛି ସେହି ସମୟ ଯେତେବେଳେ କି ଜଣେ ବ୍ୟକ୍ତି ବୃତ୍ତିଗତ ସଫଳତାକୁ ଉପଭୋଗ କରିବା, ପରିବାର ଏବଂ ସାମାଜିକ ଜୀବନରୁ ସନ୍ତୁଷ୍ଟି ହାସଲ କରିବା ନିମନ୍ତେ ଅଭିଳାଷ ରଖେ। ଲୋକମାନେ ନିଜର ସନ୍ତାନ ମାନଙ୍କର ସାଫଲ୍ୟତା ପ୍ରତି ଦୃଷ୍ଟିପାତ କରିଥାନ୍ତି। ସ୍ୱାସ୍ଥ୍ୟ, ସନ୍ତାନ ମାନଙ୍କର ଭବିଷ୍ୟତ, ବୃଦ୍ଧ ପିତାମାତା, ଅବସର ସମୟର ଉପଯୋଗ ଏବଂ ନିଜର ବାର୍ଦ୍ଧକ୍ୟ କାଳ ନିମନ୍ତେ ଯୋଜନା ପ୍ରସ୍ତୁତ ଉପରେ ଅଭିନିବେଶ ଅଧିକ କେନ୍ଦ୍ରୀଭୂତ ହୋଇଥାଏ। ମହିଳା ମାନଙ୍କ କ୍ଷେତ୍ରରେ ୪୫ରୁ ୫୦ବର୍ଷ ବୟସ ମଧ୍ୟରେ ଋତୁ ବିରତି ଘଟିଥାଏ। ଋତୁବିରତି ପରେ ପରେ କେତେକ ଯନ୍ତ୍ରଣା ଦାୟକ ଶାରୀରିକ ଏବଂ ମାନସିକ ଲକ୍ଷଣ ମହିଳାମାନଙ୍କ କ୍ଷେତ୍ରରେ ଘଟିବାର ସମ୍ଭାବନା ଥାଏ। ଏ ଅବଧି ମଧ୍ୟରେ ପୁରୁଷମାନେ ସ୍ୱାସ୍ଥ୍ୟ, ସାମର୍ଥ୍ୟ ଏବଂ ପ୍ରଜନନ ବିଷୟରେ ଅଧିକ ଚିନ୍ତା ପ୍ରକଟ କରିଥାନ୍ତି।

ମଧ୍ୟ ବୟସକୁ ସୃଜନଶୀଳତା ଏବଂ ସମାଜପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନର ସମୟ ଭାବରେ ମଧ୍ୟ ବିବେଚନା କରାଯାଏ। ଦେଖାଯାଇଛି ଯେ ବୈଜ୍ଞାନିକ, ଲେଖକ ଏବଂ କଳାକାର ମାନଙ୍କର ସର୍ବୋତ୍କୃଷ୍ଟ କାର୍ଯ୍ୟମାନ ବିଳମ୍ବିତ ଚତୁଃଦଶକରୁ ଓ ପଞ୍ଚଦଶକମଧ୍ୟରେରେ ସୃଷ୍ଟି ହୁଏ। ମଧ୍ୟ-ପ୍ରୌଢ଼ାବସ୍ଥାକୁ ଏରିକ୍‌ସନ୍ 'ଜନନତା-ବନାମ-ଆତ୍ମ ନିମଗ୍ନତା' ସମ୍ବନ୍ଧୀୟ ସଂକଟର ଏକ ପର୍ଯ୍ୟାୟ ଭାବରେ ଚିତ୍ରଣ କରିଛନ୍ତି। ଜଣେ ବ୍ୟକ୍ତି ଏହି ସମୟକୁ ଅର୍ଥପୂର୍ଣ୍ଣ ଅବଦାନର ସମୟରେ ପରିଣତ ନକଲେ, ସ୍ୱାର୍ଥପର ଆବଶ୍ୟକତା ଏବଂ କାମନା ମଧ୍ୟରେ ସେ ଆବଦ୍ଧ ହୋଇପଡେ। ମଧ୍ୟ ବୟସ ଅବସ୍ଥାନ୍ତର ଚତୁଃଦଶକର ଏକ ଅଶାନ୍ତ ବୟସ ବୋଲି ମଧ୍ୟ ବିବେଚିତ ହୋଇଥାଏ। ଲୋକେ ନିଜକୁ ବୃଦ୍ଧ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଥାନ୍ତି ଏବଂ ନିଜର ମୃତ୍ୟୁ ବିଷୟରେ ସଚେତନ ହେବା ଫଳରେ ଆବେଗିକ ଅସ୍ଥିରତା ଆସିଥାଏ। ସେମାନେ ସେମାନଙ୍କର ସ୍ୱପ୍ନକୁ କେତେ ମାତ୍ରାରେ ରୂପାନ୍ତରିତ କରିଛନ୍ତି ତାହାର ମୂଲ୍ୟ ନିର୍ଦ୍ଧାରଣ କରିବା ନିମନ୍ତେ ସେମାନେ ଜୀବନର ସମସ୍ତ ଘଟଣାବଳୀର ସମୀକ୍ଷା କରିବାରେ ଲିପ୍ତ ରହିଥାନ୍ତି। ଏହି ପ୍ରକାର ପୁନଃ-ମୂଲ୍ୟ ନିର୍ଦ୍ଧାରଣ ବୃତ୍ତିଗତ ପରିବର୍ତ୍ତନ ଏବଂ ଛାଡପତ୍ର ସଦୃଶ ବୈବାହିକ ସଂପର୍କରେ ପରିବର୍ତ୍ତନ ଦିଗକୁ ଆଗେଇ ନେଇଥାଏ। ଅଧିକାଂଶ ବ୍ୟକ୍ତି ଯେଉଁମାନେ ନିୟମିତ ବୃତ୍ତିରେ ନିଯୁକ୍ତ ଥାନ୍ତି ସେମାନଙ୍କର ମଧ୍ୟ-ବୟସ ଅବଧିର ଅନ୍ତିମକାଳ କର୍ମ ଜୀବନରୁ ସମ୍ଭାବ୍ୟ ଅବସର ସହିତ ସାଲିସ୍ କରିବାର କାର୍ଯ୍ୟ ଏବଂ ଜୀବନରେ ତତ୍‌ସଂପର୍କିତ ପୁନଃ-ଉପଯୋଜନ ସହିତ ସଂପୃକ୍ତ ହୋଇଥାଏ।

ମଧ୍ୟ ବୟସର ବିଶେଷ ଗୁଣାବଳୀ

- ଦକ୍ଷତା, ପରିପକ୍ୱତା, ଦାୟିତ୍ୱବୋଧ ଏବଂ ସ୍ଥିରତା
- ସନ୍ତାନମାନଙ୍କ ଉପରେ ଅଭିନିବେଶ କେନ୍ଦ୍ରୀଭୂତ

- ବାର୍ଦ୍ଧକ୍ୟକାଳ ନିମନ୍ତେ ଯୋଜନା
- ମହିଳାମାନଙ୍କ କ୍ଷେତ୍ରରେ ଋତୁ ବିରତି ଘଟିବା

ବୃଦ୍ଧାବସ୍ଥା ବା ବିଳମ୍ବିତ ପ୍ରୌଢ଼ାବସ୍ଥା

ବିଳମ୍ବିତ ପ୍ରୌଢ଼ାବସ୍ଥା ବା ବୃଦ୍ଧାବସ୍ଥା ପ୍ରାୟ ୬୦ବର୍ଷ ବେଳକୁ ଆରମ୍ଭ ହୁଏ। ଏହି ପର୍ଯ୍ୟାୟରେ ଅଧିକାଂଶ ବ୍ୟକ୍ତି ନିଜର ନିଯୁକ୍ତି ହରାଇଥାନ୍ତି କାରଣ ସକ୍ରିୟ ଚାକିରୀରୁ ସେମାନେ ଅବସର ଗ୍ରହଣ କରନ୍ତି। ସେମାନେ ସେମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଭୟଭୀତ ହେବାକୁ ଆରମ୍ଭ କରନ୍ତି। ଆମ ସମାଜରେ ବୟୋଜ୍ୟେଷ୍ଠ ମାନଙ୍କୁ ପୂର୍ବବତ୍ ସକ୍ରିୟ ନ ରହିବା, ବୌଦ୍ଧିକ ସ୍ତରରେ ହ୍ରାସ, ସଂକୀର୍ଣ୍ଣମନା ଏବଂ ଧର୍ମ ଓ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେବା ବ୍ୟକ୍ତି ଭାବରେ ପ୍ରତ୍ୟକ୍ଷଣ କରାଯାଇ ଥାଏ। ଅଧିକାଂଶ ବୃଦ୍ଧ ସେମାନଙ୍କର ପତି ବା ପତ୍ନୀଙ୍କୁ ହରାଇଥାନ୍ତି, ଫଳତଃ ଆବେଗିକ ଅସ୍ଥିରତାରେ ପୀଡିତ ହୁଅନ୍ତି। ତେବେ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଘଟି ନଥାଏ। ୬୦ବା ତଦୁର୍ଦ୍ଧ ବୟସର ଅନେକ ବ୍ୟକ୍ତି ଅତି ସୁସ୍ଥ ଏବଂ କାର୍ଯ୍ୟକ୍ଷମ ଥାନ୍ତି। ବ୍ୟାୟାମ, ନିୟନ୍ତ୍ରିତ ଖାଦ୍ୟ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ବଳିତ ଜୀବନଶୈଳୀ ବୃଦ୍ଧ ବୟସରେ ଏକ ଅର୍ଥପୂର୍ଣ୍ଣ ଓ ସକ୍ରିୟ ଜୀବନକୁ ଉପଭୋଗ କରିବା ଲାଗି ଲୋକମାନଙ୍କୁ ସାହାଯ୍ୟ କରିଥାଏ। ତେବେ ବୟୋବୃଦ୍ଧି ମଧ୍ୟ ଏକ ମନସ୍ତାତ୍ତ୍ୱିକ ବ୍ୟାପାର। ଲେଖକ, ରାଷ୍ଟ୍ରନୀତିଜ୍ଞ, ଅଧ୍ୟାପକ ଏବଂ ଯୋଗୀମାନଙ୍କ ସଦୃଶ ଅସଂଖ୍ୟ ଉଦାହରଣ ରହିଛି ଯେଉଁମାନେ ବୃଦ୍ଧାବସ୍ଥାରେ ଏକ ସୃଜନାତ୍ମକ ଓ କର୍ମମୟ ଜୀବନ ଯାପନ କରୁଛନ୍ତି। ତେଣୁ ଏହା ଉଲ୍ଲେଖନୀୟ ଯେ ବୃଦ୍ଧାବସ୍ଥା ଏକ ଅତ୍ୟଧିକ ସୁଖମୟ ଓ ସଂପୂର୍ଣ୍ଣତାର ଅବଧି ହୋଇପାରେ। ମାନସିକ ଓ ଶାରୀରିକ ଅବନତି ଯେ ନିଶ୍ଚୟ ଘଟିବ, ଏହା ନୁହେଁ। ବ୍ୟକ୍ତିମାନେ ସେମାନଙ୍କର ୮୦ ଏପରିକି ୯୦ବର୍ଷ ବୟସ ପର୍ଯ୍ୟନ୍ତ ବଳିଷ୍ଠ, କର୍ମଠ ଓ ମର୍ଯ୍ୟାଦାସଂପନ୍ନ ରହିପାରନ୍ତି। ଏହା ସମ୍ଭବ ହୋଇପାରେ ଯଦି ସେମାନେ ଠିକ୍ ମଧ୍ୟ ବୟସରୁ ନିଜର ଯଥେଷ୍ଟ ଯତ୍ନ ନିଅନ୍ତି। ବାସ୍ତବିକ୍ ବୃଦ୍ଧ ବ୍ୟକ୍ତିମାନଙ୍କର ବିଶାଳ ଜ୍ଞାନର ଭଣ୍ଡାର, ଅଭିଜ୍ଞତା ଏବଂ ବିଜ୍ଞତା ରହିଛି ଯାହା ଉପରେ ସମାଜ ନିର୍ଭର କରିପାରେ।

ପାଠ୍ୟଭୁକ୍ତ ପ୍ରଶ୍ନ ୧୨.୨

୧. ମଧ୍ୟବୟସ୍କ ଅବସ୍ଥାର ଯେ କୌଣସି ଦୁଇଟି ବିଶେଷ ଗୁଣାବଳୀ ବର୍ଣ୍ଣନା କର।

____

____

୧୨.୩ ପ୍ରୌଢ଼ାବସ୍ଥା ଓ ବାର୍ଦ୍ଧକ୍ୟ କାଳରେ ଶାରୀରିକ ଓ ଜ୍ଞାନାତ୍ମକ ପରିବର୍ତ୍ତନ

ଆଜିର ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ଉଭୟ ପୁରୁଷ ଓ ମହିଳା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାକୁ ଇଚ୍ଛା କରନ୍ତି। ବୟସ ବଢ଼ିବା ସହିତ ଜୀବକୋଷରେ ରସାୟନିକ ପରିବର୍ତ୍ତନ ବା ପ୍ରତିଯୋଜନକ୍ଷମ ସଞ୍ଚିତ ସାମର୍ଥ୍ୟର କ୍ରମଶଃ ହ୍ରାସ ହେବାଭଳି ନିର୍ଦ୍ଦିଷ୍ଟ ଅବଶ୍ୟମ୍ଭାବୀ ଓ ସାର୍ବଜନୀନ ପରିବର୍ତ୍ତନ ଘଟିଥାଏ। ମଧ୍ୟ ବୟସରୁ ତତୋଽଧିକ ବୟସ ବେଳକୁ କେତେକ ଜ୍ଞାନାତ୍ମକ ପରିବର୍ତ୍ତନ ମଧ୍ୟ ଘଟିଥାଏ। ଏହି ପରିବର୍ତ୍ତନ ଗୁଡିକ ମନ୍ଥର ଓ କ୍ରମାନ୍ୱୟରେ ସଂଘଟିତ ହୁଏ। ସାଧାରଣତଃ ଲୋକମାନେ ବୟୋବୃଦ୍ଧିକୁ ଶାରୀରିକ ଏବଂ ମାନସିକ ଅବନତିର ଏକ ପର୍ଯ୍ୟାୟ ଭାବରେ ବିଚାର କରିଥାନ୍ତି। ଏହି ପରିବର୍ତ୍ତନ ଗୁଡିକର ପ୍ରକୃତି ମୁଖ୍ୟତଃ ଶାରୀରିକ ଏବଂ ଜ୍ଞାନାତ୍ମକ। ଏହି ପରିବର୍ତ୍ତନ ଗୁଡିକୁ ଆସ ଆମେ ବୁଝିବାକୁ ଚେଷ୍ଟା କରିବା।

(କ) ଶାରୀରିକ ପରିବର୍ତ୍ତନ: ଏହା ଦେଖାଯାଇଛି ଯେ ଅଧିକାଂଶ ବ୍ୟକ୍ତିଙ୍କର ଶାରୀରିକ ଅଙ୍ଗମାନଙ୍କର କାର୍ଯ୍ୟକାରୀ କ୍ଷମତା ୩୦ବର୍ଷ ବୟସ ପରେ ବାର୍ଷିକ ୦.୮ରୁ ୧ ପ୍ରତିଶତ ଅବନତି ଘଟିଥାଏ। ଏହି ଅବନତିର କେତେକାଂଶ ସ୍ୱାଭାବିକ, କେତେକ ବ୍ୟାଧି ସଂପର୍କିତ ଏବଂ ଆଉ କେତେକ ମାନସିକ ଚାପ, ବୃତ୍ତିଗତ ପଦବୀ, ପୁଷ୍ଟିଗତ ଅବସ୍ଥା ଏବଂ ଅନ୍ୟାନ୍ୟ ପାରିବେଶିକ ଉତ୍ପାଦକ ଦ୍ୱାରା ସୃଷ୍ଟି ହୋଇଥାଏ। ବୟୋବୃଦ୍ଧି ସହିତ ସଂଶ୍ଳିଷ୍ଟ ପ୍ରମୁଖ ପରିବର୍ତ୍ତନ ଗୁଡିକ ହେଉଛନ୍ତି ବାହ୍ୟ ପରିବର୍ତ୍ତନ, ଆଭ୍ୟନ୍ତରୀଣ ପରିବର୍ତ୍ତନ ଏବଂ ସମ୍ବେଦନା ସାମର୍ଥ୍ୟ ଓ ଜ୍ଞାନାତ୍ମକ ଦକ୍ଷତାରେ ପରିବର୍ତ୍ତନ। ଏହି ପରିବର୍ତ୍ତନ ଗୁଡିକୁ ଆମେ ବୁଝିବାକୁ ଯିବା।

(୧) ବାହ୍ୟ ପରିବର୍ତ୍ତନ: ଏହା ବୃଦ୍ଧ ହେବାଦ୍ୱାରା ବ୍ୟକ୍ତି ବିଶେଷଠାରେ ଦୃଶ୍ୟମାନ ହେଉଥିବା ଲକ୍ଷଣ ଗୁଡିକୁ ସୂଚିତ କରେ। ଅନେକ ବ୍ୟକ୍ତିମାନଙ୍କଠାରେ ବୟସ୍କତାର ଲକ୍ଷଣ ଶୁଭ୍ରକେଶ, ଲୋଳିତ ଚର୍ମ, ଅଙ୍ଗଭଂଗୀର ପରିବର୍ତ୍ତନ ଏବଂ କୁଞ୍ଚିତ ରେଖାର ଆବିର୍ଭାବ ଓ ଅନ୍ୟାନ୍ୟ ପରିବର୍ତ୍ତନ ଦ୍ୱାରା ପ୍ରକାଶ ପାଏ।

ଦୀର୍ଘ ଓ ସ୍ୱାସ୍ଥ୍ୟପ୍ରଦ ଜୀବନର ଯୋଜକ

(କ) ନିୟମିତ ପୁଷ୍ଟିକର ଆହାର ଗ୍ରହଣ କରିବା

(ଖ) ନିୟମିତ ଶାରୀରିକ ବ୍ୟାୟାମ

(ଗ) ମାନସିକ ଚାପର ମାତ୍ରାକୁ ହ୍ରାସ କରିବା

(ଘ) ଧୂମ୍ରପାନ, ମଦ୍ୟପାନ ଓ ନିଶାଯୁକ୍ତ ଔଷଧ ବର୍ଜନ କରିବା

(ଙ) କେତେକ ନିର୍ଦ୍ଧିଷ୍ଟ ସକରାତ୍ମକ ଗୁଣକୁ ଉନ୍ନତ କରିବା

(ଚ) ଆଧ୍ୟାତ୍ମିକତା ଓ ବିଶ୍ୱାସର ବିକାଶ କରିବା

୨. ଆଭ୍ୟନ୍ତରୀଣ ପରିବର୍ତ୍ତନ : ଏହି ପରିବର୍ତ୍ତନ ଗୁଡିକ ଦୃଶ୍ୟମାନ ହେଉନଥିବା ବାର୍ଦ୍ଧକ୍ୟର ଲକ୍ଷଣାବଳୀକୁ ସୂଚାଇଥାଏ। ଶ୍ୱାସ-ପ୍ରଶ୍ୱାସ ପ୍ରଣାଳୀ, ଜଠ-ଆନ୍ତ୍ରିକ ସଂସ୍ଥା, ହୃତପିଣ୍ଡ-ଧମନୀ ମଣ୍ଡଳ, ଏବଂ କେନ୍ଦ୍ରୀୟ ସ୍ନାୟୁମଣ୍ଡଳରେ ପରିବର୍ତ୍ତନ ଗୁଡିକ ଏଥିରେ ଅନ୍ତର୍ଭୁକ୍ତ।

ବିଳମ୍ବିତ ବୟଃପ୍ରାପ୍ତ ଅବସ୍ଥାରେ କୃତିତ୍ୱ ହାସଲ କରିଥିବା କେତେକ ମହାନ ବ୍ୟକ୍ତି

- ମହାତ୍ମା ଗାନ୍ଧୀ ଭାରତର ମୁକ୍ତି ସଂଗ୍ରା ନେତୃତ୍ୱ ୭୭ବର୍ଷ ବୟସରେ ନେଇଥିଲେ।
- ବାବା ଆମ୍ତେ
- ରାମକୃଷ୍ଣ ପରମହଂସ
- ମଦର ଟେରେସା

୩. ସମ୍ବେଦନା ସାମର୍ଥ୍ୟରେ ପରିବର୍ତ୍ତନ: ବୟସ ବଢ଼ିବା ସହିତ ସମ୍ବେଦନ - ସାମର୍ଥ୍ୟରେ କ୍ରମଶଃ ଶିଥିଳତା ଆସିଥାଏ। ତୁମେ ଜାଣିଛ ଯେ, ଆମେ ବାହ୍ୟ ଜଗତ ସହିତ ଆମର ଇନ୍ଦ୍ରିୟାଙ୍ଗ ମାଧ୍ୟମରେ ଯୋଗାଯୋଗ କରିଥାଉ। ଏହି ଇନ୍ଦ୍ରିୟାଙ୍ଗ ମଧ୍ୟରୁ କୌଣସିଟି ହରାଇବସିଲେ ଗୁରୁତର ମାନସିକ ଓ ସାମାଜିକ ପରିଣାମ ସଂଘଟିତ ହୋଇପାରେ।

(ଖ) ଜ୍ଞାନାତ୍ମକ ପରିବର୍ତ୍ତନ: 'ଅଭିଜ୍ଞାନ' ହେଉଛି ଏପରି ପ୍ରକ୍ରିୟା ଯଦ୍ୱାରା ତଥ୍ୟ ବା ସୂଚନା ହାସଲ କରାଯାଇ ସଂଚୟ କରାଯାଏ, ଏବଂ ବ୍ୟବହାର କରାଯାଏ। ପ୍ରୌଢ଼ାବସ୍ଥା ଏବଂ ବୃଦ୍ଧାବସ୍ଥାରେ ସ୍ମରଣ, ଶିକ୍ଷଣ, ଅଭିନିବେଶ ଏବଂ କାର୍ଯ୍ୟ ସଂପାଦନର ବେଗ ସଦୃଶ ଅଭିଜ୍ଞାନର ବିଭିନ୍ନ ଦିଗମାନ ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥାନ୍ତି। ବୃଦ୍ଧଲୋକେ, ବହୁ ସମୟରେ ବିସ୍ମରଣଶୀଳତା, ନୂତନ କୌଶଳ ଶିକ୍ଷଣରେ ଏବଂ ଦକ୍ଷତା ହାସଲ କରିବାରେ ଅସୁବିଧାର ସୂଚନା ଦେଇଥାନ୍ତି। ପରିବେଷ୍ଟନୀଗତ ଉଦ୍ଦୀପକ ପ୍ରତି ସେମାନଙ୍କର ଏକାଗ୍ରତା ଏବଂ ଅନୁକ୍ରିୟାଶୀଳତା ହ୍ରାସପାଏ। ସାଧାରଣତଃ ଲୋକେ ବୃଦ୍ଧ ବୟସରେ ଅଧିକ ଦୁର୍ବଳ ହୋଇଯାନ୍ତି।

୧୨.୪ ବୃଦ୍ଧ ବୟସରେ ସମସ୍ୟା ସହିତ ସମାଯୋଜୀକରଣ

ତୁମେ ନିଶ୍ଚିତ ଭାବରେ ଚିନ୍ତା କରୁଥିବ ଯେ, ବୟୋବୃଦ୍ଧିକୁ ରୋକାଯାଇ ପାରିବ କି ? କିମ୍ବା "ଜଣେ କ'ଣ ଆଜୀବନ ଯୁବକ ରହିପାରିବ କି ?" ଆମେ ଜାଣିଛେ ଯେ ବୟୋବୃଦ୍ଧି ଏକ ଜୈବିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ମାନସିକ ଚାପ, ଉତ୍ତେଜନା, ଅଭ୍ୟାସ, ବିଶୃଙ୍ଖଳିତ ଜୀବନ ଶୈଳୀ, ଭଗ୍ନ ସ୍ୱାସ୍ଥ୍ୟ, ଉପଯୁକ୍ତ କର୍ମ ଅଭ୍ୟାସ ପରି ଅନେକ କାରଣ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ। ଏକ ଶୃଙ୍ଖଳିତ ଜୀବନ ଯାପନର ଅର୍ଥ ହେଉଛି ଶରୀରକୁ ବିଶ୍ରାମ ନିମନ୍ତେ ଯଥେଷ୍ଟ ସମୟ ଦେବା, ଉପଯୁକ୍ତ କର୍ମ-ଅଭ୍ୟାସ, ସ୍ୱଳ୍ପ ଉତ୍ତେଜନା, ଉପଯୁକ୍ତ ପୁଷ୍ଟି, ଏବଂ ଆଧ୍ୟାତ୍ମିକତା। ଏଥିରୁ ପ୍ରତୀୟମାନ ହୁଏ ଯେ ବୟୋବୃଦ୍ଧିକୁ ବିଳମ୍ବିତ କରାଯାଇ ପାରିବ ସିନା କିନ୍ତୁ ଏଥିରୁ ଜଣେ ନିସ୍ତାର ପାଇ ପାରିବ ନାହିଁ। ଜଣେ ନିଜର ବୟସକୁ ଅସ୍ୱୀକାର ନ କରି ସ୍ୱୀକାର କରିବା ଏବଂ ବାସ୍ତବବାଦୀ ତଥା ଆଶାବାଦୀ ଭାବରେ କାର୍ଯ୍ୟ କରିବା ଉଚିତ୍। ବିଭିନ୍ନ ଲୋକେ ଭିନ୍ନ ଭିନ୍ନ ସମାଯୋଜ୍ୟ କୌଶଳ ସେମାନଙ୍କ ଜୀବନରେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ନିମନ୍ତେ ଗ୍ରହଣ କରିଥାନ୍ତି। କେତେକ ଫଳପ୍ରଦ ସମାଯୋଜନ କୌଶଳ ନିମ୍ନରେ ପ୍ରଦାନ କରାଯାଇଛି :

(୧) ଏପରି ଏକ ନମନୀୟ ମନୋଭାବର ବିକାଶକର ଯେପରିକି ବୃଦ୍ଧାବସ୍ଥାର ଚାପ ଓ ସମସ୍ୟାବଳୀକୁ ଗ୍ରହଣ କରିହେବ।

(୨) ଜୀବନର ଘଟଣାବଳୀ ସହିତ ଖାପଖୁଆଇ ଚଳିବାପାଇଁ ନୂତନ ମାର୍ଗର ଅନୁସନ୍ଧାନ କରିବାକୁ ହେବ, ଏହା ସ୍ୱୀକାର କର।

(୩) ପରିହାର ବା ଅନ୍ତରଣ କରିବା ପରିବର୍ତ୍ତେ ତଥ୍ୟ ଅନ୍ୱେଷଣ ଏବଂ ସମସ୍ୟା ସମାଧାନ କୌଶଳର ଅଧିକ ପ୍ରୟୋଗ କର।

(୪) ଆତ୍ମ ବିଶ୍ୱାସ, ଆତ୍ମ ନିର୍ଭରଶୀଳତା, ନିଜସ୍ୱ ଶକ୍ତି ଓ ସାମର୍ଥ୍ୟ ସମ୍ବନ୍ଧିତ ସୁସ୍ଥ ମନୋବୃତ୍ତିର ବିକାଶକୁ ତ୍ୱରାନ୍ୱିତ କରିବା।

(୫) ଫଳପ୍ରଦ ସମାଯୋଜନ କୌଶଳ ମାନଙ୍କର ଶିକ୍ଷଣ ଓ ସେମାନଙ୍କୁ ଅକ୍ଷୁର୍ଣ୍ଣ ରଖିବା ଏବଂ ପରିବେଷ୍ଟନୀ ପ୍ରତି ଏକ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବା।

ବୃଦ୍ଧ ବୟସରେ ସୁସ୍ଥ ଉପଯୋଜନ ପାଇଁ ଉପରବର୍ଣ୍ଣିତ ସମାଯୋଜନ ଶୈଳୀ ମାନଙ୍କର ବ୍ୟବହାର ଫଳପ୍ରଦ ହୋଇପାରିବ।

ବୟୋବୃଦ୍ଧି ଓ ସାମାଜିକ ସହାୟତା

ଜୀବନର ସମସ୍ୟାବଳୀର ସହ ସମାଯୋଜିତ ହେବାର ଅନ୍ୟ ଏକ ମାଧ୍ୟମ ହେଉଛି ସାମାଜିକ ସମ୍ବନ୍ଧରେ ବିସ୍ତାର କରିବା। ଦୃଷ୍ଟାନ୍ତ ସ୍ୱରୂପ ସମିତି ବା ସଂଗଠନରେ ଯୋଗଦାନ ଭଳି ବିଭିନ୍ନ ଦଳଗତ କାର୍ଯ୍ୟରେ ଅଂଶ ଗ୍ରହଣ କରିବା। ବୟସ୍କମାନଙ୍କ ପାଇଁ ଅନୌପଚାରିକ ସାମାଜିକ କ୍ରିୟାକଳାପ ନିମନ୍ତେ କେତେକ ସଂଗଠନ ଅଧିକ ସହାୟକ ହେବାର ଦେଖାଯାଏ। ନିକଟବର୍ତ୍ତୀ ଅଂଚଳରେ ବା ଅନ୍ୟତ୍ର ନିଜ ବୟସର ବ୍ୟକ୍ତିମାନଙ୍କୁ ନେଇ ଏକ

ପ୍ରୌଢ଼ାବସ୍ଥା ଏବଂ ବୟୋବୃଦ୍ଧି

ସାମାଜିକ ସମ୍ବନ୍ଧର ଗଠନ ସେମାନଙ୍କର ଜୀବନର ବିଭିନ୍ନ ପରିସ୍ଥିତିରେ ଭାଗୀଦାର ହେବାପାଇଁ ଏବଂ ଉପୁଜିଥିବା ସମସ୍ୟା ନିମିତ୍ତ ଆବେଗାତ୍ମକ ଅଭିବ୍ୟକ୍ତି ପାଇଁ ସେମାନଙ୍କୁ ଅଧିକ ସୁଯୋଗ ଯୋଗାଇଥାଏ। ଏହିଭଳି ସାମାଜିକ ସମ୍ବନ୍ଧ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ ଆନ୍ତରିକତାର ନିଃସର୍ତ୍ତ ପ୍ରକାଶ, ଗୋପନୀୟ ବିଷୟରେ ଭାଗିଦାରୀ, ପରସ୍ପରକୁ ନୂତନ ଅଭିଜ୍ଞତା ଯୋଗାଇବା ଏବଂ ଆସ୍ଥାପୂର୍ଣ୍ଣ ସଂପର୍କର ବିକାଶ ଉପଲବ୍ଧ ହୋଇପାରେ।

ଜେଜେ (ବା ଅଜା) ଓ ଜେଜେ ମାଆ (ବା ଆଈ)ର ଭୂମିକା ଗ୍ରହଣ ବୟୋଜ୍ୟେଷ୍ଠ ମାନଙ୍କୁ ସେମାନଙ୍କର ଅନେକ ବ୍ୟକ୍ତିଗତ ଏବଂ ଆବେଗାତ୍ମକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ସେମାନେ ଅନୁକରଣ ଯୋଗ୍ୟ ଭୂମିକାର ନମୁନା ହୋଇପାରନ୍ତି। ଏହି ଭୂମିକାକୁ ବୃଦ୍ଧ ବ୍ୟକ୍ତିମାନେ ଆବେଗାତ୍ମକ ଭାବରେ ପରିପୂର୍ଣ୍ଣତା ବୋଲି ବିଚାର କରନ୍ତି ଏବଂ ସେମାନଙ୍କର ନାତିନାତୁଣୀ ମାନଙ୍କର କୃତିତ୍ୱ ମାଧ୍ୟମରେ ଆତ୍ମସନ୍ତୋଷ ଲାଭ କରିଥାନ୍ତି।

୧୨.୫ ସମାଜରେ ବୃଦ୍ଧ ବ୍ୟକ୍ତିମାନଙ୍କର ଗୁରୁତ୍ୱ

ଅଭିବାଦନଶୀଳସ୍ୟ ନିତ୍ୟଂ ବୃଦ୍ଧୋପସେବିନଃ।
ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ ଆୟୁର୍ବିଦ୍ୟାୟଶୋବଳମ୍ ॥

"ବୃଦ୍ଧ ମାନଙ୍କୁ ଯେଉଁମାନେ ସମ୍ମାନ ଦିଅନ୍ତି ଏବଂ ସେବାକରନ୍ତି ସେମାନେ ଦୀର୍ଘାୟୁ, ଜ୍ଞାନ, ଯଶ ଓ ସାମର୍ଥ୍ୟ ସଦୃଶ ଚାରିଗୋଟି କ୍ଷେତ୍ରରେ ସମୃଦ୍ଧ ହୋଇଥାନ୍ତି।" ଭାରତୀୟ ସମାଜରେ ଅଭିବୃଦ୍ଧିର ବିଭିନ୍ନ କାରଣ ମଧ୍ୟରୁ ଗୋଟିଏ ହେଉଛି ଏହାର ବହୁ ପିଢ଼ିଗତ ଆଭିମୁଖ୍ୟ, ଅର୍ଥାତ୍ ଗୋଟିଏ ପରିବାରରେ ଅନେକ ପିଢ଼ିର ସହାବସ୍ଥାନ। ଏହା ଯୌଥ ପରିବାର ବ୍ୟବସ୍ଥା ବୋଲି ପରିଚିତ। ବୃଦ୍ଧ ବ୍ୟକ୍ତିମାନେ ସର୍ବଦା ଜ୍ଞାନ ଓ ଅଭିଜ୍ଞତାର ଏକ ବିଶାଳ ଭଣ୍ଡାର ରୂପେ ବିବେଚିତ ହୋଇ ଆସିଛନ୍ତି। ସେମାନଙ୍କ ସହିତ ବାସ କରିବା ଓ ସମ୍ମାନ ଜଣାଇବାର କେବଳ ଯେ ବ୍ୟକ୍ତିଗତ ଅଭିବୃଦ୍ଧିରେ ସାହାଯ୍ୟକରେ ତା'ନୁହେଁ ଅଧିକନ୍ତୁ ଏହା ବ୍ୟକ୍ତିର ବହୁମୁଖୀ ସମୃଦ୍ଧିରେ ସହାୟତା ପ୍ରଦାନ କରେ।

ଅଧୁନା ସମାଜରେ ପରିଦୃଷ୍ଟ ଅନେକ ସମସ୍ୟାର କାରଣ ହେଉଛି ପାରିବାରିକ ବ୍ୟବସ୍ଥାର ଅନ୍ତ। ଆଜିର ଅଳ୍ପବୟସ୍କ ଦମ୍ପତି ସ୍ୱାଧୀନତା ପାଇବା ପାଇଁ ଏବଂ କଟକଣାରୁ ଦୂରେଇ ଯିବା ଲାଗି ଅଲଗା ରହିବାକୁ ପସନ୍ଦ କରନ୍ତି। କିନ୍ତୁ ଏହି ବ୍ୟବସ୍ଥାର ପରୋକ୍ଷ ପ୍ରଭାବ ବିଶେଷକରି ଯୁବପିଢ଼ି ଉପରେ ଅନୁଭୂତ ହେଉଅଛି। ପରିବାରରେ ବୟୋଜ୍ୟେଷ୍ଠମାନେ ସର୍ବଦା ସାଂସ୍କୃତିକ ପ୍ରସାରଣର ଏକ ମାଧ୍ୟମ ଭାବରେ ରହି ଆସିଛନ୍ତି। ଜେଜେ ମା' ବା ଅଜାଆଈ ତୁମକୁ ଯେଉଁ ଗପ କହିଥିଲେ ଓ ନୀତିଶିକ୍ଷା ଦେଇଥିଲେ, ତୁମେ କ'ଣ ତାହା ଭୁଲିପାରିବ? ଆମ ଦେଶରେ ଅନୁସୃତ ସାଂସ୍କୃତିକ ପ୍ରଥା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରସାରିତ ହୋଇଥାଏ। କେନ୍ଦ୍ରିକ ପାରିବାରିକ ବ୍ୟବସ୍ଥାର ସୃଷ୍ଟି ସହିତ ଆମର ଯୁବପିଢ଼ି ଏହି ସମୃଦ୍ଧ ସାଂସ୍କୃତିକ ପ୍ରସାରଣରୁ ବଞ୍ଚିତ ହେଉଅଛି। ଦେଖାଯାଉଅଛି ଯେ ଯୁବପିଢ଼ିର ଆବେଗାତ୍ମକ ଅଭିବ୍ୟକ୍ତି ଏବଂ ମୂଲ୍ୟବୋଧ ମଧ୍ୟ ପରିବାରରେ ବୟୋଜ୍ୟେଷ୍ଠ ମାନଙ୍କର ଅନୁପସ୍ଥିତି ଦ୍ୱାରା ପ୍ରଭାବିତ ହେଉଅଛି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୨.୩

ନିମ୍ନଲିଖିତ ଉକ୍ତି ଗୁଡ଼ିକ ଠିକ୍ ବା ଭୁଲ୍ ଉଲ୍ଲେଖ କର:

୧. ୩୦ବର୍ଷ ବୟସ ପରେ ଶାରୀରିକ ଅଙ୍ଗ ସମୂହର କାର୍ଯ୍ୟକାରୀ କ୍ଷମତାରେ ୦.୮ରୁ ୧ପ୍ରତିଶତ ଅବନତି ପରିଦୃଷ୍ଟ ହୋଇଥାଏ। *ଠିକ୍/ଭୁଲ୍*

୨. ବୟସ ବୃଦ୍ଧି ସହିତ ସମ୍ବେଦନାତ୍ମକ ସାମର୍ଥ୍ୟରେ କ୍ରମଶଃ ପରିବର୍ତ୍ତନ ଆସେ। *ଠିକ୍/ଭୁଲ୍*

୩. ଜଣେ ନିଜର ବୟସକୁ ଗ୍ରହଣ ନକରି ଯୁବକ ହୋଇ ରହିବା ଉଚିତ୍। *ଠିକ୍/ଭୁଲ୍*

୪. ବୟସ ସହିତ ସମାଯୋଜିତ ହେବାରେ ସୁସ୍ଥ ମନୋଭାବର ବିକାଶ ସହାୟତା କରେନାହିଁ। *ଠିକ୍/ଭୁଲ୍*

୫. ବୟସ୍କ ବ୍ୟକ୍ତିମାନେ ସମାଜରେ ସମ୍ମାନରୂପେ ବିବେଚିତ ହେବା ଉଚିତ୍। *ଠିକ୍/ଭୁଲ୍*

ତୁମେ ଯାହାକିଛି ଶିକ୍ଷାଲାଭ କଲ

- ପରିବାର ଓ ବୃତ୍ତି ସଦୃଶ କେତେକ ସ୍ୱତନ୍ତ୍ର ଭୂମିକା ଓ ସଂପର୍କ ବୟଃପ୍ରାପ୍ତ ଅବସ୍ଥାର ପ୍ରଧାନ ମାଇଲଖୁଣ୍ଟ।
- କେବଳ ଜୈବିକ ଅଭିବୃଦ୍ଧି କାରଣରୁ ନୁହେଁ ଅଧିକନ୍ତୁ ଆମର ଜ୍ଞାନ ତଥା ପରିବେଷ୍ଟନୀ ସହ ଆମର ସମ୍ବନ୍ଧଗତ କ୍ରିୟା ଯୋଗୁଁ ଆମର ଦକ୍ଷତା ଓ ବ୍ୟବହାର ବୟସ ବୃଦ୍ଧି ସହିତ ନିରବଚ୍ଛିନ୍ନ ଭାବରେ ପରିବର୍ତ୍ତନ ହୋଇଥାଏ।
- ଆଦ୍ୟ ପ୍ରୌଢ଼ାବସ୍ଥା ହେଉଛି ଆର୍ଥିକ ଓ ଆବେଗାତ୍ମକ ସ୍ୱାଧୀନତା ପ୍ରତିଷ୍ଠା କରିବା ଏବଂ ବୈବାହିକ ସଂପର୍କ ମଧ୍ୟକୁ ପ୍ରବେଶ କରିବା ଭଳି ନୂତନ କାର୍ଯ୍ୟ ଓ ଆହ୍ୱାନ ମାନଙ୍କ ପରି ବିଶେଷ ଲକ୍ଷଣଯୁକ୍ତ ପର୍ଯ୍ୟାୟ।
- ମଧ୍ୟ ବୟସକୁ ସୃଜନଶୀଳତା ଏବଂ ସମାଜପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନର ଅବଧି ରୂପେ ମଧ୍ୟ ବିବେଚନା କରାଯାଏ।
- ଆମ ସମାଜରେ ବୟୋଜ୍ୟେଷ୍ଠ ମାନଙ୍କୁ ପୂର୍ବବତ୍ ସକ୍ରିୟ ନ ରହିବା, ବୌଦ୍ଧିକ ସ୍ତରରେ ହ୍ରାସ, ସଂକୀର୍ଣ୍ଣମନା, ଏବଂ ଧର୍ମ ଓ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତିଭାବେ ସାଧାରଣତଃ ପ୍ରତ୍ୟେକ୍ଷଣ କରାଯାଏ।
- ବୟୋବୃଦ୍ଧି ସହିତ ସଂଶ୍ଳିଷ୍ଟ ପ୍ରମୁଖ ପରିବର୍ତ୍ତନ ଗୁଡିକ ହେଉଛନ୍ତି ବାହ୍ୟ ପରିବର୍ତ୍ତନ, ଆଭ୍ୟନ୍ତରୀଣ ପରିବର୍ତ୍ତନ ଏବଂ ସମ୍ବେଦନଶୀଳତାର ସମାର୍ଥ୍ୟରେ ପରିବର୍ତ୍ତନ।
- ଏକ ଶୃଙ୍ଖଳିତ ଜୀବନ ଯାପନର ଅର୍ଥ ହେଉଛି ଶରୀରକୁ ବିଶ୍ରାମ ନିମନ୍ତେ ଯଥେଷ୍ଟ ସମୟ ଦେବା, ଉପଯୁକ୍ତ କର୍ମ ଅଭ୍ୟାସ, ସ୍ୱଳ୍ପ ଉତ୍ତେଜନା, ଉପଯୁକ୍ତ ପୁଷ୍ଟି ଏବଂ ଆଧ୍ୟାତ୍ମିକତା ସମ୍ବଳିତ ଜୀବନ। ଏହା ବୃଦ୍ଧ ବୟସର ସମସ୍ୟାବଳୀ ସହ ସମାଯୋଜନରେ ସାହାଯ୍ୟ କରିପାରେ।
- ବୃଦ୍ଧ ବ୍ୟକ୍ତିମାନେ ଜ୍ଞାନ ଓ ଅଭିଜ୍ଞତାର ଏକ ବିଶାଳ ଭଣ୍ଡାର ରୂପେ ବିବେଚିତ ହୋଇ ଆସିଛନ୍ତି।

ଅନ୍ତିମ ପ୍ରଶ୍ନାବଳୀ

୧. ଏକ ଦୀର୍ଘାୟୁ ଓ ସ୍ୱାସ୍ଥ୍ୟବାନ୍ ଜୀବନର ଯୋଜକମାନଙ୍କୁ ବର୍ଣ୍ଣନା କର।

୨. ବୃଦ୍ଧ ବୟସର ଚାପ ଏବଂ ସମସ୍ୟାବଳୀର ସମାହିତ କରିବାରେ କେଉଁ ମନୋଭାବ ସହାୟକ ଅଟେ ?

୩. ସମାଜରେ ଆଜିର ସମସ୍ୟାବଳୀର ମୁଖ୍ୟ କାରଣ କ'ଣ ?

୪. ବୃଦ୍ଧ ବୟସରେ ଜଣେ ବ୍ୟକ୍ତି କିପରି ସୁସ୍ଥ ରହି ପାରିବେ ?

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତରମାଳା

୧୨.୧

୧. ସ୍ୱୟଂକ୍ରିୟ, ସ୍ୱାଧୀନ, ବୃତ୍ତିର ଚୟନ, ନୂତନ କାର୍ଯ୍ୟାବଳୀ ଓ ଆହ୍ୱାନ, ଘନିଷ୍ଠ ସମ୍ପର୍କ।

୧୨.୨

୧ (କ) ଦକ୍ଷତା

(ଖ)ସନ୍ତାନ ମାନଙ୍କଠାରେ ଅଭିନିବେଶ

(ଗ) ବୃଦ୍ଧ ବୟସ ନିମନ୍ତେ ଯୋଜନା ପ୍ରସ୍ତୁତି

(ଘ) ଋତୁବିରତି ଘଟିବା।

୨. ଶାରୀରିକ ବ୍ୟାୟାମ, ଉପଯୁକ୍ତ ପୁଷ୍ଟି ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା

୧୨.୩

(୧) ଠିକ୍

(୨) ଠିକ୍

(୩) ଭୁଲ୍

(୪) ଭୁଲ୍

(୫) ଠିକ୍

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ଭାଗ ୧୨.୩ ର ସହାୟତା ନିଅ।

୨. ଭାଗ ୧୨.୪ ର ସହାୟତା ନିଅ।

୩. ଭାଗ ୧୨.୫ ର ସହାୟତା ନିଅ।

୪. ଭାଗ ୧୨.୩ର ସହାୟତା ନିଅ।